

ସାମ୍ବିଧାନିକ ସଂସ୍ଥାକୁ ବଦନାମ କରୁଛନ୍ତି ବିରୋଧୀ

ପୃଷ୍ଠା ୫


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 188 ଭାଗ ୩୪ | ସଂଖ୍ୟା ୧୮୮ | Tuesday 29 September 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୨୯ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଡିଏମଏଫରୁ ଫାଇଭ୍-ଟି

## ସବୁଠି ଅନିୟମିତତା ଧରିଲେ ସିଏଜି




ଡିଏମଏଫ ଫଣ୍ଡର ବ୍ୟାପକ ଅପବ୍ୟବହାର

ଖଣି ଅଞ୍ଚଳ ଲୋକଙ୍କୁ ଉପେକ୍ଷା କରିଛି ବିଜେଡି ସରକାର

ପାନୀୟ ଜଳ ଯୋଗାଣରେ ଲକ୍ଷ୍ୟ ହାସଲରେ ବିଫଳ

ଖର୍ଚ୍ଚ ହୋଇପାରିନି ବ୍ଲୁ ଇକୋନୋମି ଓ ପର୍ଯ୍ୟଟନ ପାଣ୍ଠି

୫-ଟି ବିଦ୍ୟାଳୟ ରୂପାନ୍ତରଣରେ ହେରଫେର୍

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଖଣି ପାଇଁ ଭିଟାମାଟି ହରାଇବା ସହ ବର୍ଷ ବର୍ଷ ଧରି ଧୂଳିଧୂଆଁରେ ଜୀବନ ବିତାଉଥିବା ଲୋକଙ୍କ କଲ୍ୟାଣ ପାଇଁ ଗଠିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିରେ ବ୍ୟାପକ ଅନିୟମିତତା ଓ ହରିଲୁଟର ସଙ୍ଗୀନ ଚିତ୍ର ପଦାକୁ ଆସିଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମକେକେକେୱାଇ) ଅଧୀନରେ ପ୍ରଭାବିତ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସ୍ଥାୟୀ ଜୀବିକା ଯୋଗାଇବା ବଦଳରେ ବିଜେଡି ସରକାର ସମୟରେ ସରକାରୀ ବାବୁ ଓ ପ୍ରଶାସନିକ କଳ ଏହି ଅର୍ଥକୁ ନିଜ ମନମୁଖୀ ପ୍ରକଳ୍ପରେ ଖର୍ଚ୍ଚ କରିଛନ୍ତି। ଆଜି ବିଧାନସଭାରେ ଉପସ୍ଥାପିତ ସିଏଜି ଅଡିଟ ରିପୋର୍ଟ ରାଜ୍ୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଡିଏମଏଫ ପାଣ୍ଠିର ବ୍ୟାପକ ଅନିୟମିତତା ଓ ହରିଲୁଟର ପର୍ଦ୍ଦାଫାଶ କରିଛି।

ବିଜେଡି ଶାସନ କାଳରେ ନିୟମକୁ ଜଳାଞ୍ଜଳି ଦେଇ ମୂଳ ଖଣି ପ୍ରଭାବିତ ଗରିବ ଓ ଆଦିବାସୀ ଜନସାଧାରଣଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି ଓ କେଉଁଭଳି ଭାବେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ଇକୋ-ରିଟ୍ରିଟ୍ ପାର୍କ, କମ୍ପାନୀ ଶ୍ରମିକଙ୍କ ପିପିଇ କିଟ୍ ଓ ଘରୋଇ ସଂସ୍ଥାଙ୍କ ଅହେତୁକ ଅନୁକମ୍ପା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ତା'ର ଚିତ୍ର ପଦାକୁ ଆଣିଛନ୍ତି ସିଏଜି। ସିଏଜିଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ଯେ ରାଜ୍ୟରେ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ୩୦ଟି ଜିଲ୍ଲାର ଡିଏମଏଫ ପାଣ୍ଠିକୁ ପ୍ରାୟ ୨୬୬୦୨.୬୬ କୋଟି ଟଙ୍କା ଆସିଥିବା ବେଳେ ସେଥିରୁ ପ୍ରାୟ ୨୫୯୬୯.୮୭ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ମାତ୍ର ବାସ୍ତବରେ ୧୫୮୧୭.୫୬ କୋଟି ଟଙ୍କା (୫୯.୪୬%) ଖର୍ଚ୍ଚ ହୋଇପାରିଛି। ଅଡିଟ ପାଇଁ ନମୁନା ଭାବେ ନିଆଯାଇଥିବା ୬ଟି ଜିଲ୍ଲା କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ମୟୂରଭଞ୍ଜ, ଢେଙ୍କାନାଳ ଓ ନବରଙ୍ଗପୁରରେ ମଞ୍ଜୁର ୧୭୪୩୫ଟି ପ୍ରକଳ୍ପ ମଧ୍ୟରୁ ପ୍ରାୟ ୩୮% ପ୍ରକଳ୍ପ ବର୍ଷ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ ୧୧୯୪ଟି ପ୍ରକଳ୍ପର କାମ ଆରମ୍ଭ ହିଁ ହୋଇନାହିଁ। କେବଳ ସେତିକି ନୁହେଁ, କାର୍ଯ୍ୟ ଶେଷ ହେବା ପରେ ବି ପୃଷ୍ଠା-୬

ଶାହ ତୁଟାଇବେ ମହାନଦୀ ଜଳ ବିବାଦ

## ଅକ୍ଟୋବର ପହିଲାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ




ନୂଆଦିଲ୍ଲୀ,୨୮।୯: ମହାନଦୀ ବିବାଦ ଖୁବଶୀଘ୍ର ସମାଧାନ ନେଇ ଆଶା ବଢ଼ିଲା। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ଓଡ଼ିଶା ଗସ୍ତ ସରିବାର ୧୦ ଦିନ ପରେ ପୁଣି ଥରେ ଏକାଠି ହେବେ ଦୁଇ ରାଜ୍ୟର ମୁଖିଆ। ଆସନ୍ତା ଅକ୍ଟୋବର ୧ରେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ହେବ। ଏନେଇ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଣ୍ଟ୍ରାଲ୍ ୱାଟର୍ କମିଶନର ସଚିବ ମହାନଦୀ ଟ୍ରିବ୍ୟୁନାଲକୁ ବିଗତ ଦୁଇଟି ବୈଠକର ବିବରଣୀ ପ୍ରଦାନ କରିଛନ୍ତି। ଯାହାକୁ ଟ୍ରିବ୍ୟୁନାଲ୍ ଆଜି ତାଙ୍କର ରେକର୍ଡରେ ଲିପିବଦ୍ଧ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ମିଟିଂ ହେବ। ମହାନଦୀ ଜଳ ବିବାଦକୁ ନେଇ ଆପୋସ ପୃଷ୍ଠା-୬

ଏସିଆନ୍ ଗେମ୍ସ କ୍ରିକେଟ୍

## ସେମିରେ ଭାରତ




### ବର୍ଷା ଯୋଗୁଁ ବିନା ଟସ୍‌ରେ ମ୍ୟାଚ୍ ବାତିଲ

ନିସିନ୍,୨୮।୯: ଚଳିତ ଏସିଆନ୍ ଗେମ୍ସ କ୍ରିକେଟ୍‌ରେ ଆଜି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ଆଜି ଏଠାରେ କ୍ୱାର୍ଟର୍ ଫାଇନାଲ୍‌ରେ ଆଫଗାନିସ୍ତାନକୁ ଭେଟିବାକୁ ଥିବା ବେଳେ ଭୀଷଣ ବର୍ଷା କାରଣରୁ ଟସ୍ ବି ପଡ଼ିପାରି ନ ଥିଲା। ତେଣୁ ପ୍ରତିପକ୍ଷ ଆଫଗାନିସ୍ତାନ ତୁଳନାରେ ଭାରତର ରେଟିଂ ଅଧିକ ଥିବାରୁ ଏହା ସେମିଫାଇନାଲ୍ ଖେଳିବା ସକାଶେ ଯୋଗ୍ୟତା ହାସଲ କରିଛି। ସେହିପରି ଆଜିର ପ୍ରଥମ କ୍ୱାର୍ଟର୍ ଫାଇନାଲ୍‌ଟି ପାକିସ୍ତାନ ହଂକଂକୁ ଭେଟିବାକୁ ଥିବା ବେଳେ ଏହି ମ୍ୟାଚ୍‌ଟି ମଧ୍ୟ ଭୀଷଣ ବର୍ଷା କାରଣରୁ ଖେଳାଯିବା ସମ୍ଭବପର ହୋଇପାରିନାହିଁ। ଭାରତ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନରେ ଥିବା ବେଳେ ପାକିସ୍ତାନ ଷଷ୍ଠ ସ୍ଥାନରେ ରହିଛି। ଭାରତ ଓ ପାକିସ୍ତାନ ସେମିଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ଅନ୍ୟ ଦୁଇ ଦଳ ହଂକଂ ଓ ଆଫଗାନିସ୍ତାନ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଭାରତ ଆସନ୍ତା ୧ ତାରିଖରେ ଦ୍ୱିତୀୟ ସେମିଫାଇନାଲ୍‌ରେ ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର୍ ଫାଇନାଲ୍‌ର ବିଜେତାକୁ ଭେଟିବ।

ବହୁଚର୍ଚ୍ଚିତ ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ମାମଲା

## ୩ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ଆତ୍ମସମର୍ପଣ

କେନ୍ଦୁଝର,୨୮।୯(ସଂଚାର ବ୍ୟୁରୋ): କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବହୁଚର୍ଚ୍ଚିତ ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ମାମଲାରେ ଆଜି ୩ ଜଣ ଯନ୍ତ୍ରୀ ଆତ୍ମସମର୍ପଣ କରିଛନ୍ତି। ସୋମବାର କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଦ୍ୟୁତ୍ ବିଭାଗର ୩ ଜଣ ଯନ୍ତ୍ରୀ ମନୋରଞ୍ଜନ ଜେନା, ଚିତ୍ତରଞ୍ଜନ ମିଶ୍ର ଓ ମୀନକେତନ ସାମଲ ଆତ୍ମସମର୍ପଣ କରିଛନ୍ତି। ହାଇକୋର୍ଟରୁ ସର୍ତ୍ତ ମୂଳକ ଜାମିନ ପାଇବା ପରେ ତିନି ଜଣଯାକ ଯନ୍ତ୍ରୀ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବହୁଚର୍ଚ୍ଚିତ ଷ୍ଟ୍ରିଟଲାଇଟ୍ ଦୁର୍ନୀତି ମାମଲା କେନ୍ଦୁଝର ଜିଲ୍ଲା ସହ ଅନ୍ୟ ୫ଟି ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା। ମାମଲାକୁ ନେଇ ପୂର୍ବରୁ କଣ୍ଟ୍ରାକ୍ଟର ବିଭୁତି ଭୂଷଣ ବିଶ୍ୱାଳ ଜେଲ ଯାଇଥିବା ବେଳେ ସେ ଜାମିନରେ ଆସିଛନ୍ତି। ବିଶେଷକରି କେନ୍ଦୁଝର ଜିଲ୍ଲାରେ କେତେକ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ବେଳେ ଆଜି ଆତ୍ମସମର୍ପଣ କରିଥିବା ଯନ୍ତ୍ରୀମାନେ ମଧ୍ୟ ଅଭିଯୁକ୍ତ ଅଛନ୍ତି।

'ଆଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମରେ ସାଂସଦ ଧର୍ମେନ୍ଦ୍ର



## ସାମାଜିକ ଦାୟିତ୍ୱବୋଧକୁ ସୁଦୃଢ଼ କରିବା

ଅନୁଗୋଳ,୨୮।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସାରା ଦେଶରେ ପାଳିତ ହେଉଥିବା 'ପୋଷଣ ମାସ' ଓ 'ସେବା ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ବାମୁରଠାରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ସେବା ସମ୍ବାଦ' ଏବଂ 'ଆଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ବାମୁରସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଶିଶୁମାନଙ୍କ ସହ ସମୟ ବିତାଇଥିଲେ। ଅଙ୍ଗନୱାଡ଼ି ଓ ଆଶା କର୍ମୀ ଏବଂ ହିତାଧିକାରୀଙ୍କ ସହ ଭାବବିନିମୟ କରି ସେମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଶିଶୁଙ୍କ ପ୍ରାଥମିକ ଯତ୍ନ, ମାନସିକ ଓ ଶାରୀରିକ ବିକାଶ କ୍ଷେତ୍ରରେ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସୁପରିଚାଳନା, ଗର୍ଭବତୀ ମା' ଓ ଶିଶୁଙ୍କ ପୋଷଣ ଓ ସାମାଜିକ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ୨୦୩୬ରେ ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତ ଗଠନର ପ୍ରକୃତ ମୂଳଦୁଆ ହେଉଛନ୍ତି ଆମର ଆଗାମୀ ପିଢ଼ି ଓ ଶିଶୁ। ସରକାରୀ ପ୍ରୟାସ ସାଙ୍ଗକୁ ଶିଶୁମାନଙ୍କ ସଠିକ୍ ପୋଷଣ, ଆଦ୍ୟ ଯତ୍ନ, ଅପପୁଷ୍ଟି ଓ ରକ୍ତହୀନତା ଦୂରୀକରଣ ପାଇଁ ପ୍ରତ୍ୟେକ ନାଗରିକ ନିଜ ନିଜର ସାମାଜିକ ଦାୟିତ୍ୱ ନେବା ଆବଶ୍ୟକ। ପୃଷ୍ଠା-୬





ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ୍-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି

(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।

ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL

TP WESTERN ODISHA DISTRIBUTION LIMITED

(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ।


## ସମ୍ପୂର୍ଣ୍ଣ ଚାଲିପାରିଲାନି ବର୍ଷା ଅଧିବେଶନ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ବର୍ଷାକାଳୀନ ଅଧିବେଶନ ସମ୍ପୂର୍ଣ୍ଣ ଭାବେ ଚାଲିପାରିଲା ନାହିଁ। ଏହି ଅଧିବେଶନରେ ଗୃହ କାର୍ଯ୍ୟ ୯ ଦିନ ପାଇଁ ଚାଲିବ ବୋଲି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିବା ବେଳେ ୪ଟି କାର୍ଯ୍ୟ ଦିବସ ପୂର୍ବରୁ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି। ତେବେ ବସିଥିବା ୫ଟି କାର୍ଯ୍ୟ ଦିବସ ବି ହୋହଲ୍ଲା ଏବଂ ହଟ୍ଟଗୋଳରେ ସରିଛି।

ବର୍ଷାକାଳୀନ ଅଧିବେଶନ ଗତ ୨୨ ତାରିଖରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ଏଥିରେ ୯ଟି କାର୍ଯ୍ୟ ଦିବସ ରହିଥିଲା। ତେବେ ପ୍ରଥମ ଦିନରୁ ହିଁ ବିଜେଡି ଓ କଂଗ୍ରେସ ନିଜ ନିଜ ଏଜେଣ୍ଡା ଧରି ଗୃହ ମଧ୍ୟକୁ ଆସି ହଟ୍ଟଗୋଳ କରିଥିଲେ। ବିଜେଡି ଦୁଇ ଦିନ ପାଠ୍ୟପୁସ୍ତକ ପ୍ରସଙ୍ଗରେ ହଟ୍ଟଗୋଳ କରିଥିବା ବେଳେ ଆଉ ତିନି ଦିନ ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲା। କଂଗ୍ରେସ କିନ୍ତୁ ପ୍ରଥମ ଦିନରୁ ହିଁ ଏମ୍ଏମ୍ଡିଆର୍‌କୁ ଅସ୍ତ୍ର କରିଥିଲା। ତେବେ ଅଧିବେଶନର ଚତୁର୍ଥ ଦିନରେ



ଧାର୍ଯ୍ୟ ୯ ଦିନରୁ ବସିଲା ୫ ଦିନ

ବିରୋଧୀଙ୍କ ଅନୁପସ୍ଥିତିରେ ମୁଲତବୀ

ଉପବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ସେଥିରୁ କୌଣସି ସୁଫଳ ମିଳି ନ ଥିଲା।

ଲଗାତାର ଚାରି ଦିନରେ ଘଣ୍ଟାଏ ହେଲେ ଗୃହକାର୍ଯ୍ୟ ହୋଇପାରି ନ ଥିବା ବେଳେ ପଞ୍ଚମ ତଥା ଅନ୍ତିମ ଦିନରେ ହଟ୍ଟଗୋଳ ଭିତରେ କିଛି ସମୟର ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲିଥିଲା। ସେହିଭଳି ହଟ୍ଟଗୋଳ ଓ କକ୍ଷତ୍ୟାଗ ମଧ୍ୟରେ ଚାରିଟି ବିଲ୍ ଗୃହରେ ପାସ ହେବା ସହ ଗୃହକାର୍ଯ୍ୟ ପରବର୍ତ୍ତୀ ଅଧିବେଶନ ପର୍ଯ୍ୟନ୍ତ ବନ୍ଦ ହୋଇଥିଲା।

ବନ୍ୟାକୁ କାରଣ ଦେଖାଇ ଶାସକ ଦଳ ଗୃହ ମୁଲତବୀ ପ୍ରସ୍ତାବ ଆଣି ତାହାକୁ ପାରିତ କରିଥିବା ବେଳେ ବନ୍ୟା ଉପରେ କିନ୍ତୁ ଗୃହରେ ଘଣ୍ଟାଏ ଆଲୋଚନା ହୋଇପାରି ନ ଥିଲା। ଅଧିବେଶନର ଅନ୍ତିମ ଦିନରେ ଖାଲି ଗୃହ ଏକାଧିକ ଥର ମୁଲତବୀ ହୋଇ ନ ଥିଲା, କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟରେ ଘଣ୍ଟ ବଜାଇ ପ୍ରତିବାଦ କରୁଥିବା ବି ଦେଖିବାକୁ ମିଳିଥିଲା।

ବିରୋଧୀଙ୍କ ଲଗାତାର ପ୍ରତିବାଦ ଓ ଶାସକ ଦଳର ନୀରବତା ଭିତରେ ବର୍ଷା ଅଧିବେଶନ ସହ ରାଜ୍ୟର ଅନେକ ପ୍ରସଙ୍ଗ ବି ଧୋଇହୋଇଗଲା। ଅଧିବେଶନ ଆରମ୍ଭରୁ ବିଭିନ୍ନ ସଂଗଠନ ରାଜଧାନୀରେ ପ୍ରତିବାଦ କରିବା ସହ ସେମାନଙ୍କ ଦାବି ସମ୍ପର୍କରେ କେତେବେଳେ ଗୃହରେ ଆଲୋଚନା ହେବ ବୋଲି ଚାହିଁ ବସିଥିଲେ। ସେହିଭଳି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ, ଏମ୍ଏମ୍ଡିଆର୍, ଭିତ୍ତା ମିଳିବାରେ ବିଳମ୍ବ, ମହାନଦୀ ଜଳ ବିବାଦ ଭଳି ପ୍ରସଙ୍ଗ ବି ଆଲୋଚନାକୁ ଆସିପାରିଲା ପୃଷ୍ଠା-୬

## ଏମ୍ଏମ୍ଡିଆର୍ ବିରୋଧରେ ନବୀନଙ୍କ ଯୁଦ୍ଧ ଡାକରା




ରାଜଧାନୀ ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

ଓଡ଼ିଶାର ଅଧିକାର ପାଇଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିବି: ନବୀନ

ଜେନ-ଜି'ଙ୍କ ଭବିଷ୍ୟତ ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ବିରୋଧ ବିଜେଡି ଆଜି ବିକ୍ଷୋଭ ପ୍ରଦର୍ଶନ ସହ ନିଜର ଶକ୍ତି ପ୍ରଦର୍ଶନ କରିଛି। ଏହି ବିକ୍ଷୋଭରେ ସାମିଲ ହୋଇ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଯୁଦ୍ଧ ଡାକରା ଦେଇଛନ୍ତି। ବିଧାନସଭା ଭିତରେ ଓ ବାହାରେ ଜୋରଦାର ପ୍ରଦର୍ଶନ କରିଛି ଦଳ। ଏହି ଆଇନ ବିରୋଧରେ ସମସ୍ତେ ଏକାଠି ଲଢ଼ିବା ପାଇଁ ଦଳ ମତ ନିର୍ବିଶେଷରେ ସେ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ଆଇନ ଓଡ଼ିଶାର ଅଧିକାର ଛଡ଼େଇ ନେଇଛି। ପୃଷ୍ଠା-୬

ଘରକୁ ଆସିଥିବା ମା' ଲକ୍ଷ୍ମୀଙ୍କୁ ଫେରାଇଦେଲା ବିଜେପି

### ରାଜ୍ୟ ଓ ରାଜ୍ୟବାସୀଙ୍କୁ ଠକୁଛି: ସୁଜାତା



ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ବିରୋଧରେ ବିଜେଡିର ବିକ୍ଷୋଭ ସମାବେଶରୁ ମଇଦାନକୁ ଓହ୍ଲାଇଛନ୍ତି ବିଜେଡି ନେତ୍ରୀ ସୁଜାତା କାର୍ତ୍ତିକେୟନ। ଆଜି ପ୍ରଥମ ବିକ୍ଷୋଭ ସମାବେଶରୁ ହିଁ ସେ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛନ୍ତି। ରାମାୟଣରେ ଶ୍ରୀରାମଙ୍କ ଏକ କଥାକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ବିଜେପି ନେତା ମା' ମାଟି ମାତୃଭୂମି ପ୍ରତି ଅନ୍ୟାୟ କରିଛନ୍ତି। ୨୦୦୪ରେ ଓଡ଼ିଶା ବିକାଶ ପାଇଁ ନବୀନ ପଟ୍ଟନାୟକ ଓରିସେଡ ଆଇନ ଆଣିଥିଲେ। ହେଲେ ଖଣି ମାଲିକ ଗଲେ ପୃଷ୍ଠା-୬

## କଂସାର ପଞ୍ଚାୟତରୁ ୧୫୩ ବରିଷ୍ଠ ନାଗରିକଙ୍କ ଶ୍ରୀଜଗନ୍ନାଥ ତୀର୍ଥଯାତ୍ରା



କେନ୍ଦ୍ରାପଡ଼ା,୨୮।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ପଞ୍ଚାୟତର ୧୫୩ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଚାରିଟି ବସ୍‌ରେ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା।

ରାଜ୍ୟ ସରପଞ୍ଚ ସଂଘର ପୂର୍ବତନ ସଭାପତି ତଥା କଂସାର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୬ଟାରେ ଆରମ୍ଭ ହୋଇଥିଲା। ଯାତ୍ରା ଆରମ୍ଭ ସମୟରେ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ମହିଳା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭକାମନା ଜଣାଇଥିଲେ। ସେହିପରି ଏଭଳି ସାମାଜିକ ଓ ଧାର୍ମିକ ପଦକ୍ଷେପ ପାଇଁ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ପ୍ରଶଂସା କରାଯାଇଥିଲା।

ତୀର୍ଥଯାତ୍ରୀମାନଙ୍କ ସୁବିଧା ପାଇଁ ପୁରୀ ପହଞ୍ଚିବା ପୂର୍ବରୁ ଚା, ଜଳଖିଆ, ବିସ୍କୁଟ, ଫଳ ଆଦିର ବ୍ୟବସ୍ଥା କରାଯାଇଥିଲା। ଏହାସହ ପୁରୁଷମାନଙ୍କୁ ଯୋଡ଼ ଓ ମହିଳାମାନଙ୍କୁ ଶାଢ଼ୀ ପ୍ରଦାନ କରାଯାଇଥିଲା। ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଆନନ୍ଦ ବଜାରରେ ମହାପ୍ରସାଦ ସେବନର ମଧ୍ୟ ସୁବ୍ୟବସ୍ଥା କରାଯାଇଥିଲା।

## ଅସହାୟ ପରିବାରକୁ ଅଭିଆରା ଫାଉଣ୍ଡେସନର ଶିକ୍ଷା ସହାୟତା



ମାର୍ଶାଘାଇ,୨୮।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରଣ୍ଡିଆ ପାଟଣା ଗ୍ରାମର ଜଣେ ଅସହାୟ ଭିନ୍ନକ୍ଷମ ପରିବାରକୁ ଅଭିଆରା ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, କରଣ୍ଡିଆ ପାଟଣା ଗ୍ରାମର ଭିନ୍ନକ୍ଷମ ସୁଶାନ୍ତ ଜେନାଙ୍କ ପତ୍ନୀ ସସ୍ମିତା ଜେନାଙ୍କର ଗତ ସେପ୍ଟେମ୍ବର ୪ ତାରିଖରେ କ୍ୟାନ୍ସର ରୋଗରେ ପରଲୋକ ଘଟିଥିଲା। ପତ୍ନୀଙ୍କ ମୃତ୍ୟୁ ପରେ ପରିବାର ଆର୍ଥିକ ଓ ମାନସିକ ଦୁର୍ଦ୍ଦଶା ମଧ୍ୟରେ ଦିନ କାଟୁଥିବା ବେଳେ ଶ୍ରୀ ଜେନା ଦିନମଜୁରିଆ ଭାବେ କାମ କରି ପରିବାରର ଭରଣପୋଷଣ କରୁଛନ୍ତି। ଏପରି ପ୍ରତିକୂଳ ପରିସ୍ଥିତିରେ ତାଙ୍କ ପୁଅ ପ୍ରକାଶ ଜେନାଙ୍କ ଶିକ୍ଷା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଅଭିଆରା ଫାଉଣ୍ଡେସନ ଆଗେଇ ଆସିଛି।

ଫାଉଣ୍ଡେସନର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଉମାକାନ୍ତ ମହାନ୍ତ ଏବଂ ଓଡ଼ିଶା ଭେରିଫିକେସନ୍ ଓ ଫିଲ୍ଡ କୋ-ଅର୍ଡିନେସନ୍ ମୁଖ୍ୟ ମନୋଜ କୁମାର ମଲ୍ଲିକ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ସହ ପ୍ରକାଶଙ୍କୁ ସ୍କୁଲ ବ୍ୟାଗ୍, ବହି ଓ ପେନ୍ ପ୍ରଦାନ କରିଥିଲେ। ଏଥିସହ ପ୍ରକାଶଙ୍କୁ ଅଭିଆରା ଫାଉଣ୍ଡେସନର ମାସିକ ଶିକ୍ଷା ସହାୟତା କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଜଣାପଡ଼ିଛି।

ଅଭିଆରା ଫାଉଣ୍ଡେସନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଅଭିମନ୍ୟୁ ମଲ୍ଲିକ କହିଛନ୍ତି ଯେ, ପ୍ରକାଶଙ୍କ ପାଠପଢ଼ା ନିରବିଚ୍ଛିନ୍ନ ଭାବେ ଜାରି ରହିବା ପାଇଁ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ଶିକ୍ଷା ସହାୟତା ଯୋଗାଇ ଦିଆଯିବ। ଆର୍ଥିକ ଅଭାବ କିମ୍ବା ସାମାଜିକ ପ୍ରତିବନ୍ଧକ ଯୋଗୁଁ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେଉ, ଏହି ଲକ୍ଷ୍ୟ ନେଇ ସଂସ୍ଥା ନିରନ୍ତର ଭାବେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

### ଅଶୃଙ୍ଖଳା ପାଟନାଳି ଜଳବନ୍ଦୀ

# ୪ ବ୍ଲକ୍‌ର ହଜାର ହଜାର ହେକ୍ଟର ଧାନଜମି ଜଳମଗ୍ନ



କେନ୍ଦ୍ରାପଡ଼ା/ଜଗତସିଂହପୁର,୨୮।୯ (ସଂଚାର ବ୍ୟୁରୋ): ଅଶୃଙ୍ଖଳା ପାଟନାଳିରେ ଦୀର୍ଘଦିନ ଧରି ଜଳ ନିଷ୍କାସନ ବ୍ୟବସ୍ଥାର ଅବ୍ୟବସ୍ଥା ଏବେ ଚାରୋଟି ବ୍ଲକ୍‌ର ହଜାର ହଜାର ଚାଷୀଙ୍କ ପାଇଁ ଗଭୀର ସଙ୍କଟ ସୃଷ୍ଟି କରିଛି। ଲଗାଣ ବର୍ଷା ପରେ ପାଟନାଳିରେ ଜମି ରହିଥିବା ପଙ୍କ,ଦଳ, ଅବରୋଧ ଏବଂ ନିୟମିତ ଖନନ ଅଭାବରୁ ବର୍ଷାଜଳ ନିଷ୍କାସନ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ୍ ସହ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍‌ର ମୋଟ ୧୭ଟି ପଞ୍ଚାୟତରେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ଧାନ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବା ବେଳେ ଚାଷୀଙ୍କ ଜୀବିକା ଏବଂ ଆଗାମୀ ଅମଳ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ଗରଦପୁର ବ୍ଲକ୍‌ର ପଦ୍ମପୁର, ବେଢ଼ାରୀ, ପାଟକୁରା, ପାଖଡ଼ ଏବଂ ଗରଦପୁର ପଞ୍ଚାୟତର ବିସ୍ତୃତ କୃଷିଜମିରେ ବର୍ତ୍ତମାନ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି। ସେହିପରି ମାର୍ଶାଘାଇ ବ୍ଲକ୍‌ର ଅନ୍ତେଇ, ବଟିରା, ମଙ୍ଗରାଜପୁର ଓ ତାଳସଙ୍ଗା ପଞ୍ଚାୟତରେ ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଛି। ମହାକାଳପଡ଼ା ବ୍ଲକ୍‌ର ତିଖିରୀ, ଭେରୁଆଁ, ଅମେଇପାଳ, ଖୁରୁଶିଆ, ପାଟୁଳିପଙ୍କ, ତିଳପଙ୍କା ଏବଂ ନଳପିଆ ପଞ୍ଚାୟତରେ ଜଳବନ୍ଦୀ ପରିସ୍ଥିତି ସର୍ବାଧିକ ଗୁରୁତର ରୂପ ନେଇଥିବା ବେଳେ ତିର୍ତ୍ତୋଲ ବ୍ଲକ୍‌ର ସାମନ୍ତରାୟପୁର ପଞ୍ଚାୟତ ମଧ୍ୟ ଏହି ସମସ୍ୟାରୁ ବାଦ ପଡ଼ିନାହିଁ।

### ସଙ୍କଟରେ ଚାଷୀଙ୍କ ଜୀବିକା

ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଧାନ ଫସଲ ଭଲ ହେବାର ଆଶା ଥିବାବେଳେ ଲଗାଣ ବର୍ଷା ଓ ଜଳ ନିଷ୍କାସନ ଅଭାବ ସବୁ ଆଶା ଉପରେ ପାଣି ପକାଇ ଦେଇଛି। ବହୁ ସ୍ଥାନରେ ଧାନ ଗଛ ଦୀର୍ଘ ସମୟ ଧରି ପାଣି ମଧ୍ୟରେ ରହିଥିବାରୁ ପଚିବା ଆରମ୍ଭ କରିଛି। ଆଗାମୀ କିଛି ଦିନ ମଧ୍ୟରେ ପାଣି ନ ଛାଡ଼ିଲେ ବ୍ୟାପକ ଫସଲହାନି ହେବା ସହ ଚାଷୀମାନେ ଆର୍ଥିକ ଦୁର୍ଦ୍ଦଶାରେ ପଡ଼ିବେ ବୋଲି ଆଶଙ୍କା କରାଯାଉଛି।

ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ଅନୁସାରେ ଅଶୃଙ୍ଖଳା ପାଟନାଳିର ପୁନରୁଦ୍ଧାର ଦାବି ବର୍ଷ ବର୍ଷ ଧରି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। ନାଳରେ ବ୍ୟାପକ ପଙ୍କ ଜମି ରହିଥିବା ସହ ଦଳ ଏହା ସହ ବିଭିନ୍ନ ସ୍ଥାନରେ ଜବରଦଖଲ ଓ ଅବ୍ୟବସ୍ଥା କାରଣରୁ ଜଳ ପ୍ରବାହ ସଙ୍କୁଚିତ ହୋଇପଡ଼ିଛି। ଫଳରେ ବର୍ଷା ହେଲେ ଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ପ୍ରତିବର୍ଷ ଚାଷୀମାନେ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

କେବଳ ଚାଷ ଜମି ନୁହେଁ, ଅନେକ ଗ୍ରାମ୍ୟ ରାସ୍ତା ମଧ୍ୟ ଜଳମଗ୍ନ ହୋଇଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଅନେକ ଗ୍ରାମରେ ଯାତାୟାତ ବ୍ୟାହତ ହେଉଥିବା ବେଳେ ଚାଷୀମାନେ ନିଜ ଜମିକୁ ଯିବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି।

ପ୍ରଭାବିତ ଅଞ୍ଚଳର ଚାଷୀ ଏବଂ ବୁଦ୍ଧିଜୀବୀମାନେ ତୁରନ୍ତ ଅଶୃଙ୍ଖଳା ପାଟନାଳିର ଜରୁରୀ ଖନନ, ପଙ୍କ ଅପସାରଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ବୃହତ୍ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଶିକ୍ଷକ ଅଭାବ ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ




ପଟ୍ଟାମୁଣ୍ଡାଇ,୨୮।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ସମୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଶିକ୍ଷକ ଅଭାବ ପ୍ରତିବାଦରେ ଗ୍ରାମବାସୀ ସ୍କୁଲରେ ତାଲା ପକାଇଛନ୍ତି।

ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଅଭାବ ଥିବାବେଳେ ହଠାତ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନେଇ ତୀବ୍ର ପ୍ରତିକ୍ରିୟା ଓ ଉତ୍ତେଜନା ପ୍ରକାଶ ପାଇଛି। ଆଜି ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଗ୍ରାମବାସୀମାନେ ଏକାଠି ହୋଇ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗ୍ରାମବାସୀଙ୍କ କହିବାନୁଯାୟୀ ଦୀର୍ଘ ଦିନ ହେବ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି । ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ନିଯୁକ୍ତି ଦେବା ବଦଳରେ ନିକଟରେ ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ବଦଳି କରିଛନ୍ତି । ଯାହାଫଳରେ ପିଲାଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଇ ଓଓ ଶିକ୍ଷା ବିଭାଗ ପଦସ୍ତ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନ ନିଆଯିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ। ସ୍କୁଲରେ ତାଲା ପଡ଼ିବା କାରଣରୁ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରଛାତ୍ରୀ ମାନେ ଦୀର୍ଘ ସମୟ ଧରି ଖରା ତାତିରେ ବାହାରେ ଛିଡ଼ା ହୋଇ ରହିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ତାଲା ଭଙ୍ଗା ଯାଇଥିଲା। ଏହାପରେ ବିଦ୍ୟାଳୟ ଭିତରକୁ ପ୍ରବେଶ କରି ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ।

## ଶିବାନନ୍ଦ ଆଶ୍ରମରେ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



କେନ୍ଦ୍ରାପଡ଼ା,୨୮।୯ (ସଂଚାର ବ୍ୟୁରୋ): ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆଶ୍ରମ ପରିସରରେ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଲୋକଙ୍କୁ ଉନ୍ନତ ଚକ୍ଷୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ଶତାଧିକ ରୋଗୀ ନିଶୁଳ୍କ ସ୍ୱାସ୍ଥ୍ୟସେବାର ସୁଯୋଗ ପାଇ ଉପକୃତ ହୋଇଥିଲେ।

ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶିବିରକୁ ଉଦ୍‌ଘାଟନ କରି ଜନସାଧାରଣଙ୍କ ମଧ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତର ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଚିକିତ୍ସକ ଡା. ଦେବାଶିଷ ପରିଡ଼ା, ଡା. ଜ୍ଞାନପ୍ରକାଶ ସିଂହ, ଡା. ରାକେଶ କୁମାର ଲେଙ୍କା ଏବଂ ଗୌର ଚନ୍ଦ୍ର ମହାରଣା ପ୍ରମୁଖ ଶିବିରରେ ଯୋଗଦେଇ ଏକଶହରୁ ଅଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ରୋଗୀମାନଙ୍କୁ ଆବଶ୍ୟକୀୟ ଔଷଧ ନିଶୁଳ୍କ ଭାବେ ବଣ୍ଟନ କରାଯାଇଥିଲା।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୧୦୭ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

### ୧୭ଟି ଅଭିଯୋଗର ତ୍ୱରିତ ସମାଧାନ ନିର୍ଦ୍ଦେଶ



ନାରାୟଣପାଟଣା,୨୮।୯ (ସଂଚାର ବ୍ୟୁରୋ): ନାରାୟଣପାଟଣା ବ୍ଲକ ସଭାଗୃହରେ ସୋମବାର କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୦୭ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୧୮ଟି ସାମୂହିକ ଓ ୪୯ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ହୋଇଥିଲା। ଘଟଣାସ୍ଥଳରେ ୧୭ଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶୁଣାଣିରେ ଚାଷଜମି କ୍ଷୟକ୍ଷତି, ଆବାସ ଘର, ବିଜୁଳି, ରାସ୍ତା, ପୋଲ ଓ ଯୋଗାଯୋଗ ଭଳି ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ମଙ୍ଗଳପୁର ଗାଁକୁ ଏଯାଏ ବିଜୁଳି ସଂଯୋଗ ନପହଞ୍ଚିବା ନେଇ ଗ୍ରାମବାସୀ ଅଭିଯୋଗ କରିବାରୁ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଥିଲେ।

ଟାଙ୍ଗଣିପଦର ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ନଷ୍ଟ ହୋଇଥିବା ଏବଂ ମରାମତି ଅଭାବରୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଥିଲା। ସେହିପରି ଭିତରପଡ଼ା, କିଲିମିସି ଆଦି ଗାଁକୁ ଏନ୍‌ବିସିସି ଠିକା ସଂସ୍ଥା ପକ୍ଷରୁ ନିମ୍ନମାନର କାମ ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଗ୍ରାମବାସୀ ଜଣାଇଥିଲେ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଚାଷଜମି ନଷ୍ଟ, ଘର ଭାଙ୍ଗିବା ଓ ପୋଲ କ୍ଷତିଗ୍ରସ୍ତ ହେବା ନେଇ ମଧ୍ୟ ବହୁ ଲୋକ ଅଭିଯୋଗ କରିଥିଲେ। ପରେ ମିଶନ ଶକ୍ତି ଜରିଆରେ କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଅନୁଦାନ ରାଶି ଏବଂ ଜଣେ ଭିନ୍ନକ୍ଷମଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ବିକ୍ରମପୁରସ୍ଥିତ ନୂତନ ହସ୍ପିଟାଲ ପରିଦର୍ଶନ କରି ନିର୍ମାଣାଧୀନ ନୂତନ ସିଏଚ୍‌ସି କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ। ପରେ ବିଜାଘାଟି ପଞ୍ଚାୟତର କାଳିଆମାଳି ପାହାଡ଼ ପରିଦର୍ଶନ କରି ଦାମନଯୋଡ଼ି ଦେଇ କୋରାପୁଟ ଫେରିଥିଲେ।

## ଅବହେଳିତ ଓରତ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ

### ଭିତ୍ତିଭୂମି ଓ ସଚେତନତାର ଅଭାବରୁ ଅପହଞ୍ଚ ସେବା




ମହାକାଳପଡ଼ା,୨୮।୯ (ସଂଚାର ବ୍ୟୁରୋ): ସରକାରୀ ଆୟୁର୍ବେଦିକ ଚିକିତ୍ସା ସେବା ଯୋଗାଇବା ପାଇଁ ରହିଛି ଚିକିତ୍ସାଳୟ। ନିଯୁକ୍ତ ଅଛନ୍ତି ଡାକ୍ତର, ମିଳୁଛି ମାଗଣା ଔଷଧ। ହେଲେ ଆବଶ୍ୟକୀୟ ଭିତ୍ତିଭୂମି ଓ ଜନସଚେତନତାର ଅଭାବ ଯୋଗୁଁ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି ଅନେକ ଲୋକ। ଏଭଳି ସ୍ଥିତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରତ ଗ୍ରାମର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ।

୨୦୧୧ ଜନଗଣନା ଅନୁଯାୟୀ ଦେଉଳପଡ଼ା ପଞ୍ଚାୟତର ଲୋକସଂଖ୍ୟା ୫୭୨୧ ଜଣ। ପଞ୍ଚାୟତର ଲୋକେ ସାଧାରଣ ଚିକିତ୍ସା ପାଇଁ ସରକାରୀ ଚିକିତ୍ସାଳୟ ଓ ନିକଟସ୍ଥ ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି। ହେଲେ ପଞ୍ଚାୟତରେ ଥିବା ଏକମାତ୍ର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଉପଲବ୍ଧ ଥିବା ସମ୍ପର୍କରେ ଅନେକ ଲୋକ ଅବଗତ ନାହାନ୍ତି।

ଏଠାରେ ଡାକ୍ତର ଶ୍ରୀନିବାସ ଦାସ ନିୟୋଜିତ ହୋଇ ପ୍ରତିଦିନ ରୋଗୀଙ୍କୁ ଆୟୁର୍ବେଦିକ ଚିକିତ୍ସା ସହ ମାଗଣା ଔଷଧ ପ୍ରଦାନ କରୁଛନ୍ତି। ବିଭିନ୍ନ ରୋଗର ଚିକିତ୍ସା ସୁବିଧା ଥିଲେ ମଧ୍ୟ ଆବଶ୍ୟକୀୟ ପ୍ରଚାରପ୍ରସାର ଓ ସଚେତନତା ଅଭାବରୁ ଅଞ୍ଚଳର ଅନେକ ଲୋକ ଏହି ସରକାରୀ ସେବା ସମ୍ପର୍କରେ ଜାଣିପାରୁନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଚିକିତ୍ସାଳୟରେ ଶୌଚାଳୟ, ପାନୀୟ ଜଳ ଓ ପରୀକ୍ଷାଗୃହ ଭଳି ମୌଳିକ ସୁବିଧାର ଅଭାବ ରହିଛି। ଏହାର ଉନ୍ନତିକରଣ କରାଗଲେ ରୋଗୀମାନେ ଅଧିକ ସୁବିଧା ପାଇବା ସହ ଆୟୁର୍ବେଦ ଚିକିତ୍ସା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇପାରିବ। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହି ଚିକିତ୍ସାଳୟର ଭିତ୍ତିଭୂମି ବିକାଶ, ଆବଶ୍ୟକୀୟ ସୁବିଧା ଯୋଗାଣ ଓ ଜନସଚେତନତା ବୃଦ୍ଧି ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସିଆର୍‌ପିଏଫ୍ ଯବାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଯୋଡ଼ା,୨୮।୯ (ସଂଚାର ବ୍ୟୁରୋ): ଦୀର୍ଘ ୨୦ ବର୍ଷ ଧରି ଦେଶ ସେବାରେ ନିୟୋଜିତ ରହି ଅବସର ଗ୍ରହଣ କରିଥିବା ଯୋଡ଼ା ମାଟିର ବୀରପୁଅ ତଥା ସିଆରପିଏଫ୍ ଯବାନ ଯାମାଦାର ସିଂ ମୁଣ୍ଡାଙ୍କୁ ଜନ୍ମମାଟିକୁ ଫେରିବା ପରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କୁ ସ୍ୱାଗତ କରିବା ପାଇଁ ଯୋଡ଼ା ସହରରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ସୂଚନା ଅନୁଯାୟୀ, ଶ୍ରୀ ମୁଣ୍ଡା ୨୮ ଜାନୁଆରୀ ୨୦୦୬ରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆର୍‌ପିଏଫ୍)ରେ ଯୋଗଦେଇଥିଲେ। ଚାକିରି କାଳରେ ସେ ଦେଶର ବିଭିନ୍ନ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରି ଦେଶର ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ। ତାଙ୍କର ପ୍ରଥମ ପୋଷ୍ଟିଂ ଅରୁଣାଚଳ ପ୍ରଦେଶର ଦୁର୍ଗମ ସୀମାନ୍ତ ଅଞ୍ଚଳରେ ହୋଇଥିଲା। ଗତ ୩୧ ଅଗଷ୍ଟ ୨୦୨୬ରେ ଦିଲ୍ଲୀରୁ ସେ ସମ୍ମାନର ସହ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ଯୋଡ଼ାକୁ ଫେରିବା ପରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ଫୁଲମାଳ, ଫୁଲ-ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଜା ଓ ରୋଷଣୀରେ ଶୋଭାଯାତ୍ରା ମଧ୍ୟରେ ତାଙ୍କୁ ସ୍ୱାଗତ କରାଯିବାରୁ ସହରରେ ଦେଶପ୍ରେମର ଭାବନା ପ୍ରକାଶ ପାଇଥିଲା।

## ଖୋଲା ଆକାଶ ତଳେ ଶବଦାହ କରୁଛନ୍ତି ପୌରବାସୀ

### ମୃତ୍ୟୁ ପରେ ବି ମିଳୁନି ସମ୍ମାନ, ଶ୍ମଶାନ ଘାଟ ନିର୍ମାଣ ଦାବି



ଆନନ୍ଦପୁର,୨୮।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକାରେ ଏକ ସୁବିଧାଜନକ ଶ୍ମଶାନ ଘାଟ ନଥିବାରୁ ମୃତକଙ୍କ ଶେଷକୃତ୍ୟ ସମୟରେ ପୌରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖରା ହେଉ କି ବର୍ଷା, ଶୀତ ହେଉ କି କାକର— ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଖୋଲା ଆକାଶ ତଳେ ଶବଦାହ କରିବାକୁ ପଡୁଛି ପରିବାର ଲୋକଙ୍କୁ।

ପୌରପାଳିକା ପକ୍ଷରୁ ବିକାଶ ଓ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଥିବା ନେଇ ଦାବି କରାଯାଉଥିବା ବେଳେ ଶବଦାହ ପାଇଁ ଆବଶ୍ୟକ ମୌଳିକ ସୁବିଧା ନଥିବାକୁ ନେଇ ପ୍ରଶ୍ନ ଉଠିଛି। ଯଦି ପୌରପାଳିକାର ବିକାଶର ଚିତ୍ର ଏତେ ଉନ୍ନତ, ତେବେ ଏକ ସୁବିଧାଜନକ ଶ୍ମଶାନ ଘାଟ ନିର୍ମାଣ ହୋଇପାରୁନି କାହିଁକି ବୋଲି ପୌରବାସୀ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶ୍ମଶାନ ଘାଟ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ପୌର ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ମଧ୍ୟ କେତେକ ପୌରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ବଦଳୁଛି, ପ୍ରଶାସନିକ ବ୍ୟବସ୍ଥା ବଦଳୁଛି, କିନ୍ତୁ ଆନନ୍ଦପୁର ପୌରବାସୀଙ୍କ ଏହି ମୌଳିକ ସମସ୍ୟାର ସମାଧାନ ହୋଇପାରୁନି। ମୃତ୍ୟୁ ପରେ ଜଣେ ମଣିଷକୁ ସମ୍ମାନର ସହ ଶେଷକୃତ୍ୟ କରିବା ପାଇଁ ଆବଶ୍ୟକ ସୁବିଧା ଯୋଗାଇଦେବା ସରକାର ଓ ପ୍ରଶାସନର ଦାୟିତ୍ୱ ନୁହେଁ କି ବୋଲି ପ୍ରଶ୍ନ ଉଠିଛି।

ଏବେ ପୌରବାସୀଙ୍କ ଦାବି, କେନ୍ଦୁଝର ଜିଲ୍ଲାପାଳ ଏହି ସମସ୍ୟାରେ ତୁରନ୍ତ ହସ୍ତକ୍ଷେପ କରି ଆନନ୍ଦପୁର ପୌରପାଳିକାରେ ଏକ ଆଧୁନିକ ଓ ସୁବିଧାଜନକ ଶ୍ମଶାନ ଘାଟ ନିର୍ମାଣ ପାଇଁ ପଦକ୍ଷେପ ନିଅନ୍ତୁ। ତେବେ ଦେଖିବାକୁ ବାକି ରହିଲା, ଆନନ୍ଦପୁର ପୌରବାସୀଙ୍କ ଏହି ଦୁଃଖ ସରିବ କେବେ?

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ଧାରଣା



ମହାକାଳପଡ଼ା, ୨୮।୯ (ସଂଚାର ବ୍ୟୁରୋ): ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତରେ ଆରମ୍ଭ ହୋଇଛି ଅନିର୍ଦ୍ଦିଷ୍ଟ କାଳ ଧାରଣା। ସୋମବାରଠାରୁ ସର୍କାରପଡ଼ା ଓ ରାମନଗର ଅଞ୍ଚଳର ମହିଳା ଓ ଗ୍ରାମବାସୀମାନେ ମଦ ଦୋକାନ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଛନ୍ତି। ହାତରେ ବିଭିନ୍ନ ଦାବି ସମ୍ବଳିତ ପୋଷ୍ଟର ଧରି ନାରାବାଜି କରିବା ସହ ଦୋକାନକୁ ନିୟମାନୁସାରେ ଅନ୍ୟତ୍ର ସ୍ଥାନାନ୍ତର ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ରାମନଗର ଛକରୁ ସର୍କାରପଡ଼ା ଗ୍ରାମକୁ ଯାଇଥିବା ଏକମାତ୍ର ମୁଖ୍ୟ ରାସ୍ତାରେ ରାମନଗର ବଜାର ନିକଟରେ ଏହି ମଦ ଦୋକାନ ରହିଛି। ଦୋକାନ ନିକଟରେ ସର୍ବସାଧାରଣ ରାସ୍ତା ସହ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ ମନ୍ଦିର ରହିଛି। ଏଠାରେ ମଦ୍ୟପମାନେ ମଦ୍ୟପାନ କରି ବିଭିନ୍ନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳରେ ସାଧାରଣ ଜୀବନଯାପନ ଓ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଅଭିଯୋଗ ଓ ଅନୁରୋଧ ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବାରୁ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି।

## ଭକ୍ତିର ଜୁଆରରେ ମା' ମଙ୍ଗଳା ପୀଠ: ୩ରୁ ଷୋଡଶ ଉପଚାର ଆରମ୍ଭ

### ୧୭ରେ ସିଂହବାହିନୀ, ୧୮ରେ ମହିଷାମର୍ଦ୍ଦିନୀ ବେଶ



କାକଟପୁର/ଅସ୍ତରଙ୍ଗ,୨୮।୯ (ସଂଚାର ବ୍ୟୁରୋ): ପୁଣ୍ୟତୋୟା ପ୍ରାଚୀ କୂଳରେ ଥିବା ପୁରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଏବେ ଭାବ ଓ ଭକ୍ତିର ମହାସଙ୍ଗମ। ଶରତ ଆଗମନରେ ସଜେଇ ହେଉଛି ପୀଠ। ଆଗାମୀ ଷୋଡଶ ଦିନାତ୍ମକ ପୂଜା ପାଇଁ ଚଳଚଞ୍ଚଳ। ମା'ଙ୍କ ଦୁର୍ଲଭ ବେଶ ଦର୍ଶନ ପାଇଁ ଭକ୍ତଙ୍କ ମନରେ ଉତ୍କଣ୍ଠା। ପ୍ରତିଦିନ ହଜାର ହଜାର ଭକ୍ତ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ପଣ୍ଡିତ ସୁରେଶ ତ୍ରିପାଠୀ, ଭାରପ୍ରାପ୍ତ ତହସିଲଦାର ନାରାୟଣ ଦୀକ୍ଷିତି, ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ଏଏସଆଇ ରମେଶ ଚନ୍ଦ୍ର ନିଶା, ଟ୍ରଷ୍ଟ ସଦସ୍ୟ, ସେବାୟତ, ପୂଜା ପଣ୍ଡା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଭିଡ ନିୟନ୍ତ୍ରଣ, ପାର୍କିଂ, ପାନୀୟ ଜଳ, ଆଲୋକୀକରଣ, ସିସିଟିଭି, ମେଡିକାଲ ଓ ସୁରକ୍ଷା ନେଇ ନିଷ୍ପତ୍ତି ହୋଇଛି।

ନୀତି ନିର୍ଘଣ୍ଟ ଅନୁଯାୟୀ ଅକ୍ଟୋବର ୩ ମୂଳାଷ୍ଟମୀରୁ ଷୋଡଶ ଉପଚାର ପୂଜା ଆରମ୍ଭ। ଅକ୍ଟୋବର ୧୧ରେ ନବଦିନାତ୍ମକ ପୂଜା ସହ ନାଳିକଳୀ ବେଶ ଓ ରତ୍ନଗିରି ବିଜେ, ୧୨ରେ କଳାକଳୀ, ୧୩ରେ ନାଳିକଳୀ, ୧୪ରେ କଳାକଳୀ ବେଶ। ୧୫ରେ ପୀଠେ ପଞ୍ଚମୀରେ ଭୁଜ ଲାଗି ଓ ତୀରକମାଣ ବେଶ, ୧୬ରେ ପୀଠେ ଷଷ୍ଠୀରେ କାର୍ତ୍ତି ଖର୍ପର ବେଶ ହେବ।

ସବୁଠୁ ଆକର୍ଷଣୀୟ ୧୭ ଅକ୍ଟୋବର ମହାସପ୍ତମୀରେ ସିଂହବାହିନୀ ବେଶ। ମା' ସିଂହ ଉପରେ ବିରାଜମାନ ହୋଇ ଅଭୟ ଦେବେ। ୧୮ ମହାଷ୍ଟମୀରେ ମହିଷାମର୍ଦ୍ଦିନୀ ବେଶ, ୧୯ ମହାନବମୀରେ ମହାସ୍ନାନ ଓ ସହସ୍ର କୁମ୍ଭାଭିଷେକ ଏବଂ ୨୦ରେ ପୀଠେ ଦଶହରା ମହାଆଡମ୍ବରରେ ପାଳିତ ହେବ। ସିଂହବାହିନୀ ଓ ମହିଷାମର୍ଦ୍ଦିନୀ ବେଶ ଦର୍ଶନ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ। ପ୍ରାଚୀ କୂଳ ଜୟ ମା' ମଙ୍ଗଳା ଧ୍ୱନିରେ ମୁଖରିତ।

## କୋରାପୁଟ ଶାନ୍ତି ଲଜରୁ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର

କୋରାପୁଟ,୨୮।୯ (ସଂଚାର ବ୍ୟୁରୋ): କୋରାପୁଟ ସହରର ଶାନ୍ତି ଲଜ୍‌ରୁ ଏକ ଦମ୍ପତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବା ଖବର ସାମ୍ନାକୁ ଆସିଛି।ସୂଚନା ଅନୁସାରେ, ସ୍ୱାମୀ-ସ୍ତ୍ରୀ ଆଜି ସକାଳେ ମେଡିକାଲ୍ କାମରେ କୋରାପୁଟ ଆସି ଶାନ୍ତି ଲଜ୍‌ରେ ରହିଥିଲେ।ପରେ ଲଜ୍‌ର ରୁମ୍‌ରୁ ଉଭୟଙ୍କ ମୃତଦେହ ମିଳିଥିଲା।ମୃତକ ଦମ୍ପତିଙ୍କ ପରିଚୟ ବିଜୟ ଡାକୁଆ ଏବଂ ବିଜୟଲକ୍ଷ୍ମୀ ଡାକୁଆ ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ଦାମନଯୋଡ଼ି ସେକ୍ଟର-୩ ଅଞ୍ଚଳରେ ବୋଲି ସୂଚନା ମିଳିଛି। ପ୍ରାଥମିକ ଭାବେ ଏହା ଆତ୍ମହତ୍ୟା ସନ୍ଦେହ କରାଯାଉଥିବା ବେଳେ, ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଦଣ୍ଡପାଟ ଅଞ୍ଚଳ ସାମ୍ବାଦିକ ସଂଘର ନୂଆଁଖାଇ ଭେଟଘାଟ



ଧର୍ମଗଡ଼,୨୮।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧିନସ୍ଥ ଛଣ୍ଡାଣବାହାଲି ଧାନ ମଣ୍ଡି ଠାରେ ଦଣ୍ଡପାଟ ଅଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ଅବସରରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଏକତ୍ରିତ ହୋଇ ପରସ୍ପରକୁ 'ନୂଆଁଖାଇ ଜୁହାର' ଜଣାଇବା ସହ ଆଞ୍ଚଳିକ ବିକାଶ ଦିଗରେ ସାମ୍ବାଦିକମାନଙ୍କ ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଦଣ୍ଡପାଟ ଅଞ୍ଚଳର ସମସ୍ତ ବରିଷ୍ଠ ଓ ଯୁବ ସାମ୍ବାଦିକ ସାମିଲ ହୋଇଥିଲେ।

ବୈଠକ ପ୍ରାରମ୍ଭରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଜୁହାର ଭେଟ ହେବା ସହ ସଂସ୍କୃତି ଓ ପରମ୍ପରାର ରକ୍ଷା ନେଇ ଆଲୋଚନା କରିଥିଲେ। ଦୈନନ୍ଦିନ ଖବର ସଂଗ୍ରହର ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ସାମ୍ବାଦିକମାନେ ଏହି ପାରିବାରିକ ମାହୋଲରେ ଭାତୃଭାବର ବାର୍ତ୍ତା ବାଣ୍ଟିଥିଲେ।

ଉତ୍ସବ ମଧ୍ୟରେ ଅଞ୍ଚଳର ବିଭିନ୍ନ ଜ୍ୱଳନ୍ତ ଓ ମୌଳିକ ସମସ୍ୟାକୁ ନେଇ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।



ବିଧାନସଭା ପରିଭ୍ରମଣରେ ଆସିଥିବା ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବାଚସ୍ପତି ସୁରମା ପାଢ଼ୀ।

## ବିଧାନସଭା ଖବର

### ତମାଖୁଜାତ ଦ୍ରବ୍ୟରୁ ରାଜକୋଷକୁ ଆସୁଛି ୭, ୩୪୬ କୋଟି ଟଙ୍କା

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ଗୁଟଖା, ପାନମସଲା ଓ ସିଗାରେଟ୍ ଭଳି ତମାଖୁଜାତ ଦ୍ରବ୍ୟରୁ ରାଜକୋଷକୁ ବିପୁଳ ପରିମାଣର ଟିକସ ରାଜସ୍ୱ ଆଦାୟ ହେଉଛି। ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ସୂଚନା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଏହି ସବୁ ଦ୍ରବ୍ୟରୁ ମୋଟ ୭, ୩୪୬ କୋଟି ୩୧ ଲକ୍ଷ ଟଙ୍କାର ଟିକସ ଆଦାୟ କରାଯାଇଛି। ଅନ୍ୟପଟେ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଆସୁଛି ପାନମସଲା, ଗୁଟଖା ଓ ସିଗାରେଟ୍। ଗତ ୧୦ ବର୍ଷରେ ୧୯ଟି ରାଜ୍ୟରୁ ୧୧ ହଜାର ୨୦୫ କୋଟି ୬୨ ଲକ୍ଷ ୨୯ ହଜାର ୫୬୫ ଟଙ୍କାର ଗୁଟଖା, ପାନମସଲା ଓ ସିଗାରେଟ୍ ଓଡ଼ିଶାକୁ ଆସିଛି। ସର୍ବାଧିକ ପଶ୍ଚିମବଙ୍ଗରୁ ୬୬୮ କୋଟି ଟଙ୍କାର ଗୁଟଖା ଓ ପାନମସଲା ଆସିଛି। ସେହିପରି ଦେଶ ବାହାରୁ ପ୍ରାୟ ୭ କୋଟି ଟଙ୍କାର ତମାଖୁ ଓଡ଼ିଶାକୁ ଆସିଥିବା ତଥ୍ୟ ଦିଆଯାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଏହି ତଥ୍ୟ ମିଳିଛି।

### ଦେଢ଼ ଲକ୍ଷ କୋଟି ଛୁଇଁଲାଣି ରାଜ୍ୟର ଋଣଭାର

ରାଜ୍ୟରେ ବଢୁଛି ଋଣ ଭାର। ଦେଢ଼ ଲକ୍ଷ କୋଟି ଛୁଇଁବାକୁ ବସିଲାଣି ରାଜ୍ୟର ଋଣଭାର। ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୪୮ ହଜାର କୋଟିରେ ପହଞ୍ଚିବ। ବିଧାୟକ ଦୁଷ୍ମନ୍ତ ବେହେରାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ଋଣ କେତେ ଅଛି ଓ ଆଗାମୀ ଦିନରେ ଏହା କେଉଁ ପର୍ଯ୍ୟନ୍ତ ପହଞ୍ଚିବ। ଯାହାର ଉତ୍ତରରେ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୪୮ ହଜାର କୋଟିରେ ପହଞ୍ଚିବ। ସେହିପରି ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୩୧ ହଜାର ୩୪୪ ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି ସରକାର। ତେବେ ଆର୍ଥିକ ବର୍ଷ ୨୦୦୫-୦୬ ଠାରୁ ପ୍ରତିବର୍ଷ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣ ଭାବରେ ପୁଞ୍ଜି ଖର୍ଚ୍ଚରେ ବିନିଯୋଗ କରାଯାଉଛି ଓ ଏହି ଅର୍ଥରୁ କୌଣସି ଅର୍ଥ ରାଜସ୍ୱ ବ୍ୟୟ ପାଇଁ ଖର୍ଚ୍ଚ କରାଯାଉନାହିଁ। ବିଧାନସଭାରେ ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

### ପାହାଲ ମିଠାକୁ କ୍ଲିନ୍ ଚିଟ୍

ପାହାଲ ମିଠା ଉତ୍କୃଷ୍ଟ ମାନର। ମିଠା ନମୁନା ପରୀକ୍ଷାରେ ପାହାଲ ମିଠା ନିମ୍ନମାନର ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଏ ନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଗୃହରେ ଉତ୍ତର ରଖି କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ମିଠା ଦୋକାନରୁ ନମୁନା ସଂଗ୍ରହ କରାଯାଇଥିଲା। ସଂଗ୍ରହ କରାଯାଇଥିବା ୧୨୪ଟି ନମୁନା ମଧ୍ୟରୁ ୪୩ଟି ନମୁନା ସବ୍‌ଷ୍ଟାଣ୍ଡାର୍ଡ ବା ନିମ୍ନମାନର ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ଜଗତସିଂହପୁରରେ ଅଧିକ ସଂଖ୍ୟକ ନିମ୍ନମାନର ମିଠା ବିକ୍ରି ହେଉଥିବା ଚିହ୍ନଟ ହୋଇଛି। ତେବେ ପାହାଲ ଅଞ୍ଚଳର ମିଠାକୁ ମିଳିଛି କ୍ଲିନ୍ ଚିଟ୍। ପାହାଲରୁ ସଂଗ୍ରହ କରାଯାଇଥିବା ମିଠା ନମୁନା ପରୀକ୍ଷାରେ ତାହା ନିମ୍ନମାନର ନୁହେଁ ବୋଲି ସ୍ପଷ୍ଟ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନରେ ଏଭଳି ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

### ଖାଦ୍ୟ ଅପମିଶ୍ରଣକାରୀଙ୍କ ଉପରେ କଡ଼ା ଆକ୍ସନ

ଖାଦ୍ୟ ଅପମିଶ୍ରଣକାରୀଙ୍କ ଉପରେ କଠୋର ହେଉଛନ୍ତି ରାଜ୍ୟ ସରକାର। ଏ ନେଇ ଗୃହରେ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ପନିର ଓ ଛେନା ଅପମିଶ୍ରଣ ପାଇଁ ସାରା ରାଜ୍ୟରେ ୧୮ଟି ସ୍ୱତନ୍ତ୍ର ଡ୍ରାଇଭ କରାଯାଇଥିଲା। ଚଢ଼ାଉ ବେଳେ କେବଳ କଟକରେ ୭୧ କ୍ୱିଣ୍ଟାଲ ପନିର ନଷ୍ଟ କରାଯାଇଛି। ସେହିଭଳି ନିଆଳିରେ ଚଢ଼ାଉ କରି ଅପମିଶ୍ରଣକାରୀଙ୍କ ବିରୋଧରେ ବିଏନଏସ ଧାରା ୨୭୫, ୩୧୮, ୪୩୫ ଅନୁସାରେ ତାଙ୍କ ନାଁରେ ଏତଲା କରାଯାଇଛି। ଆହୁରି ମଧ୍ୟ ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ଗତ ଦୁଇ ବର୍ଷରେ ୯୫ ଲକ୍ଷ ୯୧ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ମୋଟ୍ ୪୧୩ଟି ମାମଲା ରୁଜୁ କରାଯାଇଛି। ୭୩୧୨ଟି ଲିଗାଲ ସାମ୍ପଲ କଲେକ୍ସନ କରାଯାଇଛି। ବିଏମସି, କେଏମସି ଓ ଆରଏମସି ଭଳି ଅନ୍ୟ ସ୍ଥାନରେ ଚଢ଼ାଉ କରାଯାଉଛି। କେବଳ ଭୁବନେଶ୍ୱରରେ ୨୮୧୦ଟି ସାମ୍ପଲ ସଂଗ୍ରହ ହୋଇଥିଲା ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।

## ଅବ୍ୟବହୃତ ଲିଜ୍ ଜମି କିମ୍ବା ଅନ୍ୟ ଉଦ୍ଦେଶ୍ୟରେ ନିୟୋଜିତ ଜମିର ପୁନରୁଦ୍ଧାରକୁ ଗୁରୁତ୍ୱ

# ସରକାରୀ ଜମିର ସୁରକ୍ଷା ସୁନିଶ୍ଚିତ କରାଯିବ

- ଅବ୍ୟବହୃତ ସରକାରୀ ଜମିର ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ
- ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ସହ ସମ୍ପୃକ୍ତି ଥିଲେ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଉପଲବ୍ଧ ସରକାରୀ ଜମିର ସୁବ୍ୟବସ୍ଥିତ ବ୍ୟବହାର ସୁନିଶ୍ଚିତ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁରୁତ୍ୱ ଦେଇଛି। ଅବ୍ୟବହୃତ ଲିଜ୍‌ପ୍ରଦତ୍ତ ସରକାରୀ ଜମିର ସମୀକ୍ଷା କରି ଆଇନ୍ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି। ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାରେ ଆଡଭାନ୍ସ



ପଜେସନ୍, ପରମିସିଭ୍ ପଜେସନ୍, ଲିଜ୍ ଓ ଆଲିଏନେସନ୍ ମାଧ୍ୟମରେ ଦିଆଯାଇଥିବା ସରକାରୀ ଜମିର ବ୍ୟାପକ ଓ ସମୟବଦ୍ଧ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡ. ପାଢ଼ୀ କହିଛନ୍ତି ଯେ ସରକାରୀ ଜମିର ସୁରକ୍ଷା ସୁନିଶ୍ଚିତ କରିବା ସମସ୍ତଙ୍କର ଦାୟିତ୍ୱ। ରାଜସ୍ୱ କ୍ଷେତ୍ରୀୟ ଅଧିକାରୀମାନେ କୌଣସି ପ୍ରକାର ଭୟ, ପକ୍ଷପାତ, ଚାପ କିମ୍ବା ପ୍ରଭାବରେ ବଶବର୍ତ୍ତୀ ନ ହୋଇ ନିର୍ଭୀକ, ନିରପେକ୍ଷ ଓ ଆଇନସମ୍ମତ ଭାବେ ନିଜର ବିଧିସମ୍ମତ ଦାୟିତ୍ୱ ନିର୍ବାହ କରିବା ଉଚିତ। ସ୍ୱାର୍ଥନିହିତ ମହଲ, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି କିମ୍ବା ଏପରି କୌଣସି ଅନୈତିକ ଅନୁଷ୍ଠାନ ସହ ସରକାରୀ ଅଧିକାରୀ/କର୍ମଚାରୀଙ୍କର କୌଣସି ପ୍ରକାର ସମ୍ପର୍କ କିମ୍ବା ସହଯୋଗ ପ୍ରମାଣିତ ହେଲେ, ପ୍ରଚଳିତ ଆଇନର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ ତଥା ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭାସ୍ୱତୀ ବସୁଙ୍କୁ ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ବିଶିଷ୍ଟ ଲେଖିକା ଓ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କୁ ମିଳିବ ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ। ବିଦଂଗତ ସାହିତ୍ୟିକ ତଥା ବିଶିଷ୍ଟ ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆସନ୍ତା ୪ ତାରିଖ ଦିନ ସ୍ୱତନ୍ତ୍ର ଉତ୍ସବରେ ଭାସ୍ୱତୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଭାସ୍ୱତୀଙ୍କୁ ମାନପତ୍ର ଉପାୟନ ସମେତ ଅର୍ଥରାଶି ପ୍ରଦାନ କରାଯିବ। ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ସାହିତ୍ୟିକଙ୍କୁ ପ୍ରତିବର୍ଷ ସୁଖେନ୍ଦୁ ମୋହନଙ୍କ ଶ୍ରାଦ୍ଧବାର୍ଷିକୀରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୁଖେନ୍ଦୁ ମୋହନ ସ୍ମୃତିନ୍ୟାସ ପକ୍ଷରୁ ସୂଚନା ଦିଆଯାଇଛି।



## ବିଶ୍ୱ ଜଳାତଙ୍କ ଦିବସରେ ରାଜ୍ୟବ୍ୟାପୀ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ 'ବିଶ୍ୱ ଜଳାତଙ୍କ ଦିବସ' ଅବସରରେ ରାଜ୍ୟବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସକ ଓ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଜଳାତଙ୍କ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ। କୁକୁର କାମୁଡ଼ିଲେ କ୍ଷତ ସ୍ଥାନକୁ ସାବୁନ ଓ ପରିଷ୍କାର ପାଣିରେ ଭଲ ଭାବେ ଧୋଇବା, ବିଳମ୍ବ ନ କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଣ୍ଟି-ରାବିଜ୍ ଟୀକା ନେବା, ଜଳାତଙ୍କ ପ୍ରତିରୋଧ ପାଇଁ ଗୃହପାଳିତ କୁକୁର ଓ ଅନ୍ୟ ପ୍ରାଣୀଙ୍କ ନିୟମିତ ଟିକାକରଣ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଜଳାତଙ୍କ ରୋଗର ସଚେତନତା ସହ ଗୃହପାଳିତ ପ୍ରାଣୀଙ୍କ ନିୟମିତ ଟୀକାକରଣ ଅତ୍ୟନ୍ତ ଜରୁରୀ ବୋଲି ପ୍ରାଣୀ ଚିକିତ୍ସକମାନେ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସ୍ତରରୁ ସଚେତନତା ସୃଷ୍ଟି ମାଧ୍ୟମରେ ଜଳାତଙ୍କ ରୋଗର ନିରାକରଣ ପାଇଁ ସାମୂହିକ ପ୍ରୟାସକୁ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ପ୍ରାଣୀ ଚିକିତ୍ସକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି।

## ବିଜେଡି ମିଛ କହୁଛି, ଆମେ ରିପୋର୍ଟ ଧରି ବସିଛୁ: ସମ୍ବିତ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାନସଭାର ମୌସୁମୀ ଅଧିବେଶନରେ ଗୃହ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଥିଲା। ଶାସକ ଦଳ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିଲା। ଏହା ମଧ୍ୟରେ ବିଜେପି ସାଂସଦ ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଉପରେ ବର୍ଷିଛନ୍ତି। ବିଜେଡି କାହିଁକି ତାଙ୍କ ସରକାର ଅମଳରେ ହୋଇଥିବା ଖଣି ଦୁର୍ନୀତି ବାବଦରେ ୭୦ ହଜାର କୋଟି ଟଙ୍କାର ଜରିମାନା ଆଦାୟ କରିପାରିନି ତାକୁ ନେଇ ପ୍ରଶ୍ନ କରିଛନ୍ତି ଶ୍ରୀ ପାତ୍ର।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ ବିଜେଡି ସରକାର ସମୟରେ ଖଣି ଦୁର୍ନୀତି ହୋଇଥିଲା। ଏକଥାକୁ ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ବିଗତ ସରକାରରେ ସିଏଜି ଅଡିଟ୍ ହୋଇଥଲା। ମାଇନିଂ ପଇସା କେମିତି ଖର୍ଚ୍ଚ ହୋଇଥଲା ତାହାର ରିପୋର୍ଟ ଥିଲା। ଏପରିକି ବିନା ଗ୍ରାମସଭାରେ ଖଣି ନିଲାମ ହୋଇଥିଲା। ବିଜେଡି ସରକାର ସମୟରେ କିଭଳି ଦୁର୍ନୀତି ହେଉଥିଲା, ତାହା ସବୁ ଶାହା କମିଶନ ରିପୋର୍ଟରେ ଉଲ୍ଲେଖ ରହିଛି। ବିଜେଡି ସରକାର ଆଦିବାସୀମାନଙ୍କୁ କେମିତି କଷ୍ଟ ଦେଇଥିଲା ଓ ୭୦ ହଜାର କୋଟି ଫାଇନ ବିଷୟରେ ମଧ୍ୟ ଲେଖିଛନ୍ତି। ଯେଉଁମାନେ ଆମ ବିରୋଧରେ ମିଛ କଥା କହୁଛନ୍ତି ଆମେ ସେମାନଙ୍କ ରିପୋର୍ଟ ଧରି ବସିଛୁ। ସେମାନେ କୁହନ୍ତୁ କେତେ ଟଙ୍କା ଆଦାୟ କରିଛନ୍ତି।

କିନ୍ତୁ ଆମ ସରକାର କେନ୍ଦ୍ରରେ ଆସିବା ପରେ ୨୦୧୫ରୁ ଏମଏମଡିଆର ରିଫର୍ମ ଆରମ୍ଭ ହେଲା। ପୂର୍ବରୁ ଯେତେ ଖଣି ଥିଲା ସେତେବେଳେ କିଛି ପାରିବାରର ଲୋକଙ୍କୁ ଖଣି ଦିଆଯାଉଥିଲା। ହେଲେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଇ-ନିଲାମୀ ମାଧ୍ୟମରେ ଖଣି ଦେବା ଆରମ୍ଭ ହେଲା।



ଯାହାଦ୍ୱାରା ରାଜ୍ୟଗୁଡ଼ିକର ବାର୍ଷିକ ଆୟ ବୃଦ୍ଧି ପାଇଲା। ଦଶ ବର୍ଷରେ ୫ ହଜାରରୁ ୧୫ ହଜାର କୋଟି ବଢ଼ିଲା। ୩୭ ହଜାର କୋଟି ଡିଏମଏଫ ପାଣ୍ଠି ଓଡ଼ିଶା ପାଇଲା। ରୟାଲଟି ୨୦୧୫ ରିଫର୍ମ ପରେ ବଢ଼ାଇଦିଆଗଲା, ଯାହାଦ୍ୱାରା ଓଡ଼ିଶାକୁ ଅଧିକ ଲାଭ ମିଳିଲା।

ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନର ମର୍ଯ୍ୟାଦାର ଉଲ୍ଲଂଘନ କରିନାହିଁ। ରାଜ୍ୟକୁ ସୁହାଇଲା ଭଳି ଆଇନ ଆସିବ। ମାଡା କେସରେ ଆସୁଥିବା ଜଜମେଣ୍ଟରେ କୁହାଯାଇଛି ଆମେ ପଛକୁ ଯାଇ ଟିକସ ସଂଗ୍ରହ କରିବା। ଯାହାର ବାକି ଅଛି ସେମାନେ ଟିକସ ଦେବେ। ବିପକ୍ଷ ଦଳ ଭୁଲ କଥା କହିଲେ ଏକ ଲକ୍ଷ କୋଟି ଆମେ ହରାଇବୁ। ହେଲେ ତା'ର କାରଣ କଣ? ଓରିସେଡ ଆଇନ ୨୦୦୪ରେ ଆଇନ ଲାଗୁ ହେଲା।୨୦୦୫ରେ ଆଇନକୁ ନେଇ ହାଇକୋର୍ଟ ରଦ୍ଦ କରିଥିଲେ। ନାଲକୋ କେସ କରିଥିଲା। ୨୦୦୬ରେ ତତ୍କାଳୀନ ସରକାର ସୁପ୍ରିମକୋର୍ଟରେ କେସ କଲେ, ତାହା ଏପର୍ଯ୍ୟନ୍ତ ଚାଲିଛି। ସେମାନେ ଲିଖିତ ଉତ୍ତର ଦିଅନ୍ତୁ ତାଙ୍କର ଆଡଭୋକେଟ ଜେନେରାଲ କ'ଣ କରୁଥିଲେ? ୧୮ ବର୍ଷ କେସ କୋର୍ଟରେ କାହିଁକି ଷ୍ଟେ ହୋଇ ରହିଲା ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବିତଙ୍କ ସହ ଦଳର ୪ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଅନିତା ଶୁଭଦର୍ଶିନୀ, ରବୀନ୍ଦ୍ର ବେହେରା ଓ ବିଭୁ ପ୍ରସାଦ ତରାଇ ମଧ୍ୟ ଉପସ୍ଥିତି ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କଟକ, ୨୮।୯ (ସଂଚାର ବ୍ୟୁରୋ): ବାଙ୍କୀ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୬୩ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୭ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର



ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୫ ତାରିଖରେ ସାଲେପୁର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ପାରାଦୀପରେ ଟଳିଲା ବଡ଼ ସମୁଦ୍ର ଦୁର୍ଘଟଣା

ଭୁବନେଶ୍ୱର,୨୮।୯ (ସଂଚାର ବ୍ୟୁରୋ) : ପାରାଦୀପ ଉପକୂଳରେ ଟଳିଲା ବଡ଼ ସମୁଦ୍ର ଦୁର୍ଘଟଣା । ୨୩ ନାବିକଙ୍କୁ ସୁରକ୍ଷା ଦେଲା ଭାରତୀୟ ତଟରକ୍ଷୀ ବାହିନୀ । ପାରାଦୀପ ଉପକୂଳ ନିକଟରେ ଏମ୍ ଟି ସିଗଲ୍-୯ ନାମକ ରାସାୟନିକ ଟ୍ୟାଙ୍କରରୁ ଆସିଥିବା ଜରୁରୀ ସଙ୍କେତ ପରେ ଭାରତୀୟ ତଟରକ୍ଷୀ ବାହିନୀ ଏକ ତ୍ୱରିତ ଉଦ୍ଧାର ଅଭିଯାନ ଚଳାଇ ବଡ଼ ଦୁର୍ଘଟଣାକୁ ଟାଳି ଦେଇଛି । ୯ ହଜାର ମେଟ୍ରିକ୍ ଟନ୍ ପାମ୍ ଅଏଲ୍ ବୋଝେଇ ଜାହାଜଟିରେ ୨୩ ଜଣ କ୍ରୁ ସଦସ୍ୟ ଥିଲେ । ଜାହାଜଟି ବିପଦଜନକ ଭାବେ ଗୋଟିଏ ପାର୍ଶ୍ୱକୁ ଢଳିଯାଇଥିବା ବେଳେ ତଟରକ୍ଷୀ ବାହିନୀ ବିଶ୍ୱସ୍ତର ବିଶେଷଜ୍ଞ ଡ୍ୟାମେଜ୍ କଣ୍ଟ୍ରୋଲ୍ ଟିମ୍ ଜାହାଜ ଉପରକୁ ଚଢ଼ି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଟିମ୍ ସବମର୍ସିବଲ୍ ପମ୍ପ ବ୍ୟବହାର କରି ବାଲାଷ୍ଟ ଟ୍ୟାଙ୍କରୁ ପାଣି ବାହାର କରିବା ସହ କ୍ଷତିଗ୍ରସ୍ତ ସମୁଦ୍ର ପାଇପ୍ ଲାଇନକୁ ସିଲ୍ କରି ଜାହାଜକୁ ସ୍ଥିର କରିଥିଲେ ।

## ଗଣତନ୍ତ୍ରକୁ ହତ୍ୟା କରୁଥିବା ଶାସକ ଦଳର ମୁଖପାତ୍ର ନ ସାଜନ୍ତୁ ମୁଖ୍ୟମନ୍ତ୍ରୀ: ଭକ୍ତ

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଇସି ଜ୍ଞାନେଶ କୁମାରଙ୍କ ଦୁର୍ନୀତି ଓ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ବ୍ୟବସ୍ଥାର ଯେଉଁ ଅନ୍ଧ ସମର୍ଥନ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଓ ହାସ୍ୟାସ୍ପଦ। ଓଡ଼ିଶାର ଜନସାଧାରଣ ଆଜି ଦେଖୁଛନ୍ତି ଯେ କେମିତି ବିଜେପିଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ବିଶେଷକରି ଓଡ଼ିଶା ମୁଖ୍ୟମନ୍ତ୍ରୀ ନିଜ ପଦବୀର ଗରିମା ଭୁଲି ନିର୍ବାଚନ କମିଶନଙ୍କ ସେହି ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ସୁରକ୍ଷା ଦେଉଛନ୍ତି ଯାହା ଭାରତୀୟ ସମ୍ବିଧାନକୁ ବିପନ୍ନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଅଯୌକ୍ତିକ ବକ୍ତବ୍ୟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରୁଛି ବୋଲି ପିସିସି ସଭାପତି ଭକ୍ତ ଦାସ କହିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀଙ୍କୁ କିଛି ପ୍ରଶ୍ନ କରିଛନ୍ତି।

ଅନ୍ତରୀଣ ମତଭେଦ ଓ ୧୪ଟି ଆପତ୍ତି କ'ଣ ମିଥ୍ୟା ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହୁଛନ୍ତି ଏସଆଇଆର ପ୍ରକ୍ରିୟା ସ୍ୱଚ୍ଛ। ଯଦି ଏହା ଏତେ ସ୍ୱଚ୍ଛ, ତେବେ ନିର୍ବାଚନ କମିଶନଙ୍କ ନିଜ ଫାଇଲ୍‌ରେ ଦୁଇ ଜଣ ସହଯୋଗୀ ନିର୍ବାଚନ କମିଶନର ଗତ ୧୦ ମାସ ମଧ୍ୟରେ ୧୪ରୁ ଅଧିକ ଥର ଏସଆଇଆର ଏବଂ ଭୋଟର



ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ କାହିଁକି ଆପତ୍ତି ଉଠାଇଥିଲେ? ମୁଖ୍ୟମନ୍ତ୍ରୀ କେଉଁ ଆଧାରରେ ନିଜ ଦଳର ପକ୍ଷପାତିତାକୁ ଲୁଚାଇବାକୁ ଯାଇ ଏହି ଗମ୍ଭୀର ଅଭିଯୋଗକୁ 'ମିଥ୍ୟା' ବୋଲି କହୁଛନ୍ତି ସେ ପଚାରିଛନ୍ତି। ଏତେ ଥର ୨ ଜଣ ଇଲେକ୍ସନ କମିସନରଙ୍କ ଡିସେଣ୍ଟିଙ୍ଗ ଓପିନିଅନ ସତ୍ତ୍ୱେ ବିଜେପି କେଉଁ ମୁହଁରେ ଏହାକୁ ନିର୍ବାଚନ କମିସନଙ୍କ ସର୍ବସମ୍ମତ ନିଷ୍ପତ୍ତି ବୋଲି କହୁଛି? କ୍ୟାବିନେଟ୍ ସେକ୍ରେଟାରୀଙ୍କ ପାଖରେ ଦୁଇ ଜଣ ନିର୍ବାଚନ ଆୟୁକ୍ତ ଫେରାଦ ହେବା କ'ଣ ମିଛ ବୋଲି ପ୍ରଶ୍ନ କରିଛନ୍ତି। ସେହିଭଳି ଦିଲ୍ଲୀ ଏସଆଇଆର ନୋଟିସ ସମ୍ପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ନିର୍ବାଚନ କମିଶନ ଅତି 'ଯାନ୍ତ୍ରିକ ଢଙ୍ଗରେ' କାର୍ଯ୍ୟ କରୁଛନ୍ତି।

## ଇଭି ଯାନରୁ ଟିକସ, ଧରିଲେ ସିଏଜି

ଭୁବନେଶ୍ୱର,୨୮।୯: ରାଜ୍ୟରେ ବୈଦ୍ୟୁତିକ ଯାନ (ଇଭି)ର ବିକ୍ରି ବଢ଼ାଇବା ଲାଗି ରାଜ୍ୟ ସରକାର ଏହି ଯାନ ଉପରୁ ମୋଟରଯାନ ଟିକସ ଓ ପଞ୍ଜିକରଣ ଫି ଛାଡ କରିଥିଲେ। ହେଲେ ଆଞ୍ଚଳିକ ପରିବହନ ଦପ୍ତରଗୁଡ଼ିକ ଇଭି ଯାନରୁ ଏହି ଟିକସ ଆକାରରେ ୭୫ଲକ୍ଷ ଟଙ୍କାର ଆଦାୟ କରିଥିଲେ। ଏଭଳି ଅନିୟମିତତାକୁ ଧରିଛନ୍ତି ସିଏଜି। ଆଜି ବିଧାନସଭାରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ ସହିତ ପ୍ରଦୂଷଣକୁ ରୋକିବାର ଆବଶ୍ୟକତାକୁ ବିଚାର କରି ଓଡିଶା ସରକାର ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହ ମିଳିତ ଭାବେ ଓଡିଶା ବୈଦ୍ୟୁତିକ ଯାନ ନୀତି ୨୦୨୧ମସିହାରେ କାର୍ଯ୍ୟକାରୀ କରିଛନ୍ତି। ଏହାର ଲକ୍ଷ୍ୟ ଥିଲା ୨୦୨୫ ଶେଷ ସୁଦ୍ଧା ୨୦ ପ୍ରତିଶତ ଇଭି ଚଳାଚଳ କରିବା। ସରକାର ରାଜ୍ୟର ସମସ୍ତ ଇଭି ପାଇଁ ମୋଟରଯାନ ଟିକସ ଏବଂ ପଞ୍ଜିକରଣ ଫି ଛାଡକୁ ଅନୁମତି ଦେଇଥିଲେ ଓ ୨୦୨୩ରେ ନୀତିରେ ସଂଶୋଧନ କରି ଆହୁରି ପ୍ରୋତ୍ସାହନ ପ୍ରଦାନ କରିଥିଲେ। ହେଲେ ସିଏଜି ତାଙ୍କ ଯାଞ୍ଚରୁ ଜାଣିବାକୁ ପାଇଲେ ଯେ ୨୦୨୧



ଅକ୍ଟୋବରରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ମୋଟ ୯୧,୮୯୯ଟି ଇଭି ପଞ୍ଜିକୃତ ହୋଇଛି ଏବଂ ୬୫୩ଟି ଇଭିରୁ ୭୩ ଲକ୍ଷ ୭୫ ହଜାର ଟଙ୍କାର ମୋଟରଯାନ କର ଏବଂ ୧ ଲକ୍ଷ ୨୨ ହଜାର ଟଙ୍କାର ପଞ୍ଜିକରଣ ଫି' ଆଦାୟ ହୋଇଛି। କେବଳ ୯ଟି ଆଞ୍ଚଳିକ ପରିବହନ ଦପ୍ତରରେ ୩୭୯ଟି ଇଭିରୁ ୪୪ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଥିଲା।

ସିଏଜି ଦେଖିବାକୁ ପାଇଥିଲେ ଯେ ରାଜ୍ୟ ସରକାର ପଞ୍ଜିକରଣ ଫି' ଛାଡ଼ କରିଥିବା ବେଳେ ଏଗୁଡ଼ିକର ଆଦାୟ ଆଦୌ ଠିକ୍ ନ ଥିଲା। ଆରଟିଓମାନେ ଠିକଣା ଭାବେ ସରକାରୀ ନିର୍ଦ୍ଦେଶ ପାଳନରେ ବିଫଳ ହୋଇଥିଲେ। ଛାଡ଼ ପାଇଥିବା ଯାନଗୁଡ଼ିକ ଉପରେ ମୋଟର ଯାନ ଟିକସ ଏବଂ ପଞ୍ଜିକରଣ ଶୁଳ୍କ ଆଦାୟ ମଧ୍ୟ ସୂଚାଇଥିଲା ଯେ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଏହା ହୋଇ ନ ଥିଲା। ରାଜ୍ୟ ସରକାରଙ୍କ ନଜରକୁ ଏହା ଅଣାଯିବା ପରେ ସରକାର କହିଥିଲେ ଯେ ଇଭି ଯାନରୁ ଟିକସ ଛାଡ଼ ପାଇଁ ଏନଆଇସି ଦ୍ୱାରା ବାହନ ସଫ୍ଟୱେରର ତ୍ରୁଟି ଯୋଗୁଁ ଇଭି ଯାନ ଉପରୁ ଟିକସ ଆଦାୟ ହୋଇଯାଇଥିଲା। ତେଣୁ ନୂତନ ଯାନ ପଞ୍ଜିକରଣ ସମୟରେ ଅଧିକ ସତର୍କ ରହିବାକୁ ଆରଟିଓମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କେତେକ ଇଭି ମାଲିକଙ୍କୁ ଟଙ୍କା ଫେରସ୍ତ ହୋଇଥିବା ନେଇ ମଧ୍ୟ ସରକାର ସଫେଇ ଦେଇଥିଲେ। ହେଲେ ସିଏଜି ଦର୍ଶାଇଛନ୍ତି ଯେ କର ମୂଲ୍ୟାୟନ ସମୟରେ ବାହନରେ ଛାଡ଼କୁ ସଠିକ ଭାବେ ନିଆଯାଇ ନ ଥିଲା। ଭୁଲ୍ ଭାବେ ଆଦାୟ ହୋଇଥିବା ଟିକସ ଓ ଫି' କେବଳ ଆବେଦନକାରୀଙ୍କ ପାଇଁ ସୀମିତ ରଖିବା ପରିବର୍ତ୍ତେ ସମସ୍ତ ଇଭି ମାଲିକଙ୍କୁ ସରକାରଙ୍କ ଦ୍ୱାରା ଫେରସ୍ତ କରାଯିବା ଉଚିତ ଥିଲା। (ତଥ୍ୟ)

# ରାଜ୍ୟରେ ନିଖୋଜ ହୋଇଛନ୍ତି ୧୯ ହଜାର ମହିଳା ଓ ଶିଶୁ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ରାଜ୍ୟରେ ନିଖୋଜ ହୋଇଛନ୍ତି ୧୯ ହଜାର ମହିଳା ଓ ଶିଶୁ। ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଦୁଇ ବର୍ଷର ଅବଧିକୁ ନେଇ ପ୍ରସ୍ତୁତ ସରକାରୀ ତଥ୍ୟ ଅନୁଯାୟୀ, ହଜାର ହଜାର ନିଖୋଜ ମାମଲାର ସମାଧାନ ହୋଇପାରିନାହିଁ, ଯାହା ନାଗରିକ ସମାଜ ଓ ଆଇନ ପ୍ରଣୟନକାରୀ ସଂସ୍ଥା ମଧ୍ୟରେ ନୂତନ ଚିନ୍ତା ସୃଷ୍ଟି କରିଛି।

ତଥ୍ୟ ଅନୁଯାୟୀ, ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୪୫,୭୯୬ ଜଣ ମହିଳା ନିଖୋଜ ହୋଇଥିବା ରିପୋର୍ଟ କରାଯାଇଥିଲା। ପୁଲିସ ଓ ଉଦ୍ଧାରକାରୀ ସଂସ୍ଥା ସଫଳତାର ସହ ସେମାନଙ୍କ ମଧ୍ୟରୁ ୩୦,୧୭୧ ଜଣଙ୍କୁ ଠାବ କରି ଉଦ୍ଧାର କରିଥିବା ବେଳେ ପ୍ରାୟ ୧୫ ହଜାର ମହିଳାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ସେହିଭଳି



ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ପରିସଂଖ୍ୟାନ ଏକ ଅତ୍ୟନ୍ତ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରୁଛି। ସମାନ ଅବଧି ମଧ୍ୟରେ ନିଖୋଜ ହୋଇଥିବା ୨୦,୫୨୮ ଜଣ ଶିଶୁଙ୍କ ମଧ୍ୟରୁ ୧୫,୯୭୬ ଜଣଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ତଥାପି ପ୍ରାୟ ୪ ହଜାର ଶିଶୁ ଏବେ ମଧ୍ୟ ନିଖୋଜ ଅଛନ୍ତି। ତେବେ ଉଭୟଙ୍କୁ ମିଶାଇ ନିଖୋଜ ଥିବା ମହିଳା ଓ ଶିଶୁଙ୍କ ମୋଟ ସଂଖ୍ୟା ପ୍ରାୟ ୧୯ ହଜାର ରହିଛି।ଘଟଣାଗୁଡ଼ିକର ମୂଳ କାରଣ ସମ୍ପର୍କରେ ସରକାରୀ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ସମସ୍ତ ନିଖୋଜ ମାମଲା ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ଘଟି ନ ଥାଏ। ନିଖୋଜ ଘଟଣାଗୁଡ଼ିକ ପ୍ରାୟତଃ ବହୁମୁଖୀ କାରଣରୁ ଘଟିଥାଏ। ମହିଳା ଓ ବାଳିକାମାନଙ୍କ କ୍ଷେତ୍ରରେ ପରିବାରର ସହମତି ନ ଥିବା ପ୍ରେମ ସମ୍ପର୍କ ଯୋଗୁଁ ଘର ଛାଡ଼ି ପଳାଇବା ଅନେକ ମାମଲାରେ ମୁଖ୍ୟ କାରଣ ଭାବେ ଚିହ୍ନଟ କରାଯାଇଛି। ଅନ୍ୟାନ୍ୟ ପ୍ରମୁଖ କାରଣ ମଧ୍ୟରେ ପାରିବାରିକ ବିବାଦ, ସମ୍ପର୍କରେ ଫାଟ ଓ ଗୁରୁତର କ୍ଷେତ୍ରରେ ମାନବ ଚାଲାଣ ଅନ୍ତର୍ଭୁକ୍ତ। ଅପହରଣ ଓ ମାନବ ଚାଲାଣ ନେଟୱର୍କର ମୁକାବିଲା ପାଇଁ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ନିରନ୍ତର ଚାପ ବଜାୟ ରଖିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ରୁ ୨୦୨୬ ମଧ୍ୟଭାଗ ପର୍ଯ୍ୟନ୍ତ ଅପହରଣ ଓ ମାନବ ଚାଲାଣ ଅଭିଯୋଗରେ ବହୁସଂଖ୍ୟକ ଗିରଫଦାରୀ କରାଯାଇଛି।

ଉଲ୍ଲେଖନୀୟ ଯେ 'ଅପରେସନ୍ ଅନ୍ୱେଷଣ'- ଯାହା ଗତ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଏଥିରେ ଓଡ଼ିଶା ପୁଲିସ ବିଭିନ୍ନ ରାଜ୍ୟରେ ଉପଯୁକ୍ତ ପୁନଃମିଳନ ଚ୍ୟାନେଲ ବିନା ସଂସ୍ଥାଗତ ଭାବେ ଚିହ୍ନଟ ଓ ଉଦ୍ଧାର ହୋଇଥିବା ଓଡ଼ିଆ ପିଲାମାନଙ୍କୁ ସେମାନଙ୍କ ପରିବାର ନିକଟକୁ ଫେରାଇ ଆଣିବା ଉପରେ ଅଧିକ ଧ୍ୟାନ ଦେଇଥିଲା।

## ଏମଏମଡିଆର-୨୬ ସଂଶୋଧନ ବିଲ୍ ସୁପ୍ରିମକୋର୍ଟରେ ନିଶ୍ଚୟ କାଟ ଖାଇବ: ନରସିଂହ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଶା ସେସ୍ ଆକ୍ଟ ତିଆରି କରିଥିଲେ, ଯାହା ସୁପ୍ରିମକୋର୍ଟରେ ଖାରଜ ହୋଇଥିଲା। କାରଣ ସେଇ ଅଧିକାର ରାଜ୍ୟ ସରକାରଙ୍କ ନ ଥିଲା। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ମୁଁ ଆଇନମନ୍ତ୍ରୀ ଥିଲି। ସେତେବେଳେ ମତେ ଗୋଟିଏ ବିଲ୍ ତିଆରି ଦାୟିତ୍ୱ ଦିଆଯାଇଥିଲା, ତାହା ହେଲା ଟ୍ୟାକ୍ସ ଅନ ମିନେରାଲ ବିୟରିଂ ଲ୍ୟାଣ୍ଡ। ବିଲ ଅନୁସାରେ ଜମି ଉପରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ କ୍ଷମତା ରହିବ। ବିଲ୍‌ର ମୂଳ ଅଂଶ ଥିଲା ଏହା। ଖଣିଜ ସମ୍ପଦ କହିଲେ ସିନା ବେଆଇନ ହେବ, କିନ୍ତୁ ନୂତନ ବ୍ୟବସ୍ଥା କରାଗଲା, ଯେଉଁ ଜମି ତଳେ ଖଣି ଅଛି ତା' ଉପରେ ଟ୍ୟାକ୍ସ ନିଆଯିବ। ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଗଲା, କିନ୍ତୁ ସରକାର ହାରିଗଲା। ପରେ ୧୫.୧.୨୦୦୪ରେ ସୁପ୍ରିମକୋର୍ଟ ରାୟ ଦେଲେ ରାଜ୍ୟ ସରକାରଙ୍କ ଜମି ଉପରେ



ଅଧିକାର ଅଛି। ସେଇ ଅଧିକାର ଆମକୁ ମିଳିବା କଥା, କିନ୍ତୁ ମିଳିଲା ନାହିଁ। ବର୍ତ୍ତମାନ ସୁପ୍ରିମ କୋର୍ଟ କହିଛନ୍ତି, ଯଦି ସେଇ ଆଇନ ଲାଗୁ କରାଯାଏ, ତେବେ ବର୍ଷକୁ ୧୨ ହଜାର କୋଟି ଟଙ୍କା ରାଜ୍ୟକୁ ଲାଭ ହେବ। ଟାଟା ଷ୍ଟିଲ୍ ଅନୁସନ୍ଧାନ କରିଥିଲା, ଯାହା ପ୍ରାୟ ୧୭ ହଜାର କୋଟି ଟଙ୍କା କେନ୍ଦ୍ରାଧୀନ ସଂସ୍ଥା ଉପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବକେୟା ଅଛି। ଯାହା ମିଳିବା କଥା, କିନ୍ତୁ ମିଳିଲା ନାହିଁ। ଏବେ ପୁଣି ଏକ ନୂତନ ରାୟ ପ୍ରକାଶ ପାଇଛି ଯେ ମିନେରାଲ ବିୟରିଂ ଲ୍ୟାଣ୍ଡ ଉପରେ ସରକାର ଟିକସ ପକାଇପାରିବ, ଯେଉଁଦିନଠୁ ଦାବି ହୋଇଥିଲା, ସେଇ ଦିନଠାରୁ ହିସାବ ହୋଇ କେନ୍ଦ୍ର ରାଜ୍ୟକୁ ଦେବା କଥା। କେନ୍ଦ୍ର ସୁପ୍ରିମକୋର୍ଟକୁ କହିଲେ ଯଦି ଏକାଥରକେ ଏତେ ଅର୍ଥ ଦିଆଯିବ, ତେବେ କେନ୍ଦ୍ର ଦେବାଳିଆ ହୋଇଯିବ ଓ ଆମେ ଏକ ସାଥିରେ ଏତେ ଟଙ୍କା ଦେଇପାରିବୁ ନାହିଁ ଏବଂ କେନ୍ଦ୍ର ସରକାର କିସ୍ତି ଆକାରରେ ଅର୍ଥ ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିକଟରେ ପ୍ରାର୍ଥନା କଲେ, ଯାହା ସୁପ୍ରିମକୋର୍ଟ ଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ଟିକସ୍ ଦେବା କଥା ରାଜ୍ୟ ମାଗିବା କଥା, କିନ୍ତୁ ରାଜ୍ୟ ମାଗିଲା ନାହିଁ କିମ୍ବା କେନ୍ଦ୍ର ଦେଲା ନାହିଁ। ତେବେ ଏମଏମଡିଆର-୨୬ ସଂଶୋଧନ ବିଲ୍ ସୁପ୍ରିମକୋର୍ଟରେ ନିଶ୍ଚୟ କାଟ ଖାଇବ, ଏଥିରେ ସନ୍ଦେହ ନାହିଁ ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨୯ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Tuesday 29 September 2026, Bhubaneswar

# ମାନବିକତା ଓ ନ୍ୟାୟ ପାଇଁ ଯୁଦ୍ଧ

ଭାରତ ଆଜି ବିଶ୍ୱରେ ସନ୍ତ୍ରାସବାଦ ବିରୋଧରେ ସବୁଠାରୁ ଦୃଢ଼ ଏବଂ ଅବିଚଳିତ ଦୃଷ୍ଟିଭଙ୍ଗୀ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ସନ୍ତ୍ରାସବାଦ କେବଳ ଏକ ଅପରାଧ ନୁହେଁ; ଏହା ମାନବିକତା ବିରୁଦ୍ଧରେ ଯୁଦ୍ଧ। ଭାରତ ଏହି ସତ୍ୟକୁ ବାରମ୍ବାର ଅନୁଭବ କରିଛି। ମୁମ୍ବାଇର ୨୬/୧୧ ଆକ୍ରମଣ, ଉରି, ପୁଲୱାମା, ପଠାନକୋଟ ଏବଂ ଅନେକ ଅନ୍ୟାନ୍ୟ ଘଟଣା ଭାରତୀୟ ଜନସାଧାରଣଙ୍କ ମନରେ ଗଭୀର କ୍ଷତ ସୃଷ୍ଟି କରିଛି। ତଥାପି ଭାରତ କଦାପି ଭୟଭୀତ ହୋଇନାହିଁ ବରଂ ଏହା ସନ୍ତ୍ରାସବାଦ ଏବଂ ତାହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିମାନଙ୍କ ବିରୁଦ୍ଧରେ ଆହୁରି କଠୋର ଓ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି।



ଭାରତର ନୀତି ସ୍ପଷ୍ଟ। ସନ୍ତ୍ରାସବାଦକୁ କୌଣସି ପ୍ରକାରେ ସମର୍ଥନ କରିବା କିମ୍ବା ସହଯୋଗ କରିବା କଦାପି ଗ୍ରହଣୀୟ ନୁହେଁ। ଯେଉଁ ରାଷ୍ଟ୍ର କିମ୍ବା ସଂସ୍ଥା ସନ୍ତ୍ରାସବାଦୀ ଗୋଷ୍ଠୀମାନଙ୍କୁ ଅର୍ଥ, ଅସ୍ତ୍ର, ପ୍ରଶିକ୍ଷଣ କିମ୍ବା ଆଶ୍ରୟ ପ୍ରଦାନ କରେ, ସେମାନେ ମଧ୍ୟ ସନ୍ତ୍ରାସବାଦର ସହଯୋଗୀ। ଭାରତ ଏହି ସତ୍ୟକୁ ଆନ୍ତର୍ଜାତିକ ମଞ୍ଚରେ ବାରମ୍ବାର ଉଠାଇଛି। ପାକିସ୍ତାନର ଭୂମିରୁ ପରିଚାଳିତ ସନ୍ତ୍ରାସବାଦୀ ଗୋଷ୍ଠୀମାନଙ୍କ ବିରୁଦ୍ଧରେ ଭାରତ ସାମରିକ, କୂଟନୀତିକ ଏବଂ ଆର୍ଥିକ ସମସ୍ତ ମାଧ୍ୟମ ବ୍ୟବହାର କରିଛି। ୨୦୧୬ର ସାର୍ଜିକାଲ ଷ୍ଟ୍ରାଇକ୍ ଏବଂ ୨୦୧୯ର ବାଲାକୋଟ ବିମାନ ଆକ୍ରମଣ ଏହାର ସ୍ପଷ୍ଟ ଉଦାହରଣ। ଏହି ପଦକ୍ଷେପଗୁଡ଼ିକ କେବଳ ପ୍ରତିଶୋଧ ନୁହେଁ; ଏହା ସନ୍ତ୍ରାସବାଦୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଯେ ଭାରତୀୟ ମାଟିରେ ରକ୍ତପାତ କରିବାର ମୂଲ୍ୟ ଦେବାକୁ ପଡ଼ିବ। ଭାରତ କେବଳ ସାମରିକ କ୍ଷେତ୍ରରେ ନୁହେଁ, ବରଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସନ୍ତ୍ରାସବାଦୀ ଗୋଷ୍ଠୀମାନଙ୍କୁ ସମର୍ଥନ କରୁଥିବା ଦେଶମାନଙ୍କୁ ଏକାକୀ କରିବା ପାଇଁ ନିରନ୍ତର ଉଦ୍ୟମ କରିଛି। ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ୍ ଫୋର୍ସ (FATF)ରେ ପାକିସ୍ତାନକୁ ଗ୍ରେ ତାଲିକାରେ ରଖିବା, ଜାତିସଂଘରେ ସନ୍ତ୍ରାସବାଦ ବିରୋଧୀ ପ୍ରସ୍ତାବ ଉପସ୍ଥାପନ ଏବଂ ବିଭିନ୍ନ ଦେଶଙ୍କ ସହ ଗୁପ୍ତଚର ସୂଚନା ବିନିମୟ ଏହାର ଅଂଶ। ଭାରତ ସ୍ପଷ୍ଟ କହିଛି ଯେ ସନ୍ତ୍ରାସବାଦ କୌଣସି ଧର୍ମ, ଜାତି କିମ୍ବା ଭୂଗୋଳ ସହ ଜଡ଼ିତ ନୁହେଁ। ଏହା ଏକ ବିଶ୍ୱବ୍ୟାପୀ ବିପଦ ଏବଂ ଏହାକୁ ମୁକାବିଲା କରିବା ପାଇଁ ସମସ୍ତ ଦେଶଙ୍କ ଏକତ୍ରିତ ପ୍ରୟାସ ଆବଶ୍ୟକ।

ଯେଉଁମାନେ ସନ୍ତ୍ରାସବାଦୀଙ୍କୁ "ମୁକ୍ତି ଯୋଦ୍ଧା" ବୋଲି ବର୍ଣ୍ଣନା କରନ୍ତି କିମ୍ବା ସେମାନଙ୍କ କାର୍ଯ୍ୟକୁ ଯୌକ୍ତିକ କରିବାକୁ ଚେଷ୍ଟା କରନ୍ତି, ସେମାନେ ମଧ୍ୟ ସନ୍ତ୍ରାସବାଦର ସହଯୋଗୀ। ଭାରତ ଏହି ଦୁଇମୁଖୀଆ ନୀତିକୁ କଦାପି ଗ୍ରହଣ କରିନାହିଁ। ଯେଉଁଠାରେ ନିରୀହ ନାଗରିକଙ୍କ ରକ୍ତପାତ ହୁଏ, ସେଠାରେ କୌଣସି ରାଜନୈତିକ ଯୁକ୍ତି ଚାଲେ ନାହିଁ। ଭାରତ ଏହି ସିଦ୍ଧାନ୍ତରେ ଅଟଳ। ସେହି କାରଣରୁ ଭାରତ ଘରୋଇ ସ୍ତରରେ ମଧ୍ୟ ସନ୍ତ୍ରାସବାଦ ବିରୋଧୀ ଆଇନକୁ ଆହୁରି କଠୋର କରିଛି। UAPA ଭଳି ଆଇନ ମାଧ୍ୟମରେ ସନ୍ତ୍ରାସବାଦୀ ଗତିବିଧିକୁ ଦମନ କରାଯାଉଛି ଏବଂ ସେମାନଙ୍କ ପାଣ୍ଠି ଉତ୍ସକୁ ବନ୍ଦ କରାଯାଉଛି।

ଏହି ଦୃଢ଼ ସ୍ଥିତିର ଫଳସ୍ୱରୂପ ଭାରତ ଆଜି ବିଶ୍ୱରେ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ପରିଚିତ। ଅନେକ ଦେଶ ଭାରତର ଅନୁଭବରୁ ଶିକ୍ଷା ନେଉଛନ୍ତି। ତଥାପି ଚ୍ୟାଲେଞ୍ଜ ବାକି ରହିଛି। ସନ୍ତ୍ରାସବାଦୀ ଗୋଷ୍ଠୀମାନେ ନୂତନ ପ୍ରଯୁକ୍ତି ବ୍ୟବହାର କରି ଆକ୍ରମଣ କରୁଛନ୍ତି। ସାମାଜିକ ମାଧ୍ୟମ ମାଧ୍ୟମରେ ଚରମପନ୍ଥୀ ଚିନ୍ତାଧାରା ପ୍ରସାରିତ ହେଉଛି। ଏହି ପରିପ୍ରେକ୍ଷୀରେ ଭାରତକୁ ଆହୁରି ସତର୍କ ରହିବାକୁ ପଡ଼ିବ। ଭାରତର ସନ୍ତ୍ରାସବାଦ ବିରୋଧୀ ନୀତି କେବଳ ସୁରକ୍ଷା ସହ ଜଡ଼ିତ ନୁହେଁ; ଏହା ମାନବିକତା, ନ୍ୟାୟ ଏବଂ ଶାନ୍ତିର ପ୍ରତିକ। ଯେଉଁମାନେ ସନ୍ତ୍ରାସବାଦକୁ ସମର୍ଥନ କରନ୍ତି, ସେମାନେ ଇତିହାସର ଭୁଲ ପାର୍ଶ୍ୱରେ ରହିଛନ୍ତି। ଭାରତ ସେମାନଙ୍କୁ କଦାପି ଦଣ୍ଡମୁକ୍ତି ଦେବ ନାହିଁ। ଆମର ସୈନ୍ୟ, ସୁରକ୍ଷା ବାହିନୀ ଏବଂ ସାଧାରଣ ନାଗରିକଙ୍କ ବଳିଦାନ ବୃଥା ଯିବ ନାହିଁ। ଭାରତ ଆଜି ଯେପରି ଦୃଢ଼, ଆଗକୁ ମଧ୍ୟ ସେହିପରି ରହିବ। ସନ୍ତ୍ରାସବାଦ ବିରୋଧରେ ଭାରତର ଲଢ଼େଇ ଜାରି ରହିବ-ଯେପର୍ଯ୍ୟନ୍ତ ପୃଥିବୀରୁ ଏହି କଳଙ୍କ ଲୋପ ନ ପାଏ।

# ଯୁବ ଆଦର୍ଶ ଶହୀଦ ଭଗତ ସିଂ

**କାଳୀ ପ୍ରସାଦ ସ୍ୱାଇଁ**



ଜୀବନ ଓ ମୃତ୍ୟୁ ଭଗବାନଙ୍କ ସୃଷ୍ଟି ରେ ଏକ ଶାଶ୍ୱତ ନିୟମ। ଧରଣୀ ବକ୍ଷରେ ଜନ୍ମ ନେଇଥିବା ପ୍ରତ୍ୟେକ ପ୍ରାଣୀ ଦିନେ ନା ଦିନେ ମୃତ୍ୟୁକୁ ସାମ୍ନା କରେ, ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ବୀର ନିଜର ସତକର୍ମ, ତ୍ୟାଗ ଓ ଆତ୍ମବଳିଦାନ ବଳରେ ସେହି ମୃତ୍ୟୁକୁ ଜୟ କରି ସମାଜରେ ଯୁଗ ଯୁଗ ପାଇଁ ଅମର ହୋଇଯାନ୍ତି। ୨୮ ସେପ୍ଟେମ୍ବର ୧୯୦୭ ମସିହାରେ ଅବିଭାଜିତ ପଞ୍ଜାବର ବଙ୍ଗା ଗ୍ରାମରେ ଏକ ଶିଖ୍ ପରିବାରରେ ଜନ୍ମଗ୍ରହଣ କରିଥିବା ଭଗତ ସିଂଙ୍କ ରକ୍ତରେ ହିଁ ଦେଶପ୍ରେମ ପ୍ରବାହିତ ହେଉଥିଲା। ତାଙ୍କ ପିତା କିଶନ ସିଂ, ମାତା ବିଦ୍ୟାବତୀ କୌର ଏବଂ କାକା ଅଜିତ୍ ସିଂଙ୍କ ପରି ଦେଶପ୍ରେମୀ ସମ୍ପର୍କୀୟଙ୍କ ଗହଣରେ ବଢ଼ିଥିବାରୁ ବାଲ୍ୟକାଳରୁ ହିଁ ତାଙ୍କ ମନରେ ସ୍ୱଦେଶୀ ଚେତନା ଜାଗ୍ରତ ହୋଇଥିଲା। ବ୍ରିଟିଶ ଶିକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରି ସେ ଦୟାନନ୍ଦ ଆଙ୍ଗ୍ଲୋ ବୈଦିକ (DAV) ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ଲାହୋରର ନାସନାଲ କଲେଜରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ସେଠାରେ ସେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଚରମପନ୍ଥୀ ଲାଲା ଲଜପତ ରାୟଙ୍କ ଭଳି ମହାନ ନେତାଙ୍କୁ ଆଦର୍ଶ ଓ ଗୁରୁ ଭାବେ ଗ୍ରହଣ କରିଥିଲେ ଏବଂ କର୍ତ୍ତାର ସିଂ ସରାଭାଙ୍କ ପ୍ରତିମୂର୍ତ୍ତିକୁ ନିଜ ପ୍ରେରଣାର ସ୍ରୋତ ମାନି ଦେଶପ୍ରେମର ପଥରେ ଆଗେଇ ଚାଲିଥିଲେ। ୧୯୧୯ର ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡ ସମୟରେ ମାତ୍ର ୧୨ ବର୍ଷର କୋମଳ ବୟସରେ ସେହି ରକ୍ତରଞ୍ଜିତ ମାଟିକୁ ସ୍ପର୍ଶ କରି ସେ ଭାରତମାତାକୁ ମୁକ୍ତ କରିବାର ଯେଉଁ ପ୍ରତିଜ୍ଞା ନେଇଥିଲେ, ତାହା ତାଙ୍କର ସମର୍ପିତ ସଂଗ୍ରାମୀ ଜୀବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା।

ମାତ୍ର ୨୩ ବର୍ଷର ଅଳ୍ପ ବୟସରେ, ଯେଉଁ ସମୟରେ ଜଣେ ଯୁବକ ନିଜ ଭବିଷ୍ୟତ ର ରଙ୍ଗୀନ ସ୍ୱପ୍ନ ଓ ପାରିବାରିକ ସୁଖ ସ୍ୱଚ୍ଛନ୍ଦ ବିଷୟରେ ଚିନ୍ତା କରେ, ସେହି ବୟସରେ ଭଗତ ସିଂ ନିଜ ଜୀବନର ପ୍ରତ୍ୟେକ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରି ରାଷ୍ଟ୍ରଜୀବନ କୁ ଆପଣେଇ ନେଇଥିଲେ। ପରିବାର ଲୋକେ ଯେତେବେଳେ ତାଙ୍କର ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ, ସେତେବେଳେ ସେ ଅତ୍ୟନ୍ତ ନିର୍ଭୀକ ଭାବେ ଗୃହତ୍ୟାଗ କରି କହିଥିଲେ, "ମୋର ଜୀବନ ଓ ଯୌବନ କେବଳ ଭାରତମାତାଙ୍କ ମୁକ୍ତି ପାଇଁ ସମର୍ପିତ, ପରାଧୀନ ଭାରତରେ ମୋର ବିବାହ କେବଳ ମୃତ୍ୟୁ ସହିତ ହିଁ ହୋଇପାରିବ।" ତାଙ୍କର ପ୍ରଖର ରାଷ୍ଟ୍ରବାଦୀ ଚିନ୍ତାଧାରା ପଛରେ ଥିଲା ଗଭୀର ଅଧ୍ୟୟନ, ଆତ୍ମସଂଯମ, ନୈତିକ ବଳ ଓ ଶୌର୍ଯ୍ୟର ନିଦର୍ଶନ । ସାଣ୍ଡର୍ସ ହତ୍ୟାକାଣ୍ଡ ହେଉ କିମ୍ବା କେନ୍ଦ୍ରୀୟ ଆସେମ୍ବ୍ଲିରେ ବୋମା ପକାଇବା , ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ କାହାରିକୁ ଭୟଭୀତ କରିବା ପାଇଁ ନଥିଲା, ବରଂ ବ୍ରିଟିଶ ଶାସକଙ୍କୁ ଚେତାବନୀ ଦେବା ଏବଂ ଭାରତୀୟମାନଙ୍କ ମନରୁ ଭୟ ଦୂର କରିବା ପାଇଁ ଥିଲା। ଜେଲ୍‌ରେ ୬୩ ଦିନର କଠିନ ଅନଶନ ସମୟରେ ତାଙ୍କର ଆତ୍ମବଳ ଓ ସହନଶୀଳତା ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା।

୨୩ ମାର୍ଚ୍ଚ ୧୯୩୧ରେ ଲାହୋର ଜେଲ୍‌ରେ ଯେତେବେଳେ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀ ଦିଆଗଲା, ସେତେବେଳେ ସେମାନଙ୍କ ମୁଖମଣ୍ଡଳରେ କୌଣସି ଭୟ, ଚିନ୍ତା ବା ଅନୁଶୋଚନା ନଥିଲା। ମୃତ୍ୟୁକୁ ଅତ୍ୟନ୍ତ ସାହସର ସହ ଆଲିଙ୍ଗନ କରି, ଫାଶୀ ଦଉଡ଼ିକୁ ଚୁମ୍ବନ ଦେଇ 'ଭାରତ ମାତା କି ଜୟ' ଓ 'ବନ୍ଦେ ମାତରମ୍'ର ଗମ୍ଭୀର ସ୍ଲୋଗାନରେ ସେମାନେ ଗଗନ ପବନ କମ୍ପାଇ ଦେଇଥିଲେ। ସେହିଦିନ ମୃତ୍ୟୁ ପରାଜିତ ହୋଇଥିଲା ଏବଂ ହୁତାତ୍ମା ଭଗତ ସିଂ ସବୁ ଦିନ ପାଇଁ ଅମର ହୋଇଯାଇଥିଲେ। ନିଜର ପ୍ରାଣବଳି ଦେଇ ସେ ସମଗ୍ର ଜାତି ମନରେ ସ୍ୱାଧୀନତାର ଯେଉଁ ପ୍ରଖର ଶିଖା ପ୍ରଜ୍ୱଳିତ କଲେ, ତାହା ବିଦେଶୀ ଶାସନର ପତନକୁ ସୁନିଶ୍ଚିତ କରିଥିଲା। ଜୀବନର ଶ୍ରେଷ୍ଠତ୍ୱ ବୟସର ଦୀର୍ଘତାରେ ନଥାଏ, ବରଂ ରାଷ୍ଟ୍ରକର୍ମ, ରାଷ୍ଟ୍ର ପାଇଁ ତ୍ୟାଗ ଓ ରାଷ୍ଟ୍ରପ୍ରେମ ତଥା ରାଷ୍ଟ୍ରପ୍ରଥମ ବିଚାରଧାରାର ମହାନତାରେ ଥାଏ,ଏହା ହିଁ ଭଗତ ସିଂଙ୍କ ଅମର ଜୀବନର ଶାଶ୍ୱତ ସନ୍ଦେଶ, ଯାହା ଆଜିର ଯୁବସମାଜକୁ ରାଷ୍ଟ୍ର ନିର୍ମାଣର ପଥରେ ସଦା ସର୍ବଦା ମାର୍ଗଦର୍ଶନ କରୁଥିବ।

ସମାଜସେବୀ, ପୁରୀ, ମୋବାଇଲ୍:୮୧୧୪୮୧୦୩୧୩



# ଥାଲାପତି ବିଜୟଙ୍କ ଉଦୟ, ବିଜୟ ମହାପାତ୍ରଙ୍କ ପ୍ରଶ୍ନ



**ମୁକ୍ତେଶ୍ୱର ସ୍ୱାଇଁ**

ଲୋକପ୍ରିୟତାରୁ ଶାସନର ଶୀର୍ଷ ପର୍ଯ୍ୟନ୍ତ ଥାଲାପତି, ଆଉ ଦଶନ୍ଧିର ଅଭିଜ୍ଞତା ସତ୍ତ୍ୱେ ବିଜୟ ମହାପାତ୍ରଙ୍କ ରାଜନୈତିକ ଅଧ୍ୟାୟ ଏବେ ବି ଅସମ୍ପୂର୍ଣ୍ଣ। ଭାରତୀୟ ରାଜନୀତିରେ ନେତୃତ୍ୱର ରାସ୍ତା ସବୁବେଳେ ଏକା ନୁହେଁ। କେହି ଛାତ୍ର ରାଜନୀତିରୁ ଆସନ୍ତି, କେହି ସାମାଜିକ ଆନ୍ଦୋଳନରୁ, କେହି ପାରମ୍ପରିକ ଦଳୀୟ ରାଜନୀତିରୁ। ଆଉ କେହି ଲୋକପ୍ରିୟତାର ବଡ଼ ପରଦାରୁ ସିଧାସଳଖ ନିର୍ବାଚନୀ ରାଜନୀତିକୁ ପ୍ରବେଶ କରନ୍ତି। ତାମିଲନାଡୁର ଥାଲାପତି ବିଜୟଙ୍କ ରାଜନୈତିକ ଯାତ୍ରା ଏହାର ଏକ ନୂଆ ଉଦାହରଣ। ଅଭିନେତାରୁ ରାଜନେତା, ଆଉ ରାଜନୈତିକ ଦଳର ନେତାରୁ ମୁଖ୍ୟମନ୍ତ୍ରୀ-ଏହି ଯାତ୍ରା ଭାରତୀୟ ରାଜନୀତିରେ ଏକ ଚର୍ଚ୍ଚାର ବିଷୟ ହୋଇଛି। ୨୦୨୬ ମେ ୧୦ରେ ସି. ଜୋସେଫ ବିଜୟ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଆକାଶବାଣୀ ରିପୋର୍ଟ କରିଛି।

ଏହି ଘଟଣା ଏକ ସ୍ୱାଭାବିକ ପ୍ରଶ୍ନ ଉଠାଏ-ରାଜନୀତିରେ ଲୋକପ୍ରିୟତା ବଡ଼ ନା ଦୀର୍ଘ ଅଭିଜ୍ଞତା? ଏହି ପ୍ରଶ୍ନ ଓଡ଼ିଶାରେ ଉଠିଲେ ଜଣେ ନେତାଙ୍କ ନାମ ଅନାୟାସରେ ମନକୁ ଆସେ-ବିଜୟ ମହାପାତ୍ର। ବିଜୟ ମହାପାତ୍ର କୌଣସି ଅଭିନୟ ମଞ୍ଚରୁ ରାଜନୀତିକୁ ଆସିନଥିଲେ। ତାଙ୍କ ରାଜନୈତିକ ପରିଚୟ ଗଢ଼ିଛି ମାଟିରୁ, ସଂଗଠନରୁ, ନିର୍ବାଚନୀ ଲଢ଼େଇରୁ ଏବଂ ଦୀର୍ଘ ରାଜନୈତିକ ଅନୁଭବରୁ। ୧୯୮୦ରୁ ୧୯୯୫ ପର୍ଯ୍ୟନ୍ତ ପାଟକୁରାରୁ ଲଗାତାର ଚାରିଥର ବିଧାୟକ ହୋଇଥିଲେ ବିଜୟ ମହାପାତ୍ର। ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଜଳସମ୍ପଦ ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। ତାଙ୍କୁ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ଓ ସେତେବେଳର ଶକ୍ତିଶାଳୀ ନେତା ଭାବେ ବିଭିନ୍ନ ରାଜନୈତିକ ଲେଖାରେ ଉଲ୍ଲେଖ କରାଯାଇଛି। କିନ୍ତୁ ରାଜନୀତିରେ କେବଳ ଅଭିଜ୍ଞତା ଥିଲେ ହିଁ ସବୁକିଛି ମିଳେନାହିଁ। ବିଜୟ ମହାପାତ୍ରଙ୍କ ରାଜନୈତିକ ଜୀବନର ସବୁଠାରୁ ଚର୍ଚ୍ଚିତ ଅଧ୍ୟାୟ ହେଉଛି ବିଜୁ ଜନତା ଦଳର ଗଠନ ପରବର୍ତ୍ତୀ ପରିସ୍ଥିତି। ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ବିଜୁଙ୍କ ନାମରେ ନୂଆ ଆଞ୍ଚଳିକ ରାଜନୈତିକ ଶକ୍ତି ଗଢ଼ିବା ପ୍ରକ୍ରିୟାରେ ବିଜୟ ମହାପାତ୍ରଙ୍କ ଭୂମିକା ଥିବା ନେଇ ଐତିହାସିକ ରାଜନୈତିକ ତଥ୍ୟ ଓ ରିପୋର୍ଟରେ ଉଲ୍ଲେଖ ମିଳେ। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକଙ୍କ ସହ ତାଙ୍କ ମତଭେଦ ବଢ଼ିଥିଲା ଏବଂ ୨୦୦୦ରେ ସେ ବିଜେଡିରୁ ବାହାରିଥିଲେ।

ଏଠାରୁ ଆରମ୍ଭ ହୋଇଥିଲା ତାଙ୍କ ରାଜନୈତିକ ସଂଘର୍ଷର ଦ୍ୱିତୀୟ ଅଧ୍ୟାୟ। ନିଜସ୍ୱ ଆଞ୍ଚଳିକ ଦଳ ଗଠନ, ଅନ୍ୟ ଦଳ ସହ ମେଣ୍ଟ, ପୁଣି ନୂଆ ରାଜନୈତିକ ମଞ୍ଚ-ବିଜୟ ମହାପାତ୍ରଙ୍କ ରାଜନୈତିକ ଯାତ୍ରାରେ ଏସବୁ ପର୍ଯ୍ୟାୟ ଦେଖିବାକୁ ମିଳେ। କିନ୍ତୁ ତାଙ୍କ ସମର୍ଥକଙ୍କ ପାଇଁ ଗୋଟିଏ କଥା ଆଜି ବି ଗୁରୁତ୍ୱପୂର୍ଣ୍ଣ-ପଦ ହାରିଲେ ବି ରାଜନୈତିକ ପରିଚୟ ହାରିନାହାନ୍ତି। ୨୦୨୬ରେ ତାଙ୍କ ନାମ ପୁଣି ଓଡ଼ିଶା ରାଜନୀତିର ଚର୍ଚ୍ଚାରେ ଆସିଛି। ବିଜୁ ପଟ୍ଟନାୟକଙ୍କ ମୃତ୍ୟୁବାର୍ଷିକୀରେ ପୂର୍ବତନ ସହଯୋଗୀମାନଙ୍କ ଏକ ସମାନ୍ତରାଳ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ ମହାପାତ୍ରଙ୍କ ଉପସ୍ଥିତି ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହା କେବଳ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଥିଲା ନା ତା' ପଛରେ କୌଣସି ବଡ଼ ରାଜନୈତିକ ସନ୍ଦେଶ ଥିଲା-ତାହା ନେଇ ଭିନ୍ନ ରାଜନୈତିକ ବ୍ୟାଖ୍ୟା ରହିଛି। ତେଣୁ ଏହାକୁ ଭବିଷ୍ୟତର ନିଶ୍ଚିତ ରାଜନୈତିକ ପଦକ୍ଷେପ ବୋଲି କହିବା ଏବେ ଅତିଶୀଘ୍ର ହେବ। ତଥାପି ପ୍ରଶ୍ନଟି ରହିଯାଏ। ଏତେ ଦୀର୍ଘ ରାଜନୈତିକ ଅଭିଜ୍ଞତା ଥିବା ଜଣେ ନେତାଙ୍କ ଭୂମିକା ଓଡ଼ିଶା ରାଜନୀତିରେ ଆଉ କେତେ ରହିପାରେ? ଥାଲାପତି ବିଜୟଙ୍କ ମାମଲାରେ ଲୋକପ୍ରିୟତା ରାଜନୈତିକ ପୁଞ୍ଜିରେ ପରିଣତ ହେଲା। ବିଜୟ ମହାପାତ୍ରଙ୍କ ମାମଲାରେ ତାହାର ଭିତ୍ତି ଅଲଗା— ଦୀର୍ଘ ନିର୍ବାଚନୀ ଅଭିଜ୍ଞତା, ମନ୍ତ୍ରିପଦର ଅନୁଭବ, ସଂଗଠନ ଗଢ଼ିବାର ଅଭିଜ୍ଞତା ଏବଂ ଓଡ଼ିଶାର ଆଞ୍ଚଳିକ ରାଜନୀତିର ଅନେକ ଉତ୍ଥାନ-ପତନର ପ୍ରତ୍ୟକ୍ଷ ସାକ୍ଷୀ ହେବା। ଏହି ଦୁଇଟି ରାଜନୈତିକ ଯାତ୍ରାକୁ ଏକାଠି ରଖିଲେ ଭାରତୀୟ ରାଜନୀତିର ଆଉ





ଏକ ପରିବର୍ତ୍ତନ ଦେଖାଯାଏ। ରାଜନୀତିରେ ଆଜି ମାତ୍ର ପଦ ନୁହେଁ, ନେତାଙ୍କ ସହ ଲୋକଙ୍କ ସମ୍ପର୍କ, ତାଙ୍କର ରାଜନୈତିକ ଆଖ୍ୟାନ ଏବଂ ସଂଗଠନ ଗଢ଼ିବାର କ୍ଷମତା ମଧ୍ୟ ଚର୍ଚ୍ଚାର କେନ୍ଦ୍ରରେ ରହୁଛି। ବିଜୟ ମହାପାତ୍ରଙ୍କ ରାଜନୈତିକ ଜୀବନକୁ ଦେଖିଲେ ଏକ ବିଚିତ୍ର ବିରୋଧାଭାସ ଦେଖାଯାଏ। ଜଣେ ନେତା ଯିଏ ଚାରିଥର ବିଧାୟକ ହୋଇଛନ୍ତି, ମନ୍ତ୍ରୀ ହୋଇଛନ୍ତି, ରାଜ୍ୟର ଆଞ୍ଚଳିକ ରାଜନୀତିର ଏକ ପ୍ରମୁଖ ପର୍ଯ୍ୟାୟରେ ଭୂମିକା ନେଇଛନ୍ତି, ସେ ନିଜ ରାଜନୈତିକ ଜୀବନର ପରବର୍ତ୍ତୀ ଦୀର୍ଘ ସମୟରେ ସେହି ମାତ୍ରାର ନିର୍ବାଚନୀ ସଫଳତା ପାଇପାରିନାହାନ୍ତି। ଏହା ତାଙ୍କ ରାଜନୈତିକ ଯାତ୍ରାର ଏକ ତଥ୍ୟ। କିନ୍ତୁ ସେହି ତଥ୍ୟକୁ ଆଧାର କରି ତାଙ୍କ ସମଗ୍ର ରାଜନୈତିକ ଭୂମିକାକୁ ମାପିଦେବା ମଧ୍ୟ ସରଳୀକରଣ ହେବ। କାରଣ ରାଜନୀତିରେ ନିର୍ବାଚନ ଜିତିବା ଗୋଟିଏ ମାପକାଠି, କିନ୍ତୁ ରାଜନୈତିକ ଇତିହାସ ଅନେକ ମାପକାଠିରେ ଲେଖାଯାଏ। ଆଜିର ଓଡ଼ିଶା ରାଜନୀତିରେ ନୂଆ ପିଢ଼ିର ନେତାମାନେ ଆସୁଛନ୍ତି। ଦଳଗୁଡ଼ିକର ଶକ୍ତିସମୀକରଣ ବଦଳିଛି। ୨୦୨୪ ପରେ ରାଜ୍ୟରେ ଶାସନ ପରିବର୍ତ୍ତନ ମଧ୍ୟ ହୋଇଛି। ଏହି ପରିବର୍ତ୍ତିତ ପରିବେଶରେ ପୁରୁଣା ଅଭିଜ୍ଞ ନେତାମାନଙ୍କ ଭୂମିକା କ'ଣ ହେବ-ଏହା ନିଶ୍ଚିତ ଭାବରେ ଆଲୋଚନାର ବିଷୟ। ଏହି ପରିପ୍ରେକ୍ଷୀରେ ବିଜୟ ମହାପାତ୍ରଙ୍କୁ କେବଳ ଜଣେ ପୂର୍ବତନ ମନ୍ତ୍ରୀ କିମ୍ବା ପୂର୍ବତନ ବିଧାୟକ ଭାବେ ଦେଖିଲେ ତାଙ୍କ ରାଜନୈତିକ ଯାତ୍ରାର ଏକ ବଡ଼ ଅଂଶ ଅଦୃଶ୍ୟ ହୋଇଯିବ।

କେବେ କେବେ ରାଜନୀତିରେ ହାରିଥିବା ନିର୍ବାଚନଠାରୁ ଅଧିକ ଦୀର୍ଘ ହୋଇଥାଏ ଜଣେ ନେତାଙ୍କ ରାଜନୈତିକ ପ୍ରଭାବର ଛାୟା। ବିଜୟ ମହାପାତ୍ରଙ୍କ କ୍ଷେତ୍ରରେ ଆଜିର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି-ସେହି ରାଜନୈତିକ ଅଭିଜ୍ଞତା କେବଳ ଅତୀତର ଏକ ଅଧ୍ୟାୟ ହୋଇ ରହିବ, ନା ପୁଣି ଓଡ଼ିଶାର ରାଜନୈତିକ ଆଲୋଚନାରେ ନୂଆ ଅର୍ଥ ପାଇବ? ତାହାର ଉତ୍ତର ସମୟ ଦେବ। କିନ୍ତୁ ଥାଲାପତି ବିଜୟଙ୍କ ଉଦାହରଣ ଗୋଟିଏ କଥା ନିଶ୍ଚିତ ଭାବେ ମନେ ପକାଇଦିଏ-ରାଜନୀତିରେ କାହାଣୀ କେବେ ଶେଷ ହୁଏ, ତାହା କେବଳ ଗୋଟିଏ ନିର୍ବାଚନର ଫଳାଫଳ ନିର୍ଦ୍ଧାରଣ କରେନାହିଁ ଏବଂ ଓଡ଼ିଶାର ବିଜୟ ମହାପାତ୍ରଙ୍କ ରାଜନୈତିକ କାହାଣୀ-ଦଶନ୍ଧିର ଉତ୍ଥାନ, ସଂଘର୍ଷ, ବିରୋଧ, ଦଳୀୟ ପରିବର୍ତ୍ତନ ଓ ଅପେକ୍ଷାର କାହାଣୀ-ଆଜି ବି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ।

ସାମ୍ବାଦିକ, ମୋବାଇଲ୍:୯୫୫୬୭୨୯୫୫୯୫

# ଭାରତର ପରମାଣୁ ଅସ୍ତ୍ର ବିଷୟରେ ଆମେରିକାର ସମୀକ୍ଷା ରିପୋର୍ଟ



**ଡା. ରାଜକିଶୋର ପଣ୍ଡା**

ନୂଆଦିଲ୍ଲୀରେ ଅଠରତମ ବ୍ରିକ୍ସ ସମ୍ମିଳନୀ (୧୨-୧୩ ସେପ୍ଟେମ୍ବର)ର ଆୟୋଜନ ପୂର୍ବରୁ ସେପ୍ଟେମ୍ବର ନଅ ତାରିଖ ୨୦୨୬ ରେ ଆମେରିକାର ଏକ ରିପୋର୍ଟରେ ଦାବି କରାଗଲା ଯେ ଭାରତ ଅତିକମ୍‌ରେ ତିରିଶଟି ପରମାଣୁ ୱାର ହେଡ୍ (ଡବକ୍ସ ଷରବୟ), ଏହାର ନୂତନ ନିର୍ମାଣଧୀନ ମିସାଇଲ୍‌ମାନଙ୍କରେ ସଂଯୋଗ କରିଛି। ଯାହା ଫଳରେ ତା'ର ପରମାଣୁ ଶକ୍ତି ସମ୍ପନ୍ନ ରକେଟ୍ ବା ମିସାଇଲର ସଂଖ୍ୟା ଯାହା ପୂର୍ବରୁ ଥିଲା ଏକଶହ ଷାଠିଏ, ବର୍ତ୍ତମାନ ବୃଦ୍ଧି ପାଇ ଏକଶହ ନବେରେ ପହଞ୍ଚିଛି।

ୱାର ହେଡ୍ କହିଲେ ଆମେ ବୁଝିବା କୌଣସି ରକେଟ୍ ବା ମିସାଇଲ୍‌ର ବିସ୍ଫୋରକ ପଦାର୍ଥ ଥିବା ଅଂଶ। ଆମେରିକାର ଏକ ଅଣଲାଭଦାୟକ ପଲିସୀ ଥିଙ୍କ୍-ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟଟିର ପ୍ରକାଶନ ସମୟକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ବ୍ରିକ୍ସ ଜରିଆରେ ଚୀନ, ଋଷ୍ ଓ ଇରାନଙ୍କର ତ୍ରିଶକ୍ତି ନୂଆ ବିଶ୍ୱ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଉଦ୍ୟମରତ ଅଛନ୍ତି, ଯାହାକୁ ଆମେରିକାର ଏକନାୟକତ୍ୱର ବିକଳ୍ପ ଭାବରେ ଦେଖାଯାଉଛି। ବ୍ରିକ୍‌ସର ପ୍ରୟାସ ହେଉଛି କି ସେ ନିଜର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ କ୍ରସ୍ ବର୍ଡ଼ର ପେମେଣ୍ଟ ବ୍ୟବସ୍ଥାର ଆରମ୍ଭ କରୁ ଯେଉଁଥିରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ କରେନ୍‌ସିଜ୍ (ସି.ବି.ଡି.ସି) ମଧ୍ୟରେ ଏକ ସମନ୍ୱୟ ରହିପାରିବ। ପାଠକମାନଙ୍କର ଗୋଚରାର୍ଥେ ମୁଁ ଏଠାରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସି.ବି.ଡି.ସି ଉପରେ କିଞ୍ଚିତ୍ ତଥ୍ୟ ପ୍ରଦାନ କରୁଛି। ଡିଜିଟାଲ ପେମେଣ୍ଟ୍ ସିଷ୍ଟମ୍‌ରେ ୟୁପିଆଇ (ଫୋନ୍ ପେ, ଗୁଗୁଲ୍ ପେ, ଏ.ଟି.ଏମ୍ କାର୍ଡ଼, ନେଟ୍ ବ୍ୟାଙ୍କିଙ୍ଗ୍) ଆଦି ଅନ୍ତର୍ଭୁକ୍ତ। ସେହିପରି ସି.ବି.ଡି.ସି କେନ୍ଦ୍ରୀୟ ବ୍ୟାଙ୍କ୍ (ଜ.ଈ.ଓ) ଦ୍ୱାରା ନିୟନ୍ତ୍ରିତ ଡିଜିଟାଲ୍ କ୍ୟାସ୍ ଅଟେ।

ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଏକ ପ୍ଲାଟ୍‌ଫର୍ମ ଭଳି ଯିଏ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ମଧ୍ୟରେ ପଇସା କାରାବାର କରିଥାଏ। ସି.ବି.ଡି.ସି କିନ୍ତୁ ନିଜେ ହିଁ ପଇସା ଅଟେ। ଏହି ଦୁଇ ବ୍ୟବସ୍ଥା ମଧ୍ୟରେ ଲିଙ୍କ୍ ସ୍ଥାପନ ଉଦ୍ଦେଶ୍ୟରେ ଆଲୋଚନା ପାଇଁ ସମ୍ମିଳନୀ ପୂର୍ବରୁ ୧୨-୧୩ ଅଗଷ୍ଟ ୨୦୨୬ ରେ ବ୍ରିକ୍ସ ରାଷ୍ଟ୍ରର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍‌ର ପ୍ରତିନିଧିବୃନ୍ଦ ଜୟପୁରରେ ଏକାଠି ହୋଇଥିଲେ। ଯଦି ଏହି ବ୍ୟବସ୍ଥାଟି ଲାଗୁ ହୋଇପାରିବ ତେବେ ବୈଶ୍ୱିକ ବାଣିଜ୍ୟରେ ଡଲାରର ମହତ୍ତ୍ୱ ଗୁରୁତର ଭାବରେ ହ୍ରାସ ପାଇବ। ଆମେରିକା ଏହା କଦାପି ଚାହିଁବ ନାହିଁ। କେବଳ ଏଇଥିପାଇଁ ଟ୍ରମ୍ପ ବ୍ରିକ୍ସକୁ ଧମକ ଦେଇଛନ୍ତି ଓ କହିଛନ୍ତି, ଯେ ଯଦି ବ୍ରିକ୍ସର ରାଷ୍ଟ୍ରମାନେ ଡଲାରର



ମୁକାବିଲା କରିବା ପାଇଁ କୌଣସି ପ୍ରତିଦ୍ୱନ୍ଦୀ ମୁଦ୍ରାର ବ୍ୟବସ୍ଥା କରନ୍ତି, ତେବେ ଆମେରିକା ସମ୍ପୃକ୍ତ ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଟିକସ ଲଗାଇବ। ଆଜି ପର୍ଯ୍ୟନ୍ତ ନୂଆଦିଲ୍ଲୀ, ଆମେରିକାକୁ ଅସନ୍ତୁଷ୍ଟ କରିବା ପାଇଁ ଚାହୁଁନଥିଲା। ତେଣୁ ବ୍ରିକ୍‌ସର ଅଧ୍ୟକ୍ଷ ହୋଇଥିବା ସତ୍ତ୍ୱେ ଭାରତ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଅଠେଇଶ ଫେବୃୟାରୀ ୨୦୨୬ ରେ ଇରାନ ଉପରେ କରାଯାଇଥିବା ଆକ୍ରମଣର ଆନୁଷ୍ଠାନିକ ଭାବେ ବିରୋଧ କରିନଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଏଇ ନିକଟରେ ବିଶ୍‌କେକ୍ (କିରଗିଜ୍‌ସ୍ଥାନ) ରେ ଆୟୋଜିତ ହୋଇଥିବା ଏସ୍.ସି.ଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଋଷ୍ ରାଷ୍ଟ୍ରପତି ପୁଟିନ୍ ଓ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କୁ ସାକ୍ଷାତ୍ କରି ଯୁକ୍ତରାଷ୍ଟ୍ରକୁ ସ୍ପଷ୍ଟ ସଙ୍କେତ ଦେଲେ କି ଭାରତ ପାଖରେ ନୂଆ ବୈଶ୍ୱିକ ମଞ୍ଚରେ ସାମିଲ୍ ହେବାର ସମସ୍ତ ବିକଳ୍ପ ଖୋଲା ରହିଛି। ଏହି ସଙ୍କେତ ଏଥିପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ କାରଣ ଦୀର୍ଘ ସାତବର୍ଷ ପରେ ଚୀନ୍‌ର ରାଷ୍ଟ୍ରପତି ସିଜିନ୍‌ପିଙ୍ଗ୍ ନିଜର ସତଷଠି ସଦସ୍ୟ ବିଶିଷ୍ଟ ସରକାରୀ ଦଳ, ଯେଉଁଥିରେ ଜିନ୍‌ପିଙ୍ଗ୍‌ଙ୍କର ଅତି ବିଶ୍ୱସନୀୟ "କାଇ ଚି" (ସିପିସି ପଲିଟ୍ ବ୍ୟୁରୋର ସଦସ୍ୟ ଓ ବିଦେଶ ମନ୍ତ୍ରୀ ୱାଙ୍ଗ୍ ୱି ସାମିଲ ଅଛନ୍ତି)କୁ ନେଇ ଭାରତ ଆସିଛନ୍ତି। ଚୀନର ବାଣିଜ୍ୟ ସମ୍ପର୍କିତ ଦଳ ଅଲଗା ଭାବରେ ଆସୁଛି।

ଆମେରିକାର ଭାରତର ପରମାଣୁ ଅସ୍ତ୍ର ସମ୍ପର୍କିତ ନଗଦ ରିପୋର୍ଟ ଓ ଏହାକୁ ଜାରି କରିବାର ସମୟକୁ ଏକ ବିଶେଷ ପୃଷ୍ଠଭୂମିରେ ବୁଝିବାର ଆବଶ୍ୟକତା ରହିଛି। କାରଣ ଆମେରିକା ଇରାନ୍ ଉପରେ ଆକ୍ରମଣ ଏହା କହି କରିଥିଲା କି, ସେ ଇରାନ୍‌କୁ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଦେବନାହିଁ, ଯେତେବେଳେ କି ବର୍ତ୍ତମାନ ସମୟରେ ଏହି ଦିଶାହୀନ ଯୁଦ୍ଧ ତୈଳ ଉପରେ ନିୟନ୍ତ୍ରଣ ଜନିତ ସଂଘର୍ଷରେ ବଦଳିଯାଇଛି, ଯାହାଦ୍ୱାରା ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ଶହେ ଡଲାରକୁ ଅତିକ୍ରମ କରିଗଲାଣି। "ଭାରତର ପରମାଣୁ ଅସ୍ତ୍ର-୨୦୨୬" ନାମକ ରିପୋର୍ଟଟି ନଅ ସେପ୍ଟେମ୍ବର ୨୦୨୬ ରେ ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି, "ଭାରତ ନିଜର ପରମାଣୁ ଶସ୍ତ୍ରାଗାରର ଆଧୁନିକୀକରଣକୁ ଜାରି ରଖି, ଏହି କିଛି ବର୍ଷରେ ଅନେକଗୁଡ଼ିଏ ନୂଆ ଅସ୍ତ୍ର ବ୍ୟବସ୍ଥା ମୁତୟନ କରିଛି। ଅନେକକୁ ବିକଶିତ କରିଛି, ଏହି ବିକଶିତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଅଛି ପରମାଣୁ ଶକ୍ତି ସମ୍ପନ୍ନ ଏୟାରକ୍ରାଫଟ୍, ଜଳ ଆଧାରିତ ବ୍ୟବସ୍ଥା ଓ ସ୍ଥଳ ଆଧାରିତ ବ୍ୟବସ୍ଥାର ଉନ୍ନତିକରଣ। ଆମର ଅନୁମାନ ହେଉଛି କି ଭାରତ ୧୪୦ ରୁ ୨୨୫ ୱାରହେଡସ୍ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିସାରିଲାଣି ଓ ସେ ଏକଶହ ନବେ ପର୍ଯ୍ୟନ୍ତ ୱାରହେଡସ୍ ମଧ୍ୟ ନିର୍ମାଣ କରିସାରିଲାଣି।" ଏହି ରିପୋର୍ଟଟିର ଗବେଷଣା ବିଷୟକ କାର୍ଯ୍ୟ ଓ ଲିଖନ ପ୍ରକ୍ରିୟା "ଫେଡେରେସନ୍ ଅଫ୍ ଆମେରିକନ୍ ସାଇଣ୍ଟିଷ୍ଟସ୍ ନ୍ୟୁକ୍ଲିୟାର ଇନଫରମେସନ୍ ପ୍ରୋଜେକ୍ଟର କର୍ମଚାରୀମାନେ କରିଛନ୍ତି।" ସେମାନେ ଏହି ରିପୋର୍ଟରେ ଆହୁରି ମଧ୍ୟ ଲେଖିଛନ୍ତି କି, ଆମେ ଅନୁମାନ କରୁଛୁ କି, ଭାରତ ବର୍ତ୍ତମାନ ସମୟରେ ନଅଟି ଅଲଗା ଅଲଗା ପରମାଣୁ ସକ୍ଷମ ବ୍ୟବସ୍ଥାକୁ ପରିଚାଳିତ କରୁଛି। ଏଥିରେ ଦୁଇ ଏୟାରକ୍ରାଫଟ୍, ଛଅ ଭୂମି ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଓ ଏକ ସମୁଦ୍ର ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ। ଅତିକମ୍‌ରେ ଦୁଇଟି ଅତିରିକ୍ତ ବ୍ୟବସ୍ଥାକୁ ବିକଶିତ କରାଯାଉଛି ଯାହା ସମ୍ପୂର୍ଣ୍ଣ ହୋଇଗଲେ ଏହି କିଛି ବର୍ଷ ମଧ୍ୟରେ ସେନାବାହିନୀକୁ ପ୍ରଦାନ କରାଯିବ।

ସାମରିକ ପ୍ଲୁଟୋନିୟମ୍ ଯାହାକୁ ଇଂରାଜୀରେ କୁହାଯାଏ "ମିଲିଟାରୀ ପ୍ଲୁଟୋନିୟମ୍" ବୁଝାଇଥାଏ ପ୍ଲୁଟୋନିୟମ୍-୨୩୯ ବୋଲି ଏକ ଆଇସୋଟୋପ୍‌କୁ। ଏହାକୁ ବ୍ୟବହାର କରାଯାଇଥାଏ, ଆଣବିକ ଅସ୍ତ୍ରର ନିର୍ମାଣରେ କାରଣ ଅତି ମାତ୍ରାରେ ବିପଜ୍ଜନକ "ଚେନ୍-ରିଆକସନ୍"କୁ ସୃଷ୍ଟି କରିବାରେ ଏହା ସହାୟକ ହୋଇଥାଏ। ସୂଚନାଯୋଗ୍ୟ ଯେ ଭାରତ ନିଜର ପରମାଣୁ ଅସ୍ତ୍ର ବିଷୟରେ କୌଣସି ତଥ୍ୟ ବା ସଂଖ୍ୟା ପ୍ରକାଶ କରେନାହିଁ। ଆମେରିକାର ରିପୋର୍ଟରେ ଯେଉଁ ସମୀକ୍ଷା କରାଯାଇଛି ତାହା ମୁଖ୍ୟତଃ ଅନୁମାନ ଉପରେ ହିଁ ଆଧାରିତ। ଏହି ଅନୁମାନ ଭିତ୍ତିକ ତଥ୍ୟ ସଂଗ୍ରହ ପ୍ରାୟତଃ କରାଯାଇଛି ରାଜ୍ୟମାନଙ୍କରୁ ବାହାରୁଥିବା ଡାଟା ଯେପରିକି ସରକାରୀ ବକ୍ତବ୍ୟ, ଡିକ୍ଲାସିଫାଏଡ୍ ଡକ୍ୟୁମେଣ୍ଟ (ଗୋପନୀୟ ତାଲିକାରୁ ବାଦ୍ ପଡୁଥିବା ଦସ୍ତାବିଜ), ବେସରକାରୀ ରିପୋର୍ଟ (ମିଡିଆ ରିପୋର୍ଟ, ଥିଙ୍କ୍ ଟ୍ୟାଙ୍କ୍ ସମୀକ୍ଷା, କମର୍ସିଆଲ୍ ସାଟେଲାଇଟ୍ ଇମେଜେରି) ପ୍ରଭୃତି ଦ୍ୱାରା। ରିପୋର୍ଟଟି ଦର୍ଶାଇଛି କି ଭାରତ ଦୁଇପ୍ରକାରର ଆଣବିକ ପଦାର୍ଥର ଉତ୍ପାଦନ କରୁଛି। ଗୋଟିଏ ହେଲା ଅତି ସମ୍ବର୍ଦ୍ଧିତ ୟୁରାନିୟମ୍ (ଐସଶଷକ୍ଷଛ ରଭକ୍ସସମଷରୟ ଟକ୍ସବଭସଙ୍କ୍ଷ) ଓ ଅନ୍ୟଟି ହେଉଛି ସାମରିକ ବା ମିଲିଟାରୀ ପ୍ଲୁଟୋନିୟମ୍। ଅତି ସମ୍ବର୍ଦ୍ଧିତ ୟୁରାନିୟମ୍‌ର ଉତ୍ପାଦନ ହେଉଛି, ଇନ୍ଧନର ପ୍ରସ୍ତୁତି ନିମନ୍ତେ। ରିପୋର୍ଟଟିରେ ଉଲ୍ଲେଖ ଅଛି, "ଭାରତ ନିର୍ମାଣ କରୁଥିବା ସାମରିକ ପ୍ଲୁଟୋନିୟମ୍‌ର ମୁଖ୍ୟ ସ୍ରୋତ ହେଉଛି "ଧ୍ରୁବ" ପ୍ଲୁଟୋନିୟମ୍ ପ୍ରଡକ୍ସନ ରିଆକ୍ଟର, ଯାହାକି ଅଛି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରର ପରିସର ମଧ୍ୟରେ। ୨୦୧୦ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେଉଥିଲା ସମାନ ସ୍ଥାନରେ ଥିବା ସି.ଆଇ. ଆର.ୟୁ.ଏସ୍ ରିଆକ୍ଟର ଦ୍ୱାରା। ଏପ୍ରିଲ୍ ୨୦୨୬ ରେ ଭାରତର ନୂତନ ୫୦୦ ମେଗାୱାଟ-ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ଼ର ରିଆକ୍ଟର କଲ୍ପକମ୍ ସ୍ଥିତ ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟୋମିକ୍ ରିସର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା। ଏହି ରିଆକ୍ଟର ୟୁରାନିୟମ୍ ବା ଥୋରିୟମ୍‌ର ବିକିରଣ କରିଥାଏ, ପ୍ଲୁଟୋନିୟମ୍-୨୩୯ ବା ୟୁରାନିୟମ୍-୨୩୩ ର ଉତ୍ପାଦନ କରିବା ପାଇଁ।"

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

### ୧୪ ବର୍ଷୀୟା ମାନବାଧିକାର କର୍ମୀଙ୍କ ଭାବପୂର୍ଣ୍ଣ ଆବେଦନ

# ହେ ଭାରତ, ତୁମେ ଆମର ସ୍ୱର ହୁଅ



ନୂଆଦିଲ୍ଲୀ,୨୮।୯ଃ ବଲୁଚିସ୍ତାନର ପରିସ୍ଥିତିକୁ ନେଇ ୧୪ ବର୍ଷ ବୟସ୍କା ମାନବିକ ଅଧିକାର କର୍ମୀ ଫରାହ ବଲୁଚ ଭାରତୀୟ ନାଗରିକ ଓ ଅନ୍ତର୍ଜାତୀୟ ସମାଜକୁ ଏକ ବଡ଼ ଅପିଲ୍ କରିଛନ୍ତି। ସେ ସେହି ଅଞ୍ଚଳର ଅସହାୟ ଓ ସ୍ୱରହୀନ ଲୋକଙ୍କ ସଂଘର୍ଷକୁ ସମର୍ଥନ କରିବା ପାଇଁ ଭାରତବାସୀଙ୍କୁ ନିବେଦନ କରିଛନ୍ତି। ତାଙ୍କ ମାଆଙ୍କ ସହିତ ଜାରି ହୋଇଥିବା ଏକ ଭିଡିଓ ବାର୍ତ୍ତାରେ ଫରାହ ସିଧାସଳଖ ଭାରତୀୟମାନଙ୍କୁ ବଲୁଚିସ୍ତାନର ସ୍ଥିତି ଉପରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଛନ୍ତି।

ଫରାହ କହିଛନ୍ତି ଯେ, 'ଆଜି ମୁଁ, ଅଧିକୃତ ବଲୁଚିସ୍ତାନର ଝିଅ ଫରାହ ବଲୁଚ, ମୋ ମାଆଙ୍କ ସହିତ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଅନୁରୋଧ କରୁଛି ଯେ ଆପଣମାନେ ଆମର ସ୍ୱର ହୁଅନ୍ତୁ ଓ ବଲୁଚିସ୍ତାନର ଲୋକଙ୍କୁ ସମର୍ଥନ କରନ୍ତୁ।' ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ହେ ଭାରତ, ବଲୁଚିସ୍ତାନର ସ୍ୱରହୀନ ଲୋକଙ୍କ ପାଇଁ ଆପଣଙ୍କର ସ୍ୱର ଓ ଆପଣଙ୍କର ସମର୍ଥନ ବହୁତ ଗୁରୁତ୍ୱପୂର୍ଣ୍ଣ।' ଫରାହ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସେହି ଅଞ୍ଚଳର ମାନବିକ ଅଧିକାର ପ୍ରସଙ୍ଗଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ଜଣାଶୁଣା।

ଚୀନ୍-ପାକିସ୍ତାନ ଆର୍ଥିକ କରିଡର ଓ ଗ୍ୱାଦର ବନ୍ଦରର ବିକାଶ ଏହି ପ୍ରଦେଶର ସବୁଠାରୁ ପ୍ରମୁଖ ପ୍ରକଳ୍ପ ଅଟେ। ତେବେ ବଲୁଚ କର୍ମୀ ଓ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକର ବିରୋଧ ଲାଗି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକ ଆର୍ଥିକ ଲାଭର ଠିକ୍ ଅଂଶ ପାଉନାହାନ୍ତି। ସେମାନେ ଜମି ଅଧିଗ୍ରହଣ, ଲୋକଙ୍କୁ ସ୍ଥାନାନ୍ତରିତ କରିବା, ସୁରକ୍ଷା କଟକଣା ଏବଂ ଚୀନ୍ ଶ୍ରମିକ ଓ ବ୍ୟବସାୟୀଙ୍କ ଉପସ୍ଥିତିକୁ ନେଇ ଫରାହ ଚିନ୍ତା ପ୍ରକଟ କରିଛନ୍ତି। ପାକିସ୍ତାନ ସୃଷ୍ଟି ହେବାଠାରୁ ବଲୁଚିସ୍ତାନରେ ଅନେକ ଥର ବିଦ୍ରୋହ ଦେଖିବାକୁ ମିଳିଛି। ସବୁଠାରୁ ବଡ଼ ବିଦ୍ରୋହରେ ଅନେକ ସଶସ୍ତ୍ର ଗୋଷ୍ଠୀ ସାମିଲ ଅଛନ୍ତି। ପାକିସ୍ତାନୀ ସୁରକ୍ଷା ବାହାର ଓ ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ କରୁଥିବା ଗୋଷ୍ଠୀଗୁଡ଼ିକୁ ପାକିସ୍ତାନ ସରକାର ଏକ ଆତଙ୍କବାଦୀ ସଙ୍ଗଠନ ଭାବରେ ମାନ୍ୟତା ଦେଇଛନ୍ତି। ଏହି ବିଦ୍ରୋହ ମୁଖ୍ୟତଃ ଚୀନ୍ର ସ୍ୱାର୍ଥ ଓ ସମ୍ପ୍ରଦାୟର ସମ୍ପଦ ଉପରେ କେନ୍ଦ୍ରିତ ଥିବାବେଳେ ସ୍ଥାନୀୟ ଲୋକମାନେ ଏହାର ମୂଲ୍ୟ ଦେଉଛନ୍ତି। ପାକିସ୍ତାନୀ କର୍ତ୍ତୃପକ୍ଷ ବିଦ୍ରୋହୀ ନେଟୱର୍କକୁ ଧ୍ୱଂସ କରିବା ପାଇଁ ସୁରକ୍ଷା ଅଭିଯାନ ଚଳାଇଛନ୍ତି, କିନ୍ତୁ ମାନବିକ ଅଧିକାର କର୍ମୀମାନେ ବାରମ୍ବାର ସାଧାରଣ ନାଗରିକଙ୍କୁ ହଇରାଣ କରାଯାଉଥିବା ନେଇ ଅଭିଯୋଗ ଆଣିଛନ୍ତି। ଏଭଳି ପରିସ୍ଥିତିରେ, ଫରାହ ବଲୁଚଙ୍କ ଏହି ଅପିଲ୍ ବଲୁଚ କର୍ମୀମାନଙ୍କ ଦ୍ୱାରା ଉତ୍ଥାପିତ ଅଭିଯୋଗଗୁଡ଼ିକ ପ୍ରତି ଅଧିକ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ଦିଷ୍ଟ ଅଟେ। ତାଙ୍କର ଏହି ବାର୍ତ୍ତା ବିଶେଷ ଭାବେ ଭାରତୀୟ ନାଗରିକମାନଙ୍କୁ ସମ୍ବୋଧନ କରି କରାଯାଇଛି, ଯାହାଦ୍ୱାରା ସେମାନେ ବଲୁଚ ଜନସାଧାରଣଙ୍କ ସପକ୍ଷରେ ମୁହଁ ଖୋଲିବେ।

### ଚୀନ୍-ପାକ୍ ପ୍ରକଳ୍ପ ଓ ଅନ୍ତରୀଣ ବିବାଦରେ ପେଷି ହେଉଛି ବଲୁଚିସ୍ତାନ

### ଟିଏମସି ନିର୍ବାଚନ ଚିହ୍ନ ବିବାଦ

## ୩ ମାସରେ ସମାଧାନ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୯ଃ ତୃଣମୂଳ କଂଗ୍ରେସ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ନିର୍ବାଚନ ଚିହ୍ନ ବିବାଦର ନିଷ୍ପତ୍ତି ତିନି ମାସ ମଧ୍ୟରେ ନେବାକୁ ସୋମବାର ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ତିନି ମାସର ଅବଧି ଚାରି ସପ୍ତାହରୁ ଆରମ୍ଭ ହେବ, ଏହି ସମୟ ମଧ୍ୟରେ ଉଭୟ ପକ୍ଷକୁ ସମସ୍ତ ଆବଶ୍ୟକୀୟ ଜବାବ ଏବଂ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।




ଆଗାମୀ ଉପନିର୍ବାଚନ ପାଇଁ ମୂଳ ଦଳୀୟ ଚିହ୍ନକୁ ଫ୍ରିଜ୍ କରିବା ପାଇଁ ନିର୍ବାଚନ କମିସନଙ୍କ ୧୭ ସେପ୍ଟେମ୍ବରର ମଧ୍ୟବର୍ତ୍ତୀକାଳୀନ ଆଦେଶ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ପୃଥକ ନାମ ଏବଂ ଚିହ୍ନ ଆବଣ୍ଟନ କରିବାର କିଛି ଘଣ୍ଟା ପରେ, ମମତା ବାନାର୍ଜୀ ସେପ୍ଟେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ। ନିର୍ବାଚନ ପ୍ୟାନେଲ ବାନାର୍ଜୀଙ୍କ ଗୋଷ୍ଠୀକୁ ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ନାମ ଦେଇ ଦଳକୁ ଫୁଟବଲ୍ ଖେଳାଳି ଚିହ୍ନ ଦେଇଛି। ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ ଭାବରେ ମାନ୍ୟତା ଦିଆଯାଇଛି ଏବଂ ଲଫାପା ଚିହ୍ନ ଦିଆଯାଇଛି। ଏହି ବ୍ୟବସ୍ଥା ଆଗାମୀ ଉପନିର୍ବାଚନ ପାଇଁ ପ୍ରଯୁଜ୍ୟ ହେବ।

## ପ୍ଲାଷ୍ଟିକ୍ ଅଣ୍ଡା ଗୁଜବରେ ବିଶ୍ୱାସ କରନିଃ ଏଫ୍ଏସ୍ଏସ୍ଏଆଇ

ନୂଆଦିଲ୍ଲୀ,୨୮।୯ଃ ପ୍ଲାଷ୍ଟିକ୍ ଅଣ୍ଡାକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚାକୁ ବିଶ୍ୱାସ ନ କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଏଆଇ) ଲୋକମାନଙ୍କୁ ପରାମର୍ଶ ଦେଇଛି। ଏଭଳି ଗୁଜବରେ ବିଶ୍ୱାସ ନ କରି କେବଳ ଆନୁଷ୍ଠାନିକ ତଥ୍ୟ ଉପରେ ଭରସା କରିବାକୁ ଭାରତୀୟ କର୍ତ୍ତୃପକ୍ଷ କହିଛନ୍ତି। ଏହା ସହ ଘରେ ଅଣ୍ଡା ସତେଜ ନା ଅଧିକ ଦିନର ତାହା କିଭଳି ଜାଣିହେବ ସେହି ଉପାୟ ଜଣାଇଛି। ଏଫ୍ଏସ୍ଏସ୍ଏଆଇ ଅନୁସାରେ ଏକ ପାତ୍ରରେ ପାଣି ନେଇ ସେଥିରେ ଅଣ୍ଡାକୁ ଧୀରେ ପକାଇବାକୁ ପଡ଼ିବ। ସତେଜ ଅଣ୍ଡା ସାଧାରଣତଃ ପାଣିର ତଳେ ଭାଗରେ ଯାଇ ଶୋଇ ରହିବ। ଅଣ୍ଡା ଅଧିକ ଦିନର ହୋଇଥିଲେ ତାହା ପାଣିରେ ବୁଡ଼ିବ ନାହିଁ, ବରଂ ଭାସିବ। ଏଫ୍ଏସ୍ଏସ୍ଏଆଇ କହିଛି ଯେ ଅଣ୍ଡାର ହଳଦିଆ ଓ ଧଳା ମିଶିଗଲେ ତାହାକୁ ପ୍ଲାଷ୍ଟିକ୍ ଅଣ୍ଡା କୁହାଯାଇପାରିବନି। ଅଣ୍ଡା ପୁରୁଣା ହେବା ସହ ତାହାର ଧଳା ଅଂଶ ପତଳା ଓ ତରଳ ହୋଇଯାଏ। ଏହା ଫଳରେ ହଳଦିଆ ଓ ଧଳା ଅଂଶ ମିଶିଯାଇପାରେ। ଏହାକୁ କୃତ୍ରିମ ବା ପ୍ଲାଷ୍ଟିକ୍ ଅଣ୍ଡାର ପ୍ରମାଣ ଭାବେ ଧରିବା ଠିକ୍ ନୁହେଁ ବୋଲି ଏଫ୍ଏସ୍ଏସ୍ଏଆଇ କହିଛି।



## ଚାଟ୍‌ଜିପିଟିରେ ଟ୍ରିପ୍ ପ୍ଲାନ୍ କଲେ ସଚିନ



ନୂଆଦିଲ୍ଲୀ,୨୮।୯ଃ କ୍ରିକେଟ୍ ମଇଦାନରେ ଦଶନ୍ଧି ଦଶନ୍ଧି ଧରି ନିଜର ଅମଳିନ ଛାପ ଛାଡ଼ିଥିବା କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକର ଏବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଦୁନିଆ ସହ ଯୋଡ଼ି ହୋଇଛନ୍ତି। ସେ ଜଣାଶୁଣା ଏଆଇ କମ୍ପାନୀ ଓପନ୍ ଏଆଇ ସହ ଏକ ନୂଆ ସହଭାଗିତା ଘୋଷଣା କରିଛନ୍ତି। ନିଜର ଅଧିକୃତ ସୋସିଆଲ ମିଡିଆ ଆକାଉଣ୍ଟରେ ସଚିନ୍ ଏହି ସହଭାଗିତା ନେଇ ସୂଚନା ଦେବା ସହ ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ସେ ଏଆଇ ଟୁଲ୍ର ବ୍ୟବହାର କରୁଥିବା ନଜର ଆସିଛନ୍ତି। ସଚିନ୍ ତେନ୍ଦୁଲକର କହିଛନ୍ତି ଯେ ନିକଟରେ ପରିବାର ସହ ଟ୍ରିପ୍‌ରେ ଯିବା ପାଇଁ ସେ ଚାଟ୍‌ଜିପିଟିର ସହାୟତା ନେଇ ପ୍ଲାନିଂ କରିଥିଲେ। ସଚିନଙ୍କ କହିବା ଅନୁସାରେ, ନୂଆ ଜିନିଷ ଜାଣିବା ପ୍ରତି ତାଙ୍କର ସବୁବେଳେ ପ୍ରବଳ ଆଗ୍ରହ ରହିଛି ଓ ଗୋଟିଏ ପ୍ରଶ୍ନ ପରେ ଆଉ ଗୋଟିଏ ପ୍ରଶ୍ନ ତାଙ୍କ ମନରେ ଆସିଥାଏ। ଚାଟ୍‌ଜିପିଟି ତାଙ୍କର ଏହି ଉତ୍ସୁକତାକୁ ଆହୁରି ବଢ଼ାଇ ଦେଇଥିବା ସେ କହିଛନ୍ତି। ପରିବାର ସହ ଟ୍ରିପ୍ ପ୍ଲାନ୍ କରିବା ଭଳି ଦୈନନ୍ଦିନ କାମରେ ମଧ୍ୟ ଏହା ତାଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥିବା ସେ ଉଲ୍ଲେଖ କରିଛନ୍ତି।

## ଗଭୀର ଖାଇକୁ ଖସିଲା କାର୍ଃ ୫ ମୃତ, ୬ ଆହତ

ଶ୍ରୀନଗର,୨୮।୯ଃ ସୋମବାର ଜମ୍ମୁ-କାଶ୍ମୀରର କୁପୱାଡା ଜିଲ୍ଲାର କର୍ଣ୍ଣାହ ଅଞ୍ଚଳରେ ଏକ ଗାଡ଼ି ଗୋଟିଏ ଗଭୀର ଖାଇ ଭିତରକୁ ଖସି ପଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି ଓ ୬ ଜଣ ଆହତ ହୋଇଛନ୍ତି। ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। କୁପୱାଡାରେ ଦୁର୍ଭାଗ୍ୟଜନକ ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ସେ ଗଭୀର ଦୁଃଖିତ ବୋଲି କହିଛନ୍ତି। ସେ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତ ମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଉପରାଜ୍ୟପାଳ କହିଛନ୍ତି ଯେ ସେ ଆହତ ମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



## ଗୁଜବ ନୁହେଁ, କଠୋର ପ୍ରଶାସନିକ ନିୟନ୍ତ୍ରଣ

### ଏଲ୍‌ପିୟୁ କ୍ୟାମ୍ପସରେ ବଢୁଛି ଛାତ୍ର ଅସନ୍ତୋଷ

ଫଗୱାଡ଼ା,୨୮।୯ଃ ପଞ୍ଜାବର ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ ଘଟିଥିବା ଉତ୍ତେଜନା ପଛରେ କେବଳ ଗୋଟିଏ ଗୁଜବ ନୁହେଁ, ବରଂ କ୍ୟାମ୍ପସରେ ପ୍ରଶାସନର କଠୋର ନିୟନ୍ତ୍ରଣ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୀର୍ଘଦିନରୁ ଜମି ରହିଥିବା ଅସନ୍ତୋଷ ମଧ୍ୟ ଏକ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। କିଛି ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ଅନୁମୋଦିତ ନିୟମ ବା 'ୟୁଏମ୍‌ସି' (ଅନ୍‌ଫେୟାର ମିନ୍ସ କେସ୍) ନାମକ ଶୃଙ୍ଖଳାଗତ ବ୍ୟବସ୍ଥାକୁ ପରୀକ୍ଷା ବାହାରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି ଯେ ଶିକ୍ଷକ ଏବଂ ସୁରକ୍ଷା କର୍ମୀମାନେ ସାମାନ୍ୟ କଥାରେ ମଧ୍ୟ ମନଇଚ୍ଛା ମାମଲା ରୁଜୁ କରିଥାନ୍ତି। ଏପରିକି ବ୍ୟକ୍ତିଗତ ବିବାଦକୁ କେନ୍ଦ୍ର କରି କ୍ଲାସରେ କଥା ହେବା ଭଳି ସାମାନ୍ୟ ଘଟଣା ପାଇଁ ମଧ୍ୟ ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହାଦ୍ୱାରା ସେମାନଙ୍କର ପାଠପଢ଼ା ଏବଂ କ୍ୟାରିଅର୍ ପ୍ରଭାବିତ ହେଉଛି। ତେବେ ଛାତ୍ରଛାତ୍ରୀଙ୍କ ଏହିସବୁ ଗମ୍ଭୀର ଅଭିଯୋଗର କୌଣସି ସ୍ୱାଧୀନ ପ୍ରମାଣ ମିଳିପାରି ନାହିଁ।



## ମ୍ୟାନହୋଲ୍‌ରେ ପଡ଼ି ଶ୍ରମିକ ମୃତ, ଜଣେ ଗୁରୁତର

ମୁମ୍ବାଇ,୨୮।୯ଃ ମୁମ୍ବାଇର ସାନ୍ତାକ୍ରୁଜ୍ ପୂର୍ବ ଅଞ୍ଚଳରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଡ୍ରେନେଜ୍ ଲାଇନ୍ ସଫା କରୁଥିବା ସମୟରେ ଦୁଇ ଜଣ ଶ୍ରମିକ ଏକ ସେୱର ମ୍ୟାନହୋଲ୍ ଭିତରକୁ ଖସିପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସୋମବାର ଦିନ ଏକ ଆବାସିକ ସମିତି (ଭବ୍ୟ ନିକେତନ) ପକ୍ଷରୁ ଘରୋଇ ଭାବେ ଏହି ଶ୍ରମିକମାନଙ୍କୁ ଡ୍ରେନେଜ୍ ସଫା କରିବାକୁ ନିୟୋଜିତ କରାଯାଇଥିଲା। କାମ କରୁଥିବା ସମୟରେ ସେମାନେ ବିନା ସୂଚନାରେ ଏକ ମ୍ୟାନହୋଲ୍ ଖୋଲିବାରୁ ଏହି ଅଘଟଣ ଘଟିଥିଲା। ଅଗ୍ନିଶମ ବାହିନୀ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପହଞ୍ଚାଇଥିବାବେଳେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲା, ବ୍ରିଜଭୂଷଣଙ୍କୁ ନୋଟିସ୍

ନୂଆଦିଲ୍ଲୀ,୨୮।୯ଃ କୁସ୍ତି ମହାସଂଘର ପୂର୍ବତନ ସଭାପତି ତଥା ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହ ଏବଂ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲାରେ ଏକ ନୋଟିସ୍ ମିଳିଛି। ଯୌନ ନିର୍ଯାତନା ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦୋଷରେ ଖଲାସ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ଚାରି ଜଣ ମହିଳା ମଲ୍ଲଯୋଦ୍ଧା ସେସନ୍ସ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନର ଶୁଣାଣି କରି ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମର ଉଭୟଙ୍କୁ ନୋଟିସ୍ ଜାରି କରି ଜବାବ୍ ତଲବ କରିଛନ୍ତି। ମାମଲାର ଗମ୍ଭୀରତାକୁ ବିଚାର କରି, ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟର ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମରଙ୍କୁ ଅକ୍ଟୋବର ୯ ସୁଦ୍ଧା ସେମାନଙ୍କର ଜବାବ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦିଲ୍ଲୀକୁ ଘାରିଛି ପ୍ରଦୂଷଣ ଚିନ୍ତା

## ନଭେମ୍ବର ପହିଲାରୁ ୱାର୍କ ଫ୍ରମ୍ ହୋମ୍



ନୂଆଦିଲ୍ଲୀ,୨୮।୯ଃ ଶୀତଦିନ ଆସିବା ସହିତ ଦିଲ୍ଲୀ ସରକାର ପ୍ରଦୂଷଣକୁ ରୋକିବା ପାଇଁ ନିୟମ ଏବଂ ପ୍ରତିବନ୍ଧକମୂଳକ ନିର୍ଦ୍ଦେଶ ଜାରି କରିଛନ୍ତି। ନଭେମ୍ବର ୧ ତାରିଖରୁ, ଦିଲ୍ଲୀର ସରକାରୀ ଏବଂ ଅଣ-ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭଙ୍ଗା ଏବଂ ଯାନବାହାନ ସ୍କ୍ରାପ୍ କରିବା ଉପରେ ମଧ୍ୟ ନିଷେଧ ଲାଗୁ କରାଯାଇଛି।ଏକ ଆଦେଶରେ କୁହାଯାଇଛି ଯେ, ୧ ନଭେମ୍ବର ୨୦୨୬ ରୁ ୩୧ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ଭଙ୍ଗା ଏବଂ ଧୂଳି ସୃଷ୍ଟି କରୁଥିବା ବାହ୍ୟ ସିଭିଲ୍ ନିର୍ମାଣ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଛି।

ଏହା ସହିତ ୧୦ ଡିସେମ୍ବର ୨୦୨୬ ରୁ ୨୦ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ନିର୍ମାଣ ଏବଂ ଭଙ୍ଗା କାର୍ଯ୍ୟକଳାପ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ୨୦୨୬ ନଭେମ୍ବର ୧ ରୁ ୨୮ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ବିଭିନ୍ନ ଅଫିସ ସମୟ ପରିବର୍ତ୍ତନ କରାଯାଇଛି। ଏମସିଡି ଅଧୀନରେ ଅଫିସ ସମୟ ସକାଳ ୮:୩୦ ରୁ ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ ଏବଂ ଜିଏନସିଟିଡି ଅଧୀନରେ ଅଫିସ ସମୟ ସକାଳ ୧୦:୦୦ ରୁ ସନ୍ଧ୍ୟା ୬:୩୦ ପର୍ଯ୍ୟନ୍ତ ହେବ।

## ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ବଦନାମ କରୁଛନ୍ତି ବିରୋଧୀଃ ଯୋଗୀ ଆଦିତ୍ୟନାଥ



ଲକ୍ଷ୍ନୌ, ୨୮।୯ଃ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର କଂଗ୍ରେସ, ସମାଜବାଦୀ ପାର୍ଟି (ଏସ୍‌ପି) ଓ ଆର୍‌ଜେଡି ସମେତ ବିଭିନ୍ନ ବିରୋଧୀ ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ବିରୋଧୀ ଦଳଗୁଡ଼ିକ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ କ୍ରମାଗତ ଭାବେ ପ୍ରଶ୍ନ ଉଠାଇ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର), ନିର୍ବାଚନ କମିସନ ଓ ଇଭିଏମ୍‌କୁ ନେଇ ବିରୋଧୀଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ବିବାଦକୁ ସେ ଅତ୍ୟନ୍ତ ଦାୟିତ୍ୱହୀନ ରାଜନୀତି ଭାବେ ବର୍ଣ୍ଣନା କରିଛନ୍ତି। ଏଭଳି କାର୍ଯ୍ୟକଳାପ ଯୋଗୁଁ ଅନ୍ତର୍ଜାତୀୟସ୍ତରରେ ଭାରତର ସୁନାମ ନଷ୍ଟ ହେଉଛି ବୋଲି ସେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ ନିର୍ବାଚନ କମିସନ ହେଉଛି ଏକ ବହୁସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥା, ଯେଉଁଠାରେ ଆଭ୍ୟନ୍ତରୀଣ ମତଭେଦ ରହିବା ସ୍ୱାଭାବିକ କଥା। ଏହାକୁ ନେଇ ସମଗ୍ର ବ୍ୟବସ୍ଥାକୁ କ୍ଷୁଣ୍ଣ କରିବା ଠିକ୍ ନୁହେଁ।

### ଉଜ୍ଜୟିନୀ ଶାହୀ ମସଜିଦ ବିବାଦ

## କେବଳ ୩ ଫୁଟ୍ ଅଂଶ ହଟାଇବାକୁ ସହମତି



ଇନ୍ଦୋର, ୨୮।୯ଃ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଅବସ୍ଥିତ ଶାହୀ ମସଜିଦର ଏକ ଅଂଶ ହଟାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦରେ ମଧ୍ୟପ୍ରଦେଶ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏହି ମାମଲାରେ ମୁସଲିମ ପକ୍ଷଙ୍କ ପକ୍ଷରୁ ଦାଖଲ ହୋଇଥିବା ପୃଥକ ଆବେଦନଗୁଡ଼ିକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଜିଲ୍ଲା ପ୍ରଶାସନ ଏବଂ ଶାହୀ ମସଜିଦ କମିଟି ମଧ୍ୟରେ ହୋଇଥିବା ପାରସ୍ପରିକ ଚୁକ୍ତିନାମା ଆଧାରରେ ମାମଲାର ସମାଧାନ କରିଛନ୍ତି। ହାଇକୋର୍ଟର ଇନ୍ଦୋର ଡବଲ୍ ବେଞ୍ଚ ଭଙ୍ଗା ନିର୍ଦ୍ଦେଶ ଉପରେ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି, ଯାହାଫଳରେ ବର୍ତ୍ତମାନ ଚୁକ୍ତି ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ଉଜ୍ଜୟିନୀ ନଗର ନିଗମ ପକ୍ଷରୁ ମସଜିଦର ୯ ଫୁଟ୍ ଅଂଶ ଭାଙ୍ଗିବା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଇନ୍ଦୋର ହାଇକୋର୍ଟଙ୍କ ନିକଟରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଥିଲା, ଯେଉଁଥିରେ କେବଳ ୩ ଫୁଟ୍ ଅଂଶ ଭାଙ୍ଗିବା ପାଇଁ ସହମତି ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ମସଜିଦ କମିଟିକୁ ପ୍ରତିଶ୍ରୁତି ଦିଆଯାଇଛି ଯେ ଭଙ୍ଗାଯାଇଥିବା ଦୋକାନଗୁଡ଼ିକୁ ପୁନଃନିର୍ମାଣ ଓ ସ୍ଥାନାନ୍ତର କରାଯିବା ସହ ଜବରଦଖଲ ହଟାଇବା ବାବଦ ଖର୍ଚ୍ଚର କ୍ଷତିପୂରଣ ମଧ୍ୟ ଦିଆଯିବ।

## କେଦାରନାଥ ଯାତ୍ରାରେ ଭୟାବହ ଭୂସ୍ଖଳନ, ୫ ବର୍ଷର ଶିଶୁ ମୃତ



### ୧୧୦୦ ଉଦ୍ଧାର, ଫସିଲେ ୪୦୦୦ ଯାତ୍ରୀ

ଡେରାଡୁନ୍, ୨୮।୯ଃ ଉତ୍ତରାଖଣ୍ଡର ପ୍ରସିଦ୍ଧ କେଦାରନାଥ ଧାମ ଯାତ୍ରା ପଥରେ ଏକ ବଡ଼ଧରଣର ଭୂସ୍ଖଳନ ଘଟି ବଡ଼ଧରଣର ଅଘଟଣ ଘଟିଛି। ରବିବାର ସନ୍ଧ୍ୟାରେ କେଦାରନାଥର ଚିରବାସା ନିକଟରେ ପାହାଡ଼ରୁ ହଠାତ୍ ପଥର ଓ ମାଟି ଅତଡ଼ା ଧସି ପଡ଼ିବାରୁ ଜଣେ ୫ ବର୍ଷର ଶିଶୁର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପୁଲିସ ନିୟନ୍ତ୍ରଣ କକ୍ଷକୁ ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୪ଟା ୩୯ ମିନିଟ୍ ସମୟରେ ଘଟିଥିବା ଏହି ଘଟଣାରେ ପାହାଡ଼ରୁ ଖସିଥିବା ଏକ ବଡ଼ ପଥର ଆଘାତରେ ଶିଶୁଟିର ପ୍ରାଣହାନି ଘଟିଛି। ମୃତ ଶିଶୁଟିର ନାମ ଯଶ (୫) ବୋଲି ଜଣାପଡ଼ିଥିବାବେଳେ ସେ ଉତ୍ତରପ୍ରଦେଶର ଏଟାହ ନିବାସୀ ରୋହତାଶ ଯାଦବଙ୍କ ପୁଅ ଅଟନ୍ତି। ଏହି ଦୁର୍ଘଟଣା ପରେ ଶିଶୁଟିର ମୃତଦେହକୁ ଉଦ୍ଧାର କରାଯାଇ ଏମଆରପି ଭୈରବ ମନ୍ଦିରକୁ ନିଆଯାଇଥିଲା।

ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଯାତ୍ରା ମାର୍ଗର ବିଭିନ୍ନ ସ୍ଥାନରେ ପ୍ରାୟ ୪, ୦୦୦ ପର୍ଯ୍ୟଟକ ତଥା ତୀର୍ଥଯାତ୍ରୀ ଫସି ରହିଛନ୍ତି। ପାହାଡ଼ ପାର୍ଶ୍ୱରୁ କ୍ରମାଗତ ଭାବେ ବଡ଼ ବଡ଼ ପଥର ଏବଂ ମାଟି ଧସି ରାସ୍ତା ଉପରେ ପଡୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧, ୧୦୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ଆମେରିକା ଜାହାଜ ଉପରେ କ୍ରୁଜ୍ ମାଡ଼ କଲା ଇରାନ

ତେହରାନ,୨୮।୯ଃ ଇରାନ ପକ୍ଷରୁ ଆମେରିକା ନୌସେନାର ଜାହାଜ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି। ଏକ କ୍ରୁଜ୍ କ୍ଷେପଣାସ୍ତ୍ର କ୍ଷେପଣାସ୍ତ୍ର ଆକ୍ରମଣରେ ଆଠ ଜଣ ଆମେରିକୀୟ ନୌସେନା କର୍ମଚାରୀ ଆହତ ହୋଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଘଟଣା ସେପ୍ଟେମ୍ବର ୧୪ ତାରିଖରେ ହର୍ମୁଜ୍ ପ୍ରଣାଳୀରେ ଘଟିଥିଲା। ଇରାନ ଦ୍ୱାରା ନିକ୍ଷେପ କରାଯାଇଥିବା ଏକ କ୍ରୁଜ୍ କ୍ଷେପଣାସ୍ତ୍ର ଆମେରିକୀୟ ସାମରିକ କର୍ମଚାରୀଙ୍କୁ ନେଇ ଯାଉଥିବା ଜାହାଜକୁ ଆଘାତ କରିଥିଲା। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଆକ୍ରମଣରେ ଆହତ ହୋଇଥିବା ସମସ୍ତ ଆଠ ଜଣ ନୌସେନା କର୍ମଚାରୀ ବଞ୍ଚି ଯାଇଛନ୍ତି। ତେବେ ସେମାନେ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିବା ଘନ ଧୂଆଁ ଯୋଗୁଁ ଶ୍ୱାସକ୍ରିୟା ସମସ୍ୟାରେ ପୀଡ଼ିତ ହୋଇଥିଲେ ଏବଂ କେତେକଙ୍କ ମସ୍ତିଷ୍କରେ ଆଘାତ ଲାଗିଥିବା ସନ୍ଦେହ କରାଯାଉଛି। ଆହତଙ୍କ ମଧ୍ୟରେ ସାତ ଜଣ ତାଲିକାଭୁକ୍ତ ମେରାଇନ୍ କର୍ମଚାରୀ ଏବଂ ଜଣେ ଅଧିକାରୀ ଥିଲେ। ସେମାନେ ହର୍ମୁଜ୍ ପ୍ରଣାଳୀରେ ଏକ ଜାହାଜରେ କାର୍ଯ୍ୟ କରୁଥିଲେ। ଅଧିକାରୀମାନେ ସମ୍ପୃକ୍ତ ଜାହାଜଟି କେଉଁ ପ୍ରକାରର ସେନେଇ କୌଣସି ସୂଚନା ପ୍ରଦାନ କରିନଥିଲେ।



### ଭୂସ୍ଖଳନ ଯୋଗୁ ଆସିଥିଲା ଦ୍ୱିତୀୟ ସର୍ବୋଚ୍ଚ ସୁନାମୀ

## ୬ଟି କୁତବ ମୀନାରଠାରୁ ଅଧିକ ଥିଲା ଲହରୀର ଉଚ୍ଚତା




ଆଲାସ୍କା, ୨୮।୯ଃ ୨୦୨୫ ମସିହା ଅଗଷ୍ଟ ମାସରେ ଆଲାସ୍କାରେ ଏକ ବଡ଼ଧରଣର ଭୂସ୍ଖଳନ କାରଣରୁ ଇତିହାସର ଦ୍ୱିତୀୟ ସର୍ବୋଚ୍ଚ ସୁନାମୀ ତରଙ୍ଗ ସୃଷ୍ଟି ହୋଇଛି। ଏହି ସୁନାମୀ ତରଙ୍ଗଟି ୧, ୫୮୦ ଫୁଟ ବା ୪୮୧ ମିଟର ଉଚ୍ଚ ଥିଲା, ଯାହାକି ଛଅଟିରୁ ଅଧିକ କୁତବ୍ ମିନାରକୁ ଏକାଠି ସମାନ୍ତରାଳ ଭାବେ ଉପରେ ସଜ୍ଜିତ କଲେ ଯେତିକି ଉଚ୍ଚତା ହେବ, ସେତିକି ଉଚ୍ଚ ଥିଲା। ଏହି ଭୟଙ୍କର ବିପର୍ଯ୍ୟୟ ଏକ ପାହାଡ଼ରୁ କୋଟି କୋଟି ଟନ ପଥର ପାଣି ଭିତରକୁ ଖସିପଡ଼ିବା ଫଳରେ ଘଟିଥିଲା।

ଘଟଣା ଅନୁସାରେ, ୨୦୨୫ ଅଗଷ୍ଟ ୧୦ ତାରିଖରେ ଟ୍ରେସି ଆର୍ମ ଫଜୋର୍ଡ଼ଠାରେ ଏହି ସୁନାମୀ ଆସିଥିଲା। ଦକ୍ଷିଣ ସାଓୟର ଗ୍ଲେସିୟର ନିକଟରେ ଥିବା ଏକ ପାହାଡ଼ରୁ ବିପୁଳ ପରିମାଣର ପଥର ପାଣିରେ ପଡ଼ିବା ଦ୍ୱାରା ସୃଷ୍ଟି ହୋଇଥିବା ବିଶାଳ ତରଙ୍ଗ ଫଜୋର୍ଡ଼ର ବିପରୀତ ପାର୍ଶ୍ୱକୁ ମାଡ଼ିଯାଇଥିଲା। ଏହାର ପ୍ରଭାବରେ ସେଠାକାର ଗଛଲତା ଓ ମାଟି ଧୋଇ ଯାଇ କେବଳ ଖାଲି ପଥର ବାହାରି ପଡ଼ିଥିଲା। ତେବେ ଏହି ବିପର୍ଯ୍ୟୟ ଘଟିବାର ମାତ୍ର କିଛି ଘଣ୍ଟା ପୂର୍ବରୁ ପର୍ଯ୍ୟଟକମାନେ ସେହି ସ୍ଥାନ ଦେଇ ଯାଇଥିଲେ, କିନ୍ତୁ ପାହାଡ଼ଟି ଭୁଶୁଡ଼ିବାକୁ ଯାଉଛି ବୋଲି ସେମାନେ ଜାଣି ନଥିଲେ। ଏହି ଘଟଣାରେ କୌଣସି ଜାହାଜ କ୍ଷତିଗ୍ରସ୍ତ ହୋଇନଥିଲେ ମଧ୍ୟ କିଛି କ୍ରୁଜ୍ ଅପରେଟର ସେହି ଅଞ୍ଚଳକୁ ଯିବାକୁ ବାରଣ କରିଛନ୍ତି।

ଆଲାସ୍କା ଭୂକମ୍ପ କେନ୍ଦ୍ରର ଗବେଷକମାନଙ୍କ କହିବାନୁଯାୟୀ, ଗ୍ଲେସିୟର ବା ବରଫ କ୍ଷୟ ହେବା ଏବଂ ପାହାଡ଼ର ଢାଲୁ ଅସ୍ଥିର ହୋଇପଡ଼ିବା କାରଣରୁ ଆର୍କ୍ଟିକ୍ ଅଞ୍ଚଳରେ ଏଭଳି ବିପଦ ବୃଦ୍ଧି ପାଉଛି। ଘଟଣାର ପୂର୍ବଦିନ ସନ୍ଧ୍ୟାରେ ଏକ ଜାହାଜର ଯାତ୍ରୀମାନେ ଗ୍ଲେସିୟରର ଫଟୋ ଓ ଭିଡିଓ ନେଇ ଚାଲିଯିବା ପରେ ପରଦିନ ସକାଳ ପ୍ରାୟ ପାଞ୍ଚଟା ବେଳେ ପାହାଡ଼ଟି ଭୁଶୁଡ଼ି ପଡ଼ିଥିଲା। ପଥର ପଡ଼ିବାର ପ୍ରବଳ ବେଗ ଯୋଗୁଁ ସୃଷ୍ଟି ହୋଇଥିବା ସୁନାମୀ ପାଣି ଓ ଆବର୍ଜନାକୁ ସମୁଦ୍ର ପତ୍ତନରୁ ୧, ୫୮୦ ଫୁଟ ଉଚ୍ଚକୁ ଉଠାଇ ଦେଇଥିଲା, ଯାହାକି ବିଶ୍ୱର ସବୁଠାରୁ ଉଚ୍ଚ ଗଗନଚୁମ୍ବୀ କୋଠାଗୁଡ଼ିକ ମଧ୍ୟରୁ ଗୋଟିଏର ଉଚ୍ଚତାଠାରୁ ମଧ୍ୟ ଅଧିକ ଥିଲା।

ବିଜ୍ଞାନୀମାନେ ଜଣାଇଛନ୍ତି ଯେ ଏଭଳି ଦୁର୍ଘଟଣା କେବଳ ଆଲାସ୍କାରେ ନୁହେଁ; ବରଂ ଗ୍ରୀନଲ୍ୟାଣ୍ଡ ଓ ନରୱେରେ ମଧ୍ୟ ଦେଖିବାକୁ ମିଳୁଛି।

## ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ ଗୋପନ ୟୁଏଇ ଗସ୍ତ



ଆବୁଧାବି,୨୮।୯ଃ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ରବିବାର ଗୁପ୍ତରେ ୟୁଏଇ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ଦେଶର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦଙ୍କୁ ଭେଟିଛନ୍ତି ବୋଲି ସିଏନଏନ୍ ଏକ ଇସ୍ରାଏଲୀ ସୂତ୍ରକୁ ଉଦ୍ଧାର କରି କହିଛି। ତେବେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଗସ୍ତକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରାଯାଇ ନାହିଁ। ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ, ମିଶରର ଇଣ୍ଟେଲିଜେନ୍ସ ଚିଫ୍ ଅବାସ କାମେଲ ୨୬ ସେପ୍ଟେମ୍ବର ୨୦୨୩ରେ ଇସ୍ରାଏଲ୍ ଯାଇ ଥିଲେ।

■ କୋଲକାତାରେ ପୁଞ୍ଜିନିବେଶକାରୀଙ୍କ ରୋଡ୍-ଶୋ'

# ଅନୁଗୋଳ ଆଲୁମିନିୟମ୍ ପାର୍କରେ ନିବେଶ ପାଇଁ ଆମନ୍ତ୍ରଣ

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର ଆଜି ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ରୋଡ୍-ଶୋ' ମାଧ୍ୟମରେ ଅନୁଗୋଳ ଆଲୁମିନିୟମ୍ ପାର୍କରେ ପୁଞ୍ଜିନିବେଶ କରିବା ପାଇଁ ଆଲୁମିନିୟମ୍ ଡାଉନ୍‌ଷ୍ଟ୍ରିମ ଶିଳ୍ପସଂସ୍ଥାଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଓ 'ଏସୋଚାମ୍'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ ପ୍ରୋତ୍ସାହନ ଓ ଭିତ୍ତିଭୂମି ବିକାଶ ସଂସ୍ଥା 'ଆଇପିଆଇସିଓଏଲ୍' (ଇପିକଲ) ଓ 'ଇଡ୍‌କୋ'ର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପୁଞ୍ଜିନିବେଶର ସୁଯୋଗ ବିଷୟରେ ଉପସ୍ଥାପନ କରିଥିଲେ।

ଏହି ସମାରୋହରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଯୋଗଦେଇ ଓଡ଼ିଶାକୁ ଭାରତର ଆଲୁମିନିୟମ୍ ଶିଳ୍ପର ପ୍ରମୁଖ ଶକ୍ତିକେନ୍ଦ୍ର ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ ଜାତୀୟ ଆଲୁମିନିୟମ୍ ଭିଜନ୍ ଅଧୀନରେ ୨୦୪୭ ସୁଦ୍ଧା ଦେଶର ଆଲୁମିନିୟମ୍ ଉତ୍ପାଦନକୁ ୬ ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ମୋଟ ଆଲୁମିନିୟମ୍ ଉତ୍ପାଦନର ୬୦ରୁ ୭୦ ପ୍ରତିଶତ ଏବଂ ବକ୍ସାଇଟ୍ ଉତ୍ପାଦନର ୭୦ ପ୍ରତିଶତରୁ ଅଧିକ କେବଳ ଓଡ଼ିଶାରୁ ହିଁ ଆସୁଛି। ଏହି ଅବସରରେ ସେ ପଶ୍ଚିମବଙ୍ଗର ଶିଳ୍ପୋଦ୍ୟୋଗୀମାନଙ୍କୁ ଓଡ଼ିଶାର ମଜବୁତ ଶିଳ୍ପ ଭିତ୍ତିଭୂମିର ଫାଇଦା ଉଠାଇବା ସହ ଏଠାରେ ନିବେଶ କରିବାକୁ ଆହ୍ୱାନ ଦେଇଥିଲେ।




**ଓଡ଼ିଶା ଦେଶର ଆଲୁମିନିୟମ୍ ଶିଳ୍ପର ପ୍ରମୁଖ ଶକ୍ତିକେନ୍ଦ୍ର: କିଶନ ରେଡ୍ଡୀ**

ଖଣି ମନ୍ତ୍ରଣାଳୟର ସଚିବ କେଶବ ଚନ୍ଦ୍ର ସୂଚନା ଦେଇଥିଲେ ଯେ ଓଡ଼ିଶାରେ ନାଲ୍‌କୋର କାର୍ଯ୍ୟକଳାପକୁ ବ୍ୟାପକ ଭାବେ ସମ୍ପ୍ରସାରଣ କରିବା ପାଇଁ ବିଚାର ଚାଲିଛି। ଏହି ସମ୍ପ୍ରସାରଣ ଦ୍ୱାରା କଞ୍ଚାମାଲର ସହଜ ଉପଲବ୍ଧତା ନିଶ୍ଚିତ ହେବ, ଯାହା ଅଧିକ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିବ। ଇଡ୍‌କୋ ଓ ନାଲ୍‌କୋର ମିଳିତ ଉଦ୍ୟମରେ ବିକଶିତ 'ଅନୁଗୋଳ ଆଲୁମିନିୟମ୍ ପାର୍କ'କୁ ଆଲୁମିନିୟମ୍ ଆନୁଷଙ୍ଗିକ ଶିଳ୍ପଗୁଡ଼ିକ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଉପସ୍ଥାପିତ କରାଯାଇଛି। ନାଲ୍‌କୋ ସ୍ମେଲ୍ଟର ନିକଟରେ ଅବସ୍ଥିତ ହୋଇଥିବାରୁ ଏହା ସିଧାସଳଖ ତରଳ ଧାତୁ ପରିବହନ କରିବାର ସୁବିଧା ଯୋଗାଇଦେବ। ଏହି ପାର୍କରେ ବିଶେଷକରି ଆଲୁମିନିୟମ୍ ଏକ୍ସଟ୍ରୁଜନ୍, ରୋଲ୍ଡ ପ୍ରଡକ୍ଟ, ପ୍ୟାକେଜିଂ ଓ ବ୍ୟାଟେରୀ ଫଏଲ୍, କଣ୍ଡକ୍ଟର, କେବୁଲ୍, କାଷ୍ଟିଂ, ଅଟୋମୋବାଇଲ୍ ସ୍ପେୟାର୍ ପାର୍ଟସ୍ ଓ ରିସାଇକ୍ଲିଂ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି।

## ହାଇକୋର୍ଟର ଦ୍ୱାରସ୍ଥ ହେଲେ ତୃଣମୂଳ ବିଧାୟକ



କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ଶନିବାର ଓ ରବିବାର ଦିନ ନିଜ ଗାଡ଼ି ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରି ତୃଣମୂଳ କଂଗ୍ରେସ ବିଧାୟକ କୁନାଲ ଘୋଷ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଦାବି କରିଛନ୍ତି ଯେ ତାଙ୍କୁ ଆକ୍ରମଣ ଓ ମାଡ଼ ମରାଯାଇଥିଲା। ପ୍ରଥମେ ଶନିବାର ଦିନ ଶ୍ରୀରାମପୁର ଯିବା ବାଟରେ ଏବଂ ରବିବାର କୋଲକାତା ସହର ଭିତରେ। ସେ ଏହି ମାମଲାର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟ କହିଥିଲେ, ଅନେକ ବିଧାୟକଙ୍କୁ ଜଡ଼ିତ ଥିବା ମାମଲା ରହିଛି। ତୁରନ୍ତ ଶୁଣାଣି ସମ୍ଭବ ନୁହେଁ। ଆବେଦନ ଦାଖଲ କରନ୍ତୁ। ତାଲିକାଭୁକ୍ତ ହେବା ପରେ ଏହାର ଶୁଣାଣି ହେବ।

## ଆଇଏସ୍‌ଏଫ୍‌ର ପ୍ରତୀକ ସଂକ୍ରାନ୍ତ ମାମଲାର ଶୁଣାଣି ଶେଷ

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ଆଇଏସ୍‌ଏଫ୍‌ର ନିର୍ବାଚନୀ ଚିହ୍ନ ସମ୍ବନ୍ଧୀୟ ଶୁଣାଣି ଶେଷ ହୋଇଛି ଏବଂ ବିଚାରପତି କୃଷ୍ଣ ରାଓଙ୍କ ଖଣ୍ଡପୀଠ ଏହାର ରାୟ ସଂରକ୍ଷିତ ରଖିଛନ୍ତି। ହାଇକୋର୍ଟ ପୁଣିଥରେ ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପ ଉପରେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ନେଇ ଉଦ୍‌ବେଗ ପ୍ରକାଶ କରି ବିଚାରପତି ରାଓ ଗୁରୁତ୍ୱାରୋପ କରିଥିଲେ ଯେ, ସେମାନେ ଏପରି ଭାବରେ କାର୍ଯ୍ୟ କରିବା ଉଚିତ ଯାହାଦ୍ୱାରା ଭବିଷ୍ୟତରେ କୌଣସି ଯାଞ୍ଚ କିମ୍ବା ନ୍ୟାୟିକ ହସ୍ତକ୍ଷେପର ଆବଶ୍ୟକତା ପଡ଼ିବ ନାହିଁ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଯଦିଓ ଦଳର ପୂର୍ବତନ ଚିହ୍ନ ଉପରେ ସେମାନଙ୍କର କୌଣସି ସମ୍ପୂର୍ଣ୍ଣ ଅଧିକାର ନଥାଇପାରେ, ତେବେ ସେହି ଚିହ୍ନ ପାଇବାକୁ ଇଚ୍ଛା କରିବା ସ୍ୱାଭାବିକ। କୋର୍ଟ ପ୍ରଶ୍ନ କରିଛନ୍ତି ଯେ କିପରି ଭାବେ ସେହି ଚିହ୍ନକୁ ଅନ୍ୟ ଏକ ଦଳକୁ ଆବଣ୍ଟନ କରାଯାଇପାରିବ।

## ଗଙ୍ଗାସାଗରରେ ପୂଜା କଲେ ନୀତିନ ନବୀନ



କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ବିଜେପିର ସର୍ବଭାରତୀୟ ସମ୍ପାଦକ ନୀତିନ ନବୀନ ଦୁଇ ଦିନିଆ ଗସ୍ତରେ ରବିବାର ଦିନ ବଙ୍ଗଳାରେ ପହଞ୍ଚିଥିଲେ। ରବିବାର ସେ ଅନେକ ସାଙ୍ଗଠନିକ ବୈଠକ କରିଥିଲେ। ସୋମବାର ସକାଳେ ସେ ଗଙ୍ଗାସାଗର ଗସ୍ତ କରି ସେଠାରେ ସେ ପବିତ୍ର ସ୍ନାନ କରିବା ସହ କପିଳ ମୁନି ଆଶ୍ରମରେ ପୂଜାର୍ଚ୍ଚନା କରିଥିଲେ। ଏଦିନ ତାଙ୍କର ଦୁଇଟି କାର୍ଯ୍ୟକ୍ରମ ରହିଥିଲା। ଗୋଟିଏ ପାଣିହାଟିରେ ଓ ଅନ୍ୟଟି କୋଲକାତାରେ। ଏଥିମଧ୍ୟରେ ସୋଦପୁର-ପାଣିହାଟି ଲୋକ ସଂସ୍କୃତି କେନ୍ଦ୍ରରେ 'ଅଙ୍ଗନ ମିଳନ ସେବା' କାର୍ଯ୍ୟକ୍ରମ ଓ କୋଲକାତାର ସ୍କେସ୍ ସର୍କଲ୍‌ଠାରେ ଏକ ଯୁବ ସମ୍ମିଳନୀ ଅନ୍ତର୍ଭୁକ୍ତ ଥିଲା।

## ଚନ୍ଦନ ଭଲ୍ଲା ହତ୍ୟା ଘଟଣାର ତଦନ୍ତ ଆରମ୍ଭ

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ଚନ୍ଦନ ଭଲ୍ଲାଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ବୋଲପୁରସ୍ଥିତ ଘଟଣାସ୍ଥଳରେ ଏକ ସିଆଇଡି ଫରେନ୍‌ସିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚିଛନ୍ତି। ଏଦିନ ସକାଳୁ ପୁଲିସ କୁକୁର ସହାୟତାରେ ତଲାସୀ ଅଭିଯାନ ଜାରି ରହିଥିବା ବେଳେ ଫରେନ୍‌ସିକ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ବିଜେପିର ବୁଥ୍ ସଭାପତିଙ୍କ ହତ୍ୟା ପରେ ରବିବାର ବିଳମ୍ବିତ ରାତିରେ ରାମପୁରହାଟ ବିଧାୟକ ଧ୍ରୁବ ସାହା ଓ ସାଇଁଥିଆ ବିଧାୟକ କୃଷ୍ଣକାନ୍ତ ସାହା ତାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଧ୍ରୁବ ସାହା କହିଥିଲେ, ଅପରାଧୀମାନେ ଯଦି ମାଟି ତଳେ ୧୦୦ ମିଟର ଗଭୀରରେ ମଧ୍ୟ ଲୁଚି ରହନ୍ତି ତେବେ ସେମାନଙ୍କୁ ଖୋଜି ବାହାର କରାଯିବ।

## ଡଙ୍ଗା ଯୋଗେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲେ ପରୀକ୍ଷାର୍ଥୀ

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ବନ୍ୟା ଯୋଗୁଁ ବିଦ୍ୟାଳୟଗୁଡ଼ିକ ଜଳମଗ୍ନ ହୋଇପଡ଼ିଛି ଓ ସେଗୁଡ଼ିକ ମଧ୍ୟରୁ ଅନେକରେ ଶିକ୍ଷାଦାନ କାର୍ଯ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ଉଚ୍ଚ ମାଧ୍ୟମିକ ସ୍ତରର ତୃତୀୟ ସେମିଷ୍ଟର ପରୀକ୍ଷା ଚାଲିଛି। ଘାଟାଲର ୨ ନମ୍ବର ୱାର୍ଡରେ ଅବସ୍ଥିତ 'ଘାଟାଲ ଆଇଏସ୍‌ଏସ୍' ନଅଟି ଭିନ୍ନ ଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର ଭାବେ କାର୍ଯ୍ୟ କରିଥିଲା। ସୋମବାର ଦିନ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ଡଙ୍ଗା ଯୋଗେ ଘାଟାଲର ବିଭିନ୍ନ ବିଦ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳିଥିଲା।

## ବେଲୁର ମଠ ପରିଦର୍ଶନ କଲେ ଅର୍ଥମନ୍ତ୍ରୀ

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ରାଜ୍ୟ ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତ ବେଲୁର ମଠ ପରିଦର୍ଶନ କରିଥିଲେ। ସେ ସୋମବାର ସକାଳ ପ୍ରାୟ ୧୦ଟା ସମୟରେ ମଠରେ ପହଞ୍ଚିଥିଲେ। ମନ୍ଦିରରେ ପୂଜାପାଠ କରିବା ପରେ, ସେ ରାମକୃଷ୍ଣ ମିଶନ୍ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସ୍ୱାମୀ ମହାପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ସହ ଏକ ବୈଠକ କରିଥିଲେ। ଏହା ବ୍ୟତୀତ, ଅର୍ଥମନ୍ତ୍ରୀ ରାମକୃଷ୍ଣ ମିଶନ ବିଦ୍ୟାମନ୍ଦିର ଅଡିଟୋରିୟମରେ ଛାତ୍ରଛାତ୍ରୀଙ୍କ ସହ ଆୟୋଜିତ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ସେଠାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

'ବାଗଚି କରୁଣାଶ୍ରୟ ପାଲିଏଟିଭ୍ କେୟାର ଓପିଡି' ଉଦ୍‌ଘାଟିତ

# କର୍କଟ ରୋଗୀଙ୍କୁ ମିଳିବ ଉନ୍ନତ ଚିକିତ୍ସା

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ୍‌ରେ ଉଦ୍‌ଘାଟିତ ହୋଇଛି ଉନ୍ନତ ପର୍ଯ୍ୟାୟର କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଓପିଡି। ବାଗଚି କରୁଣାଶ୍ରୟ ପାଲିଏଟିଭ୍ କେୟାର ପକ୍ଷରୁ ଏଠାରେ ଏକ ଶାଖା ଖୋଲାଯାଇଛି। ଉନ୍ନତ ପର୍ଯ୍ୟାୟର କର୍କଟ ରୋଗୀଙ୍କ ପାଇଁ ଲକ୍ଷଣ ପରିଚାଳନା ଓ ସହାନୁଭୂତିପୂର୍ଣ୍ଣ 'ପାଲିଏଟିଭ୍ କେୟାର' (ରୋଗର ଲକ୍ଷଣ ଓ ଯନ୍ତ୍ରଣା ଉପଶମକାରୀ ଚିକିତ୍ସା) ପ୍ରଦାନ କ୍ଷେତ୍ରରେ ଦକ୍ଷତା ରଖୁଥିବା ଏକ ଅଗ୍ରଣୀ ସଂସ୍ଥା 'କରୁଣାଶ୍ରୟ', ଭୁବନେଶ୍ୱରସ୍ଥିତ ବିଏମସି ମଲ୍ଟିସ୍ପେସିଆଲିଟି ହସ୍ପିଟାଲରେ କର୍କଟ ରୋଗୀଙ୍କ ପାଇଁ ଏକ ନୂତନ ଓ ସମ୍ପୂର୍ଣ୍ଣ ମାଗଣା 'ପାଲିଏଟିଭ୍ କେୟାର ଓପିଡି'ର ଶୁଭାରମ୍ଭ କରିଛି। ୨୦୨୧ରୁ କରୁଣାଶ୍ରୟ ସମଗ୍ର ଓଡ଼ିଶାରେ ମାଗଣା ପାଲିଏଟିଭ୍ କେୟାର ସେବା ଯୋଗାଇ ଆସୁଛି ଏବଂ ଏହାର ଇନପେସେଣ୍ଟ ବିଭାଗ, ଆଉଟପେସେଣ୍ଟ ବିଭାଗ ଓ 'ହୋମ୍ କେୟାର' (ଘରୋଇ ସେବା) ମାଧ୍ୟମରେ ୩ ହଜାରରୁ ଅଧିକ ରୋଗୀଙ୍କୁ ସହାୟତା ପ୍ରଦାନ କରିଛି। ଏହି ନୂତନ ଓପିଡିର ଲକ୍ଷ୍ୟ ହେଉଛି, ଉନ୍ନତ ପର୍ଯ୍ୟାୟର କର୍କଟ ରୋଗ ଜନିତ ଜଟିଳ ଶାରୀରିକ, ଭାବଗତ ଓ ସାମାଜିକ ଆହ୍ୱାନର ସମ୍ମୁଖୀନ ହେଉଥିବା ରୋଗୀ ଓ ସେମାନଙ୍କ ପରିବାରର ଜୀବନ ଧାରଣର ମାନରେ ଉନ୍ନତି ଆଣିବା। ଏହି ଓପିଡିରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ, ଯାହା ଫଳରେ ରୋଗୀମାନେ ଆର୍ଥିକ ବାଧାବିଘ୍ନ ବିନା ବିଶେଷଜ୍ଞ ଚିକିତ୍ସା ସେବା ପାଇପାରିବେ।



ଏହି ସ୍ୱତନ୍ତ୍ର ଓପିଡିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଏମସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି ହସ୍ପିଟାଲର ସିଏମ୍ଏମ୍‌ଓ ଡାକ୍ତର ସିଦ୍ଧାର୍ଥ ଶଙ୍କର ରାୟ ଓ ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟ-କରୁଣାଶ୍ରୟର ମେଡିକାଲ୍ ଡାଇରେକ୍ଟର ଡାକ୍ତର ନାଗେଶ ସିଂହ, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରା, ଶିବ ଶଙ୍କର ରାୟ, ଚନ୍ଦ୍ର ଶେଖର ମଲ୍ଲିଆଙ୍କ ସମେତ କରୁଣାଶ୍ରୟର ପ୍ରମୁଖ ଚିକିତ୍ସା ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟ କରୁଣାଶ୍ରୟର ମେଡିକାଲ୍ ଡାଇରେକ୍ଟର ଡକ୍ଟର ଶ୍ରୀ ସିଂହ କହିଥିଲେ ଯେ କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ମାଗଣା 'ପାଲିଏଟିଭ୍ କେୟାର ଓପିଡି'ର ଉଦ୍ଦେଶ୍ୟ ହେଉଛି ବିଶେଷଜ୍ଞଙ୍କ ଦ୍ୱାରା ଯନ୍ତ୍ରଣା ନିୟନ୍ତ୍ରଣ, ମାନସିକ ପରାମର୍ଶ ଓ ସର୍ବାଙ୍ଗୀନ ସହାୟତା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରି ସେହି ବୋଝକୁ ହାଲୁକା କରିବା। ଏହି ଓପିଡି ପ୍ରତି ସପ୍ତାହର ଶୁକ୍ରବାର ଦିନ ଖୋଲା ରହିବ। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଡେପୁଟି କମିଶନର (ସ୍ୱାସ୍ଥ୍ୟ) ରଶ୍ମିରେଖା ଅମାନ୍ତ ଓ ସିଏମ୍ଏମ୍‌ଓ ସିଦ୍ଧାର୍ଥ ଶଙ୍କର ରାୟ।

## ଗଣଦୁଷ୍କର୍ମ ଅଭିଯୋଗ, ୪ ଗିରଫ

ଗୋପ, ୨୮।୯ (ସଂଚାର ବ୍ୟୁରୋ): ନିମାପଡ଼ାରେ ଗଣଦୁଷ୍କର୍ମ ଅଭିଯୋଗରେ ୪ ଜଣଙ୍କୁ ଉଠାଇନେଇଛି ସ୍ଥାନୀୟ ପୁଲିସ୍। ନିମାପଡ଼ା କେନାଲ ରୋଡ୍‌ସ୍ଥିତ ନନ୍ଦିନୀ ଗେଷ୍ଟ ହାଉସରେ ଜନୈକା ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଅନୁଗୁଳର ହୋଇଥିବା ବେଳେ ତାଙ୍କ ଅଭିଯୋଗ ଆନୁଯାୟୀ, ଦୁଇମାସ ପୂର୍ବରୁ ସେ ଭୁବନେଶ୍ୱରରେ ଓ ପରେ ଗତ ୧ ତାରିଖରୁ ସେ ନିମାପଡ଼ାର ନନ୍ଦିନୀ ଗେଷ୍ଟ ହାଉସରେ କାମ କରିବା ଆରମ୍ଭ କରିଥିଲେ। ତେବେ ଗତ ୮ ତାରିଖରେ ଗେଷ୍ଟ ହାଉସରେ କାମ କରୁଥିବା ରାଜା ସୁଶାନ୍ତ, ଅକ୍ଷୟ, ରମେଶ ଚନ୍ଦ୍ର ଦାସ ନାମକ ୪ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଖଣ୍ଡଗିରି ଥାନା ଅଭିଯୋଗକୁ ନିମାପଡ଼ା ଥାନାକୁ ହସ୍ତାନ୍ତର କରିଥିଲେ। ନିମାପଡ଼ା ଥାନାରେ ଅଭିଯୋଗ ଆଧାରରେ ୨୯୮/୨୬ରେ ମାମଲା ରୁଜୁ କରିବା ସହ ପୁଲିସ୍ ୨ ଯୁବକଙ୍କୁ ପିପିଲି ଓ ଅନ୍ୟ ଦୁଇ ଜଣଙ୍କୁ ନିମାପଡ଼ାରୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ବିଜେଡି କର୍ମୀ ହୋହଲ୍ଲା କରିଥିଲେ।

## ସ୍ୱର୍ଣ୍ଣ ବ୍ୟବସାୟୀଙ୍କୁ ଗୁଳି

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ଡାନକୁନିରେ ଚାଲିଲା ଗୁଳି। ଜଣେ ସୁନା ବ୍ୟବସାୟୀଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇବା ପରେ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଡାନକୁନି ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରନ୍ତି। ସୁନା ବ୍ୟବସାୟୀ ଓ ତାଙ୍କ ପତ୍ନୀ ସୁରକ୍ଷିତ ଅଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିବା ସହ ସ୍ଥାନୀୟ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

**ଅନ୍ଧବିଶ୍ୱାସର କରୁଣ ପରିଣତି**

## ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା

ବ୍ରହ୍ମପୁର, ୨୮।୯ (ସଂଚାର ବ୍ୟୁରୋ): ଗୁଣି ସନ୍ଦେହରେ ଘଟିଛି ବର୍ବରକାଣ୍ଡ। ରାତି ଅଧରେ ଜଣେ ବ୍ୟକ୍ତିଙ୍କୁ ଘରୁ ଡାକିନେଇ ହତ୍ୟା କରିବା ପରେ ଗ୍ରାମବାସୀ ତାଙ୍କୁ ପୋଡ଼ିଦେଇଥିବା ଜଣାପଡ଼ିଛି। ଏଥିସହ ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ତ୍ରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ମେରମା ଗାଁରେ ଏହି ଲୋମହର୍ଷଣକାରୀ ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ମେରମା ଗ୍ରାମର ରାମଚନ୍ଦ୍ର ମଲିକ।

ମିଳିଥିବା ସୂଚନାନୁସାରେ, ରାମଚନ୍ଦ୍ର ଗତ ପ୍ରାୟ ୧୦ ବର୍ଷ ହେବ ନିଜ ମୂଳ ଗାଁ ମେରମା ଛାଡ଼ି ଗାଁ ନିକଟସ୍ଥ ଏକ ପାହାଡ଼ ଉପରେ କୁଡ଼ିଆ ବାନ୍ଧି ପରିବାର ଓ ପିଲାଙ୍କ ସହ ରହୁଥିଲେ। ଗ୍ରାମବାସୀଙ୍କ ସହ ତାଙ୍କର ସେପରି କୌଣସି ବିବାଦ ନ ଥିଲା। ତେବେ କିଛି ଦିନ ମଧ୍ୟରେ ମେରମା ଗ୍ରାମରେ କିଛି ଲୋକଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ଅନ୍ଧବିଶ୍ୱାସ ଦାନା ବାନ୍ଧିଥିଲା। ପାହାଡ଼ ଉପରେ ଏକୁଟିଆ ରହୁଥିବା ରାମଚନ୍ଦ୍ର ହିଁ ଗୁଣିଗାରେଡ଼ି କରି ଗାଁ ଲୋକଙ୍କୁ ମାରୁଥିବା ନେଇ ଗ୍ରାମବାସୀ ସନ୍ଦେହ କରିଥିଲେ। ଗତକାଲି ବିଳମ୍ବିତ ରାତିରେ କିଛି ଗ୍ରାମବାସୀ ରାମଚନ୍ଦ୍ର ରହୁଥିବା ପାହାଡ଼ ଉପର କୁଡ଼ିଆକୁ ଯାଇଥିଲେ। ଗାଁରେ ଏକ ଜରୁରୀ ବୈଠକ (ମିଟିଂ) ଅଛି କହି ସେମାନେ ରାମଚନ୍ଦ୍ରଙ୍କୁ ଘରୁ ଡାକି ଆଣିଥିଲେ। ମାତ୍ର ଗାଁ ଭିତରକୁ ଆସିବା ପରେ ପୂର୍ବ ଯୋଜନା ମୁତାବକ ଗ୍ରାମବାସୀମାନେ ତାଙ୍କୁ ଘେରିଯାଇ ଲାଠି ଓ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ରାମଚନ୍ଦ୍ରଙ୍କ ଚିତ୍କାର ଶୁଣି ପତ୍ନୀ ଲୀଳାବତୀ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବାରଣ କରିବା ସହ ସ୍ୱାମୀଙ୍କ ଜୀବନ ଭିକ୍ଷା କରିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ ତାଙ୍କ କଥା ନ ଶୁଣି ବରଂ ତାଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ।



ଆକ୍ରମଣରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିବା ପରେ ହତ୍ୟାକାରୀମାନେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିଲେ। ମେରମା ଗ୍ରାମର ଶେଷମୁଣ୍ଡ ପାହାଡ଼ ତଳେ ଥିବା ଏକ ଗଛ ନିକଟକୁ ରାମଚନ୍ଦ୍ରଙ୍କ ମୃତଦେହକୁ ନେଇ କାଠ ଜମା କରି ପୋଡ଼ି ଦେଇଥିଲେ। ଏହି ନାରକୀୟ କାଣ୍ଡ ସମ୍ପର୍କରେ ଖବର ପାଇ ମୋହନା ଥାନା ପୁଲିସ ତୁରନ୍ତ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଟିମ୍ ମେରମା ଗ୍ରାମ ଶେଷମୁଣ୍ଡ ପାହାଡ଼ ତଳ ଗଛ ନିକଟରୁ ମୃତଦେହ ପୋଡ଼ାଯାଇଥିବା ସ୍ଥାନକୁ ଠାବ କରି ସେଠାରୁ ପାଉଁଶ ଓ ଅନ୍ୟାନ୍ୟ ପ୍ରମାଣ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଗାଁର କିଛି ଲୋକଙ୍କୁ ପୁଲିସ୍ ଥାନାକୁ ଆଣି ପଚରାଉଚରା କରୁଛି। ଏଥିସହ ଆହତ ଲୀଳାବତୀଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଡାକ୍ତରଖାନାକୁ ମଧ୍ୟ ପଠାଯାଇଛି। ପୁଲିସ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅଧିକ ତଦନ୍ତ ଜାରି ରଖିଛି।

# ବନ୍ୟା ମୁକାବିଲା ପାଇଁ ତିଆରି ହେବ ସ୍ଥାୟୀ ଭିତ୍ତିଭୂମି



**ପାଣି ଛାଡ଼ିଲେ ଆଇଆଇଟି ବିଶେଷଜ୍ଞ କରିବେ ସର୍ଭେ**

**୪ ମାସରେ ୩୦% ଅଧିକ ବର୍ଷା, ୨୩ରୁ ଅଧିକ ଜିଲ୍ଲା ପ୍ରଭାବିତ**

**ଗଭୀର ଅବପାତ ପ୍ରଭାବରେ ୬ ଜିଲ୍ଲାର ଲକ୍ଷେ ଲୋକ କ୍ଷତିଗ୍ରସ୍ତ**

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟା ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯିବ। ଏଥିପାଇଁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯିବ। ପାଣିପାଗ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆଗକୁ କିଭଳି ଏଭଳି ସ୍ଥିତିର ମୁକାବିଲା କରାଯାଇପାରିବ ସେନେଇ ବିଶେଷଜ୍ଞଙ୍କ ସହ ଆଲୋଚନା ହୋଇଛି। ଆଗକୁ ଆଇଆଇଟି ଏକ ସର୍ଭେ କରିବ ବୋଲି ଆଜି ବିଧାନସଭାରେ ବନ୍ୟା ସ୍ଥିତି ନେଇ ବିବୃତି ରଖି ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଓଡ଼ିଶାରେ ୪ ମାସରେ ୩୦ ପ୍ରତିଶତରୁ ଅଧିକ ବର୍ଷା ହୋଇଛି। ଦୁଇ ମାସରେ ୧୨ଟି ଲଘୁଚାପ ସୃଷ୍ଟି ହୋଇଛି। ଏଥିରୁ ୪ଟି ଅବପାତରେ ପରିଣତ ହୋଇଛି। ଓଡ଼ିଶାରେ ୨୩ରୁ ଅଧିକ ଜିଲ୍ଲା ବ୍ୟାପକ କ୍ଷତି ହୋଇଛି। ଗତ ସପ୍ତାହରେ ହୋଇଥିବା ଅବପାତଜନିତ ଲଗାଣ ବର୍ଷା ପାଇଁ ୬ ଜିଲ୍ଲାର ଏକାଧିକ ବ୍ଲକର ୩୨୦ରୁ ଅଧିକ ଗାଁର ପାଖାପାଖି ଏକ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଦକ୍ଷିଣ ଓଡ଼ିଶା ଓ କୋରାପୁଟ ଜିଲ୍ଲା ଗସ୍ତ କରିଥିଲେ। ଲୋକଙ୍କ ସହ ବସି ଦିଆଯାଉଥିବା ଖାଦ୍ୟର ମାନ ପରଖିଥିଲେ। ପୂର୍ବରୁ ଯାଜପୁର ଓ ଭଦ୍ରକ ଯାଇ ପାଣି ଭିତରେ ପଶି ବନ୍ୟା ସ୍ଥିତିର ସମୀକ୍ଷା କରିଥିଲୁ। ଫସଲ, ଘର ସହ ପନିପରିବା ଓ ମକା ଚାଷ ପାଇଁ କ୍ଷତିପୂରଣ ପାଇଁ ୧ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ବୋଲି ସେ କହିଛନ୍ତି।

ଗଭୀର ଅବପାତର ପ୍ରଭାବରେ କୋରାପୁଟର ୨ଟି ବ୍ଲକ, ୨୦ଟି ଗ୍ରାମ ପଞ୍ଚାୟତ ଓ ୪୧ଟି ଗାଁର ୬,୩୯୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୨,୬୮୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୩୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ନବରଙ୍ଗପୁରର ୩ଟି ବ୍ଲକ, ୧୩ଟି ଗ୍ରାମ ପଞ୍ଚାୟତ ଓ ୩୧ଟି ଗାଁର ୧୬,୮୯୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨,୩୯୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୧୮ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ୫୪୧ଟି ଗ୍ରାମର ୫୦,୪୫୬ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୪୯,୫୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୭୭ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଯାଜପୁରରେ ୫,୦୫୯ ଜଣ ପ୍ରଭାବିତ ହୋଇଥିବା ବେଳେ ୩,୮୭୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୧୯ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଭଦ୍ରକରେ ୧୧,୨୫୧ ଜଣ ପ୍ରଭାବିତ ଓ ୮,୨୭୮ ଜଣ ସ୍ଥାନାନ୍ତର ହୋଇଥିବା ବେଳେ ୬୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ମୟୂରଭଞ୍ଜରେ ୨,୪୨୫ ଜଣ ପ୍ରଭାବିତ ଓ ୨,୩୫୪ ଜଣ ସ୍ଥାନାନ୍ତର ହୋଇଛନ୍ତି। ସେଠାରେ ୨୨ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି।

ଲୋକମାନଙ୍କୁ ପାଣିପାଗର ସ୍ଥିତି ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ସୁରକ୍ଷିତ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ସ୍ଥାନୀୟ ବନ୍ୟା, ରାସ୍ତାରେ ଜଳ ଜମିବା ଓ ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ କରିବା ଆବଶ୍ୟକ ହେଲେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନଗୁଡ଼ିକୁ କୁହାଯାଇଛି। କଚ୍ଚା ରାସ୍ତାର ସାମାନ୍ୟ କ୍ଷତି, ଦୁର୍ବଳ ଗଠନର କ୍ଷତି, ଭୂସ୍ଖଳନ ଓ ଜଳମଗ୍ନ ଅଞ୍ଚଳରେ ଉଦ୍ୟାନ କୃଷି ଓ ଠିଆ ଫସଲର କ୍ଷତି ଭଳି ସମ୍ଭାବ୍ୟ ପରିସ୍ଥିତି ପ୍ରତି ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁଠି ଅନିୟମିତତା...

ବିଭିନ୍ନ ବିଭାଗୀୟ କାର୍ଯ୍ୟନିର୍ବାହୀ ସଂସ୍ଥା ୪୭୦.୨୫ କୋଟି ଟଙ୍କାର ଅବ୍ୟବହୃତ ଅର୍ଥ ଓ ୨୬.୫୧ କୋଟି ଟଙ୍କାର ସୁଧ ଡିଏଫଏକୁ ଫେରସ୍ତ ନ କରି ନିଜ ପାଖରେ ଜମା ରଖିଥିବା ପରୀକ୍ଷଣରେ ପ୍ରଶାସନିକ ଉଦାସୀନତାକୁ ପ୍ରମାଣିତ କରୁଛି ବୋଲି ସିଏଜି କହିଛନ୍ତି। ବିଧାନସଭାରେ ଆଜି ସିଏଜିଙ୍କ ଏହି ଅଡିଟ୍ ରିପୋର୍ଟ ସହ ମୋଟ ୬ଟି ଅଡିଟ୍ ରିପୋର୍ଟ ଉପସ୍ଥାପିତ ହୋଇଛି। ଆଜି ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନ ମହାଲେଖାକାର ସୁବୁ ଆର., ମହାଲେଖାକାର ଅତୁଲ ପ୍ରକାଶ, ବରିଷ୍ଠ ଉପମହାଲେଖାକାର ଭରତ କରୁ ବର୍ଦ୍ଧନ, କେ. ମଧୁବାଲା, ଉପମହାଲେଖାକାର ସଞ୍ଜୟ କୁମାର, ଏନ୍. ବାଲକୃଷ୍ଣ ପ୍ରମୁଖ ଏହି ତଥ୍ୟ ଦେଇଛନ୍ତି। ଏହିସବୁ ରିପୋର୍ଟରେ ଜିଏସ୍‌ଟିରୁ ୫-ଟି ଓ ପାନୀୟ ଜଳ ଯୋଗାଣରୁ ପର୍ଯ୍ୟଟନ ସବୁଠିରେ ବ୍ୟାପକ ଆର୍ଥିକ ଅନାଚାର, ନୀତିଗତ ବିଫଳତା ଓ ଅସମ୍ଭବ ଅପଚୟ ଧରାପଡ଼ିଛି। ଓଡ଼ିଶା ସରକାରଙ୍କ ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ଅବଧିର ରାଜସ୍ୱ ସମ୍ପର୍କିତ ଅଡିଟ୍ ରିପୋର୍ଟରେ ଜିଏସଟି ଓ ଇ-ୱେ ବିଲ୍ ବ୍ୟବସ୍ଥାକୁ ନେଇ ଅନେକ ସାଙ୍ଘାତିକ ତ୍ରୁଟି ଦର୍ଶାଯାଇଛି। ୨୦୧୮ରୁ ୨୦୨୨ ମଧ୍ୟରେ କରାଯାଇଥିବା ଏହି ଅଡିଟ୍‌ରୁ ଜଣାପଡ଼ିଛି ଯେ ଟିକସ ଆଦାୟ ବ୍ୟବସ୍ଥାରେ ଥିବା ଶିଥିଳତା ଯୋଗୁଁ ବହୁ ରାଜସ୍ୱ ଅନିୟମିତତା ଘଟିଛି। ସେହିପରି ୨୦୧୯ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୨୦ଟି ବୃହତ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା, ଯେଉଁଥିରୁ ୧୩ଟି 'ଜଳ ଜୀବନ ମିଶନ' ଅଧୀନରେ ଥିଲା। ତେବେ ଜୁନ୍ ୨୦୨୪ ସୁଦ୍ଧା ଏଥିମଧ୍ୟରୁ ମାତ୍ର ୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଥିଲା। ୨୦୨୪ ସୁଦ୍ଧା ସମସ୍ତ ପରିବାରକୁ ପାନୀୟ ଜଳ ସଂଯୋଗ ଦେବାରେ ସରକାର ଅସମର୍ଥ ହୋଇଥିବା ବେଳେ ରାଜ୍ୟର ୩୧ ପ୍ରତିଶତ ପରିବାର ଆଜି ବି ଏହି ମୌଳିକ ସୁବିଧାରୁ ବଞ୍ଚିତ। ନମୁନା ଯାଞ୍ଚ ହୋଇଥିବା ୫ଟି ଜିଲ୍ଲା ମଧ୍ୟରୁ କନ୍ଧମାଳରେ ସର୍ବାଧିକ ୬୧.୭୫% ଜଳ ଯୋଗାଣ ହୋଇଥିବା ବେଳେ ମାଲକାନଗିରିରେ ସର୍ବନିମ୍ନ ୧୧.୨୦% ଘରକୁ ପାନୀୟ ଜଳ ପହଞ୍ଚିଛି। ରାଜ୍ୟର ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ଏହି ଯୋଜନା ପରିସରଭୁକ୍ତ ନ ଥିବା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଓସେପା ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଗୋଟିଏ ଇ-ଲେଣ୍ଡେଣ୍ଟକୁ ଦୁଇ ଦୁଇ ଥର କିଣାଯାଇ କୋଟି କୋଟି ଟଙ୍କାର ଅନାବଶ୍ୟକ ବ୍ୟୟ କରାଯାଇଛି। ଅନେକ ସ୍ଥାନରେ ମୌଳିକ ସୁବିଧା ନ ଥିବାରୁ ରୂପାନ୍ତରିତ ଶ୍ରେଣୀଗୃହ ଓ ବିଜ୍ଞାନାଗାରଗୁଡ଼ିକ ଅକାମୀ ହୋଇ ପଡ଼ିରହିଛି। ବ୍ଲୁ ଇକୋନୋମି ତଥା ଉପକୂଳବର୍ତ୍ତୀ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ପୂର୍ବ ସରକାର କୋଣାର୍କ ଆଖିଦୃଶିଆ ପରଖରେ ନେଇଥିବାରୁ ପ୍ରଶାସନିକ ଅନୁମୋଦନ ଓ ଜମି ଅଧିଗ୍ରହଣ ଭଳି ସମସ୍ୟା ପାଇଁ ୮୮ କୋଟି ଟଙ୍କା ପର୍ଯ୍ୟଟନ ପାଣ୍ଠିରେ ଜମା ହୋଇ ରହିଥିଲା। ବିନିଯୋଗ ହୋଇ ନ ପାରିବାରୁ ୧୦୩ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ଓ ଏହି ଅର୍ଥ ପାଞ୍ଚ ବର୍ଷ ଧରି ଓଟିଡିସି ଆକାଉଣ୍ଟରେ ପଡ଼ିରହିଥିଲା। ସରକାର ଯେଉଁ ସୀମିତ ଅର୍ଥ ଖର୍ଚ୍ଚ କରିଥିଲେ, ସେଥିର ଅଧିକାଂଶ ଅନାବଶ୍ୟକ ଥିବା ସିଏଜି କହିଛନ୍ତି।

### ଏମ୍ଏମ୍‌ଡିଆର୍ ବିରୋଧରେ...

ଆମ ଜେନ-ଜି'ଙ୍କ ଭବିଷ୍ୟତକୁ ବିପଦରେ ପକାଇଛି। ତେଣୁ ଓଡ଼ିଶାର ସ୍ୱାର୍ଥ, ଜେନ-ଜି'ର ସ୍ୱାର୍ଥ ପାଇଁ ଆମକୁ ଲଢ଼ିବାକୁ ହେବ। ଓଡ଼ିଶାର ଅଧିକାର ପାଇଁ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଲଢ଼େଇ କରିବେ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ। ସେ କହିଥିଲେ ଯେ ଏ ଲଢ଼େଇ କେବଳ ବିଜେଡିର ନୁହେଁ। ଏ ଲଢ଼େଇ ଓଡ଼ିଶାର ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲଢ଼େଇ। ସାଢ଼େ ୪ କୋଟି ଓଡ଼ିଆଙ୍କ ହକ ପାଇଁ ଆମେ ଆଜି ଏକାଠି ହୋଇଛେ। ଏମ୍ଏମ୍‌ଡିଆର୍ ସଂଶୋଧନ ବିଲ ଏକ ସାଧାରଣ ବିଲ୍ ନ ଥିଲା। ରାଜ୍ୟର ଅଧିକାର ସହ ଏ ବିଲ୍ ଜଡ଼ିତ। ଓଡ଼ିଶାର ଖଣି, ଓଡ଼ିଶାର ଜମି ଉପରେ ଓଡ଼ିଶାବାସୀ ହେଉଛନ୍ତି ମାଲିକ। ଦୁଃଖର କଥା ବିନା ଆଲୋଚନାରେ ଏ ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାର୍ଲିଆମେଣ୍ଟରେ ପାସ ହୋଇଗଲା। ଆଉ ଆମର ୨୦ ବିଜେପି ସାଂସଦ ଚୁପ ବସିଲେ କାହା ସ୍ୱାର୍ଥରେ? ଓଡ଼ିଶା ସରକାର ବି ଚୁପ ରହିଲେ, କାହା ଡରରେ ବୋଲି ସେ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରି ସେ କହିଲେ ଯେ ଏହି ଆଇନକୁ ବିରୋଧ କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ତଥା ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁଇ ଦୁଇ ଥର ଚିଠି ଲେଖିଥିଲେ। କିନ୍ତୁ ଉତ୍ତର ନାହିଁ। ସେହିପରି ବିଜେପିର ୨୦ ସାଂସଦଙ୍କୁ ଲେଖିଥିବା ଚିଠିର ମଧ୍ୟ ଉତ୍ତର ନାହିଁ। ଏ ସରକାରକୁ ନାହିଁ ନାହିଁର ସରକାର ଭାବେ ଅଭିହିତ କରି ସେ କହିଥିଲେ ଯେ ଏମାନେ କେବଳ ବାକ୍ୟବୀର। ଏହି ଆଇନ ପାଇଁ ଓଡ଼ିଶା ହଜାର ହଜାର କୋଟି ଟଙ୍କା ପ୍ରତିବର୍ଷ କ୍ଷତି ସହିବ। କିନ୍ତୁ ରାଜ୍ୟ ସ୍ୱାର୍ଥ ପାଇଁ ସରକାର ନୀରବ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କିଛି ଦଳଙ୍କର ଓଡ଼ିଶା ବିରୋଧୀ ମନୋଭାବକୁ ନିନ୍ଦା କରି ନବୀନ କହିଲେ ଯେ ଏ ମାଟିଠାରୁ ପାର୍ଟି କେବେ ବି ବଡ଼ ହୋଇପାରିବ ନାହିଁ। ଚୌକି ଆଜି ଅଛି କାଲି ନ ଥିବ। କିନ୍ତୁ ଏ ମାଟିକୁ ଧୋକା ଦେଲେ ସବୁ ଦିନ ପାଇଁ ନିନ୍ଦା ମିଳିବ। ଜେନ-ଜି' ଆପଣଙ୍କୁ କ୍ଷମା ଦେବେନାହିଁ। ଓଡ଼ିଶାବାସୀ କ୍ଷମା ଦେବେନାହିଁ। ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଇ ନ ଦେବାକୁ ସଂକଳ୍ପବଦ୍ଧ ହେବାକୁ ନବୀନ ଆହ୍ୱାନ ଦେଇଥିଲେ।

### ଅକ୍ଟୋବର ପହିଲାରେ...

ବୁଝାମଣାରେ ସମାଧାନର ବାଟ ବାହାରୁଛି। ସେ କହିଛନ୍ତି, ଆମେ ମୂଳରୁ କହିଆସୁଥିଲୁ, ତାହା ସଂପୂର୍ଣ୍ଣ ହେବକୁ ଯାଉଛି। ଖୁବଶୀଘ୍ର ଆପଣମାନେ ସୁସମ୍ବାଦ ପାଇବେ। ଉଲ୍ଲେଖଯୋଗ୍ୟ ଯେ ଗତ ୨୦ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ମହାନଦୀ ଜଳ ନେଇ ବିବାଦ ନାହିଁ କିମ୍ବା ସମସ୍ୟା ନାହିଁ। ଶୀଘ୍ର ଏହି ସମସ୍ୟାର ସମାଧାନ ହେବ। ଦୁଇ ରାଜ୍ୟରେ ବିଜେପି ଓ କେନ୍ଦ୍ରରେ ବିଜେପି ସରକାର ଅଛି, ତେଣୁ କୌଣସି ବିବାଦୀୟ ସ୍ଥିତି ନାହିଁ। ମହାନଦୀକୁ ନେଇ ଦୁଇ ମୁଖ୍ୟମନ୍ତ୍ରୀ ଓ ଅଧିକାରୀମାନେ ଦିଲ୍ଲୀରେ ଆଲୋଚନା କରିସାରିଛୁ। ସେଠାରେ ଆମେ ଦୁଇ ମୁଖ୍ୟମନ୍ତ୍ରୀ ସିଡବ୍ଲ୍ୟୁସିକୁ ସହମତି ଦେଇ ଦେଇଛୁ, ଦୁଇ ରାଜ୍ୟ ପାଇଁ ଯାହା ହିତକର ହେବ ମାନିବୁ। ବିଜେପି ସରକାର ଆସିବା ପରେ ଯେଉଁସବୁ ରାଜ୍ୟରେ ଜଳ ବିବାଦ ଥିଲା, ତା'ର ସମାଧାନ ହେଉଛି।

### ସାମାଜିକ ଦାୟିତ୍ୱବୋଧକୁ...

ସମାଜର ମିଳିତ ସହଯୋଗ, ଆନ୍ତରିକତା ଓ ସକ୍ରିୟ ଭାଗୀଦାରୀ ଦ୍ୱାରା ହିଁ ପ୍ରତ୍ୟେକ ଶିଶୁଙ୍କର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରିବ। ଶିଶୁଙ୍କ ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ସଠିକ୍ ପୋଷଣ ପ୍ରଦାନ କରିବା ସହ ସମାଜରେ ସ୍ୱଚ୍ଛତା ରକ୍ଷା, ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ ଓ ନିଶାମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ମିଳିମିଶି ଏହି ଅଭିଯାନକୁ ଏକ ବୃହତ୍ ଜନଆନ୍ଦୋଳନର ରୂପ ଦେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଶେଷରେ ସେ ସମସ୍ତ ଶିଶୁଙ୍କର ଉଜ୍ଜ୍ୱଳ, ନିରୋଗ ଓ ସୁସ୍ଥ ଭବିଷ୍ୟତ କାମନା କରିଛନ୍ତି।

### ସମ୍ପୂର୍ଣ୍ଣ ଚାଲିପାରିଲାନି

ନାହିଁ। ଦରମା ବୃଦ୍ଧିକୁ ଚାହିଁ ବସିଥିବା ପୂର୍ବତନ ବିଧାୟକମାନେ ବି ନିରାଶ ହୋଇଛନ୍ତି। ମୋଟାମୋଟି ଭାବେ ବର୍ଷା ଅଧିବେଶନ ରାଜ୍ୟର ସବୁ ବର୍ଗଙ୍କୁ ନିରାଶ କରିଛି। ବିଧାନସଭା ଅଧିବେଶନ ବସିବା ପାଇଁ ଘଣ୍ଟାକୁ ୩ରୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯେଉଁମାନଙ୍କ ଟିକସରୁ ଏହା ଖର୍ଚ୍ଚ ହେଲା, ସେମାନେ କ'ଣ ପାଇଲେ ବୋଲି ଏବେ ଆଲୋଚନା ହେଉଛି।

### ରାଜ୍ୟବାସୀଙ୍କୁ ଠକୁଛି...

ସୁପ୍ରିମକୋର୍ଟ। ୨୦୨୪ରେ ସୁପ୍ରିମ କୋର୍ଟ ଓଡ଼ିଶା ସପକ୍ଷରେ ନିଷ୍ପତ୍ତି ଦେଲେ। ଦେଢ଼ ଲକ୍ଷ କୋଟି ଆଦାୟ ହୋଇଥାନ୍ତା। ଋଣମୁକ୍ତ ହୋଇପାରିଥାନ୍ତା ଓଡ଼ିଶା, ରୋଜଗାର ମିଳିଥାନ୍ତା, ପେନସନ ମିଳିଥାନ୍ତା, ପେନସନ ହାର ବୃଦ୍ଧି ହୋଇପାରିଥାନ୍ତା। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଚାଷୀଙ୍କୁ ଲାଭ ମିଳିଥାନ୍ତା। ଚାଷୀ ଋଣମୁକ୍ତ ହୋଇପାରିଥାନ୍ତେ। ଜଳସେଚନ ପ୍ରକଳ୍ପ, ଅନ୍ତର୍ଜାତୀୟ ସ୍ତରର ସ୍କୁଲ, ମଧ୍ୟାହ୍ନ ସହ ପ୍ରାତଃଭୋଜନ ଓ ବହୁ ପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ କାମ ଗୋଟିଏ ବର୍ଷରେ ଶେଷ ହୋଇପାରିଥାନ୍ତା। ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପାଇଥାନ୍ତେ। ନିଜ ରାଜସ୍ୱ ନିଜ ରାଜ୍ୟରେ ଖର୍ଚ୍ଚ ହୋଇପାରିଥାନ୍ତା। ବର୍ଷ ବର୍ଷ ଧରି ଏକ ନମ୍ବର ରାଜ୍ୟ ହୋଇପାରିଥାନ୍ତା ଓଡ଼ିଶା। ଜେନ-ଜି'ଙ୍କ ଭବିଷ୍ୟତ ସୁରକ୍ଷା ପାଇଥାନ୍ତା। କିନ୍ତୁ ଘରକୁ ଆସିଥିବା ମା' ଲକ୍ଷ୍ମୀଙ୍କୁ ବିଜେପି ଫେରାଇଦେଲା। ନିଜ ପରିଶ୍ରମରେ ସୁଫଳ ପାଇଥାନ୍ତେ, ପରିବାର ଋଣମୁକ୍ତ ହୋଇଥାନ୍ତା। ହେଲେ ବିଜେପି କହିଲା ଆମ ପାଖରେ ଭଣ୍ଡାର ଅଛି, ପଡ଼ୋଶୀଙ୍କୁ ଦିଅନ୍ତୁ। ଏ ମୁରବୀଙ୍କୁ କି ଦଣ୍ଡ ଦିଆଯିବ ତା'ର ଜବାବ ଓଡ଼ିଶାବାସୀ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ବିଜେପି ସାଂସଦ କହୁଛନ୍ତି, ୨୦୧୫ରେ ଏମ୍ଏମ୍‌ଡିଆର୍ ଆଇନ ପାଇଁ ଖଣି ରାଜସ୍ୱ ଯଥେଷ୍ଟ ବଢ଼ିଛି। ମିଛ କହୁଛି ବିଜେପି, ସେମାନେ ଲୋକଙ୍କୁ ଠକୁଛନ୍ତି। ଖଣି ରାଜସ୍ୱ ୫୦ ହଜାର କୋଟି ହୋଇଛି କେବଳ ନବୀନ ପଟ୍ଟନାୟକଙ୍କ କାମ ପାଇଁ। ବିଜେପିର ରିମୋଟ କଣ୍ଟ୍ରୋଲ ଦିଲ୍ଲୀରେ ଅଛି, ଏହା ପ୍ରମାଣ ହୋଇଗଲା। ବିଜେଡି ଏକମାତ୍ର ଦଳ ଯାହାର ରିମୋଟ କଣ୍ଟ୍ରୋଲ ଓଡ଼ିଶାବାସୀଙ୍କ ପାଖରେ ଅଛି। ବିଜେଡି ଏହି ଲଢ଼େଇ ଜାରି ରଖିବ, ଯେ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାର ନ ମିଳିଛି।

## ନନ୍ଦିଗ୍ରାମରେ ଉତ୍ତେଜନା, ପ୍ରଚାର ଗାଡ଼ି ଭଙ୍ଗାରୁଜା

କୋଲକାତା, ୨୮।୯ (ସଂଚାର ବ୍ୟୁରୋ): ନନ୍ଦିଗ୍ରାମ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପ-ନିର୍ବାଚନ ଆସନ୍ତା ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତ ରାଜନୈତିକ ଦଳ ନିଜ ନିଜ ଢଙ୍ଗରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ସୋମବାର ଅପରାହ୍ଣରେ ନନ୍ଦିଗ୍ରାମର ତେରପେଖ୍ୟାଠାରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କ ସମର୍ଥନରେ ଏକ ପ୍ରଚାର ଶୋଭାଯାତ୍ରା ଓ ସଜ୍ଜିତ ଗାଡ଼ି ପ୍ରଦର୍ଶନ କରାଯାଉଥିଲା। ଅଭିଯୋଗ ହୋଇଛି ଯେ, ଏହି କାର୍ଯ୍ୟକ୍ରମ ସମୟରେ ଦୁର୍ବୃତ୍ତମାନେ ଶୋଭାଯାତ୍ରା ଉପରେ ଆକ୍ରମଣ କରିବା ସହ ସଜ୍ଜିତ ଗାଡ଼ିଟିକୁ ଭଙ୍ଗାରୁଜା କରିଥିଲେ। ଏଥିରେ ପ୍ରଚାର ଗାଡ଼ିର ସାମ୍ନା କାଚ ଭାଙ୍ଗିଯାଇଛି। ଏହି ଘଟଣା ପାଇଁ ବିଜେପିକୁ ଦାୟୀ କରାଯାଉଛି।

# ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ

ଫୁଲବାଣୀ,୨୮।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଲଙ୍କାଗଡ଼ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧୀନରେ ଚାଉଳ ବଣ୍ଟନକୁ ନେଇ ଉଠିଛି ସାଂଘାତିକ ଅନିୟମିତତା । ଏପରି ଘଟଣା ହାତିମୁଣ୍ଡ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ସମସ୍ତ ରାସନ କାର୍ଡ଼ ହିତାଧିକାରୀମାନେ ନିଜ ପ୍ରାପ୍ୟ ଚାଉଳ ପାଉନଥିବା ବେଳେ, ସରକାରୀ ରେକର୍ଡରେ ଚାଉଳ ବଣ୍ଟନ ହୋଇଥିବା ଦର୍ଶାଯାଇଛି। ହେଲେ ଏପରି ଘଟଣା ହିତାଧିକାରୀମାନେ ଜାଣିନଥିଲେ। ଯେତେବେଳେ ଜାଣିଲେ ସହଜରେ ଗ୍ରହଣ କରିବାକୁ ନାରାଜ ହୋଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି।



ହିତାଧିକାରୀଙ୍କ ଅଭିଯୋଗ ଅନୁସାରେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ବର୍ଷର ଏପ୍ରିଲ ମାସ ଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ଼ରେ ମାସକୁ ପ୍ରତି ମୁଣ୍ଡପିଛା ୫ କି.ଗ୍ରା ଚାଉଳ ଦେବାକୁ ଆଦେଶ ରହିଛି। ସେହି ଅନୁସାରେ ହିତାଧିକାରୀଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ଼ ଓ ରାଶନ କାର୍ଡ ଏହିପରି ଦୁଇଟି କାର୍ଡ଼ ରହିଛି। ସେହି ଦୁଇଟି କାର୍ଡ଼ରେ ମାସକୁ ମୁଣ୍ଡ ପିଛା ୧୦ କି.ଗ୍ରା ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରିବାର ଆଦେଶ ରହିଛି। ହେଲେ ତାହା ଏପ୍ରିଲ, ମଇ ଓ ଜୁନ ଏହି ୩ ମାସର ମୁଣ୍ଡ ପିଛା ୩୦ କି.ଗ୍ରା ବଦଳରେ ୧୫ କି.ଗ୍ରା ଚାଉଳ ଜୁନ ମାସରେ ହିତାଧିକାରୀଙ୍କୁ ଦିଆଯାଇଛି। ହିତାଧିକାରୀଙ୍କ ସମସ୍ତ ଚାଉଳ ରାସନ କାର୍ଡରେ ଦିଆଗଲା ବୋଲି ଲେଖାଯାଇଛି। ସେହିପରି ଜୁଲାଇ ଓ ଅଗଷ୍ଟ ମାସରେ ମଧ୍ୟ ଅନୁରୂପ ବ୍ୟତିକ୍ରମ ହୋଇଛି। ହେଲେ ଦୁଇ କିମ୍ବା ତିନି ମାସର ଚାଉଳ ଏକାଥରକେ ଦିଆଯାଉ ଥିବାରୁ ଜାଣିପାରିଲେ ନାହିଁ ହିତାଧିକାରୀମାନେ। ତେବେ ହିତାଧିକାରୀଙ୍କ ନିରୀହ ଓ ସରଳତାର ବେଶ ଫାଇଦା ଉଠାଯାଇଛି।

ଚାଉଳ ବଣ୍ଟନକୁ ନେଇ ହିତାଧିକାରୀଙ୍କ କହିବା ଅନୁଯାୟୀ କାର୍ଡରେ ମୁଣ୍ଡପିଛା ୫ କିଲୋ ଚାଉଳ ମିଳିଥିବା ବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଅତିରିକ୍ତ ମୁଣ୍ଡ ପିଛା ୫କି.ଗ୍ରା ଚାଉଳ ପାଇନାହୁ। ନିରୀହ, ସରଳତାରକୁ ନେଇ ଠକିବା ବନ୍ଦ କରନ୍ତୁ। ତୁରନ୍ତ ଆମ ପ୍ରାପ୍ୟ ଚାଉଳ ଆମକୁ ଦିଆଯାଉ ବୋଲି ହିତାଧିକାରୀମାନେ କହିଛନ୍ତି।

ସେହିପରି ଲଙ୍କାଗଡ଼ ସମିତି ସଭ୍ୟ ବିଭୀଷଣ ପାତ୍ରଙ୍କୁ ପଚାରିବାରୁ ସେ ଏପ୍ରିଲ ଠାରୁ ଅଗଷ୍ଟ ମାସ ମଧ୍ୟରେ ପାଞ୍ଚମାସର ଚାଉଳ ଦୁଇଥର ଠିକ ଭାବରେ ଦିଆଯାଇ ନାହିଁ। ହିତାଧିକାରୀଙ୍କୁ ପ୍ରତି ମାସ ମୁଣ୍ଡପିଛା ୧୦କି.ଗ୍ରା ଚାଉଳ ନଦିଆଯାଇ ୫କି.ଗ୍ରା ଦିଆଯାଇଛି। ଏହାକୁ ମୁଁ ବିରୋଧ କରୁଛି। ତୁରନ୍ତ ଦିଆଯାଇନଥିବା ଚାଉଳ ଦିଆଯାଉ ଓ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛି ବୋଲି କହିଛନ୍ତି।

## ଭୋଟ ଚୋରି ଅଭିଯୋଗରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ପ୍ରତିବାଦ




ମାଲକାନଗିରି, ୨୮।୯ (ସଂଚାର ବ୍ୟୁରୋ): ସାରା ଦେଶରେ ଭୋଟ ଚୋରିକୁ ନେଇ କଂଗ୍ରେସର ପ୍ରତିବାଦ ହୋଉଥିବା ବେଳେ ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୋଟ ଚୋରି ଅଭିଯୋଗକୁ କେନ୍ଦ୍ର କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଛି । କଂଗ୍ରେସ କର୍ମୀମାନେ ମୁଖ୍ୟ ନିର୍ବାଚନ କମଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ତାଙ୍କ ଇସ୍ତଫା ଓ ଗିରଫ ଦାବି କରିଥିଲେ।କଂଗ୍ରେସର ଅଭିଯୋଗ ଅନୁସାରେ, ନିର୍ବାଚନ କମିଶନ ବିଜେପି ସପକ୍ଷରେ କାର୍ଯ୍ୟ କରିବା ସହ ଦେଶବାସୀଙ୍କ ଭୋଟ ଅଧିକାରକୁ ପ୍ରଭାବିତ କରିଛନ୍ତି। ଏହାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦଳ ଦାବି କରିଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ କୁଶପୁତ୍ତଳିକା ଦାହ କରିବା ସହ ନାରାବାଜି କରିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ ।

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫଦାରୀ ଦାବିରେ କଂଗ୍ରେସର ବିକ୍ଷୋଭ



ସୁନ୍ଦରଗଡ଼, ୨୮।୯ (ସଂଚାର ବ୍ୟୁରୋ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫଦାରୀ ଦାବିରେ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁରୁଣା ବସଷ୍ଟାଣ୍ଡରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତି ଛକରୁ କଂଗ୍ରେସ କର୍ମୀମାନେ ଏକ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ କୁମାର ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏସଆଇଆର ପ୍ରକ୍ରିୟାରେ ଅନିୟମିତତା କରାଯାଇ ଅନେକ ଲୋକଙ୍କ ନାଗରିକତ୍ୱ ଅଧିକାର ଉପରେ ପ୍ରଭାବ ପକାଯାଇଛି। ଏହି ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ କଂଗ୍ରେସ କଠୋର ପଦକ୍ଷେପ ଦାବି କରିଛି। ତୁରନ୍ତ ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହ ବିଭିନ୍ନ ବ୍ଲକରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କଠୋର ଚେତାବନୀ ଦିଆଯାଇଛି।

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଅଫିସ ଘେରାଉ



ଖୋର୍ଦ୍ଧା, ୨୮।୯ (ସଂଚାର ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଚୋରି ଘଟଣାରେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ନହେବା ପର୍ଯ୍ୟନ୍ତ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଶ୍ରୀ ରାଜୀବ କହିଥିଲେ । କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶ୍ରୀ ପଟ୍ଟନାୟକ କଂଗ୍ରେସର ଏକ ପ୍ରତିନିଧି ଦଳ ଏକ ସ୍ମାରକପତ୍ର ଏଡିଏମଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ,ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ,ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ,ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ,ଜିଲ୍ଲା କୋଷାଧକ୍ଷ ତପନ ଚକ୍ରବର୍ତ୍ତୀ,ଖୋର୍ଦ୍ଧା ପୂର୍ବତନ ବିଧାୟକ ପ୍ରାର୍ଥୀନୀ ସ୍ୱାଗତିକା ପଟ୍ଟନାୟକ, ଅଶୋକ ମଙ୍ଗରାଜ,ଖୋର୍ଦ୍ଧା ନଗର ସଭାପତି ରଞ୍ଜିତ ମହାପାତ୍ର,ବାଲିପାଟଣା ବ୍ଲକ ସଭାପତି ଶଇଲେନ୍ଦ୍ର ଦାସ,ଅମିତ୍ ମହାନ୍ତି, ମୌମୁଦିନ ଅହମ୍ମଦ,ପ୍ରମୋଦ ହରିଚନ୍ଦନ,ସେଖ ସାଜିଦ,ଶିଶିର ପଟ୍ଟନାୟକ,ତାପସ ମିଶ୍ର,ରମେଶ ପଟ୍ଟନାୟକ, ଶୁଭ୍ରାଂଶୁ ପଟ୍ଟନାୟକ, ଶିବପ୍ରସାଦ ଦାସ,ରମାକାନ୍ତ ପଟ୍ଟନାୟକ, ଅସ୍ମାନା ବେଗମ, ସୌମ୍ୟ ପଟ୍ଟନାୟକ ପ୍ରମୁଖ ବହୁ ନେତୃମଣ୍ଡଳୀ ଯୋଗଦେଇଥିଲେ।

## ନିର୍ବାଚନ କମିଶନରଙ୍କ ବିରୋଧରେ କଂଗ୍ରେସର ବିକ୍ଷୋଭ



ଢେଙ୍କାନାଳ, ୨୮।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ଛବିରାଜ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତର ନିର୍ବାଚନ କମିଶନରଙ୍କ ବିରୋଧରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜ୍ଞାନେଶ କୁମାର, ନରେନ୍ଦ୍ର ମୋଦୀ ଓ ଅମିତ୍ ଶାହଙ୍କର କୁଶପୁତଳିକା ଦାହ କରାଯାଇଥିଲା ।

ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ ଶକ୍ତିଶାଳୀ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇଛନ୍ତି । ଏସ୍.ଆଇ.ଆର୍. ନାମରେ ଯୋଗ୍ୟ ଭୋଟରମାନଙ୍କୁ ଅଯୋଗ୍ୟ ଦର୍ଶାଇ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଏହି କଥାକୁ ରାହୁଳ ଗାନ୍ଧୀ ବହୁତ ଆଗରୁ ଅଭିଯୋଗ କରିଆସୁଥିଲେ।ବର୍ତ୍ତମାନ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ଏହି ତଥ୍ୟକୁ ପ୍ରକ୍ଷାତ ସାମ୍ବାଦିକା ରିତିକା ଶର୍ମା ଲୋକଲୋଚନକୁ ଆଣିବା ଫଳରେ ସରକାରଙ୍କର ଅନ୍ଧାରୀ ବିଜେ ନୀତି ପଦାକୁ ଚାଲି ଆସିଛି ଏବଂ ବିଜେପିର ଅସଲ ମୁଖା ଖୋଲିଯାଇଛି ବୋଲି ଅନେକ ବକ୍ତା ମତ ପ୍ରକାଶ କରିଥିଲେ। ଏହି ବିକ୍ଷୋଭରେ ଜିଲ୍ଲାର ସମସ୍ତ ସଂଗଠନର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୁଷାରକାନ୍ତ ନାୟକ, ଅବିନାଶ ପଣ୍ଡା, ପ୍ରେମ ଶଙ୍କର ମିଶ୍ର, ସୁନିଲ୍ ଦାସ, ଅଜିତା ନନ୍ଦ ବିହାରୀ, ବୀପ୍ରବର ସାହୁ, ପ୍ରିୟବ୍ରତ ସାସ୍ମଲ୍, ରାଜେଶ ସାହୁ, ବନମାଳି ଦାସ, ରୁଦ୍ର ପ୍ରକାଶ ଶରଣ, ରାଜୀବ ଲୋଚନ ସିଂହଦେଓ, ନିର୍ମାଳ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ ବୋଲି ଜିଲ୍ଲା ପ୍ରଭାରୀ ଅଞ୍ଚଳ ମହାପାତ୍ର ପ୍ରକାଶ କରିଛନ୍ତି ।

## ବାଲୁଙ୍କେଶ୍ୱରଙ୍କ ହୁଣ୍ଡିରେ ବଢ଼ିଲା ଭକ୍ତିର ଅର୍ପଣ
## ମିଳିଲା ୧୧ ଲକ୍ଷ ୫୨ ହଜାର ୯୯୦ ଟଙ୍କା



ସତ୍ୟବାଦୀ,୨୮।୯ (ସଂଚାର ବ୍ୟୁରୋ): ସତ୍ୟବାଦୀସ୍ଥିତ ପ୍ରସିଦ୍ଧ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ ହୁଣ୍ଡି ଗଣତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଗତ ୨୭ ସେପ୍ଟେମ୍ବରରେ ହୋଇଥିବା ଗଣତିରେ ହୁଣ୍ଡିରୁ ମୋଟ ୧୧ ଲକ୍ଷ ୫୨ ହଜାର ୯୯୦ ଟଙ୍କା ମିଳିଛି। ଭକ୍ତମାନଙ୍କ ଦାନ ଓ ଅର୍ପଣରୁ ଏହି ଅର୍ଥ ସଂଗୃହୀତ ହୋଇଛି। ପୂର୍ବରୁ ଗତ ୩ ଜୁନରେ ହୋଇଥିବା ହୁଣ୍ଡି ଗଣତିରେ ମୋଟ ୯ ଲକ୍ଷ ୧୩ ହଜାର ୨୨୬ ଟଙ୍କା ମିଳିଥିଲା। ଅର୍ଥାତ୍ ଏଥର ଗତଥରଠାରୁ ୨ ଲକ୍ଷ ୩୯ ହଜାର ୭୬୪ ଟଙ୍କା ଅଧିକ ଆଦାୟ ହୋଇଛି। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ସମଗ୍ର ପ୍ରକ୍ରିୟାକୁ ଅଧିକାରୀମାନେ ନିରୀକ୍ଷଣ କରିଥିଲେ। ହୁଣ୍ଡିରୁ ମିଳିଥିବା ସମସ୍ତ ଅର୍ଥ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ ନାମରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଖାତାରେ ଜମା କରାଯାଇଛି।

# ରାସ୍ତା ପାଇଁ କଲବଲ ତେନ୍ତୁଳିଖୁଣ୍ଟି ପଞ୍ଚାୟତବାସୀ

### ଲଘୁଚାପଜନିତ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

### ୮୦୦ ମିଟରରେ ଶତାଧିକ ଖାଲ



ନବରଙ୍ଗପୁର,ତେନ୍ତୁଳୀଖୁଣ୍ଟ,୨୮।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ସଦର ବ୍ଲକ କର୍ଯ୍ୟାଳୟ ର କିଛି ଦୂରର ଦୃଶ୍ୟ ବ୍ଲକ ପ୍ରଶାସନ ର ନଜର ଆଢୁଆଳରେ। ମୁଖ୍ୟ ରାସ୍ତାର ଦୁରବସ୍ଥାକୁ ନେଇ ତେନ୍ତୁଳୀଖୁଣ୍ଟି ବ୍ଲକ ବାସୀ ଏବେ ଅତିଷ୍ଠ। ଅଳ୍ପ ବର୍ଷା ହେଲେ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହେଉଥିବାରୁ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ଲଘୁଚାପଜନିତ ଲଗାଣ ବର୍ଷା ପରେ କୁର୍ମାକୋଟରୁ ତେନ୍ତୁଳୀଖୁଣ୍ଟି ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।

କୁର୍ମାକୋଟରୁ ତେନ୍ତୁଳୀଖୁଣ୍ଟି ଦେଇ ମଙ୍ଗରଦୋରା ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତା ଉପରେ ତେନ୍ତୁଳୀଖୁଣ୍ଟି ବ୍ଲକ ସମେତ ରାୟଗଡ଼ା ଓ କଳାହାଣ୍ଡି ଅଞ୍ଚଳର ଲୋକେ ମଧ୍ୟ ନିର୍ଭରଶୀଳ। ପ୍ରତିଦିନ ଏହି ରାସ୍ତା ଦେଇ ତହସିଲ କାର୍ଯ୍ୟାଳୟ, ଡାକ୍ତରଖାନା, ପୁଲିସ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଡାକଘର ଓ ଲ୍ୟାମ୍ପସ୍‌କୁ ଲୋକଙ୍କ ଯାତାୟାତ ଲାଗିରହିଥାଏ। ଚାଷୀ, ରୋଗୀ, ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ଏହା ଏକ ପ୍ରମୁଖ ରାସ୍ତା।ରାସ୍ତା ପ୍ରଶସ୍ତିକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ, ନବରଙ୍ଗପୁର ପକ୍ଷରୁ କୁର୍ମାକୋଟ ଛକରେ ସୂଚନା ଫଳକ ଲଗାଯାଇଛି। ଫଳକରେ କାମ ଆରମ୍ଭ ତାରିଖ ୧-୮-୨୦୨୫ ଏବଂ ଶେଷ ତାରିଖ ୩୦-୪-୨୦୨୬ ଦର୍ଶାଯାଇଥିବା ବେଳେ ଅଟକଳ ମୂଲ୍ୟ ୪୪ ଲକ୍ଷ ଟଙ୍କା ଉଲ୍ଲେଖ ରହିଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ତେନ୍ତୁଳୀଖୁଣ୍ଟିରୁ ମଙ୍ଗରଦୋରା ଦିଗରେ ରାସ୍ତା କାମ କିଛି ପରିମାଣରେ ହୋଇଥିବା ବେଳେ କିଛିଦିନ ପୂର୍ବେ ହୋଇଥିବା ରାସ୍ତା ପାର୍ଶ୍ୱର ଗାର୍ଡୱାଲ ଟଭା ପଦର ନିକଟରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏଥିରୁ ସ୍ପଷ୍ଟ ବାରି ହେଉଛି କାର୍ଯ୍ୟ କେଉଁଭଳି ଭାବରେ ହୋଇଥିବ ତାହା ତଦନ୍ତ ସାପେକ୍ଷ। ସମ୍ପୃକ୍ତ ତେନ୍ତୁଳୀଖୁଣ୍ଟିରୁ କୁର୍ମାକୋଟ ଦିଗରେ ଆବଶ୍ୟକ କାମ ହୋଇନାହିଁ। ଫଳରେ ପ୍ରାୟ ୮୦୦ ମିଟର ରାସ୍ତା ଏବେ ଯାତାୟାତ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। ବର୍ଷା ପରେ ବଡ଼ବଡ଼ ଖାଲରେ ପାଣି ଜମି ରହୁଥିବାରୁ ଗାଡ଼ି ଚଳାଚଳ କଷ୍ଟକର ହେବା ସହ ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି।

ଏପରି ସ୍ଥିତିରେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନର ନଜର କାହିଁକି ଏହି ରାସ୍ତା ଉପରେ ପଡୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ବ୍ୟାସନଗରର ୫ ନମ୍ବର ୱାର୍ଡରେ ଚର୍ଚ୍ଚାରେ ମୋନାଲିସା
## ପ୍ରଚାର ନୁହେଁ, କାମରେ ରଖନ୍ତି ବିଶ୍ୱାସ



ଯାଜପୁର ରୋଡ଼, ୨୮।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ରାଜନୀତିରେ ଏବେ ୫ ନମ୍ବର ୱାର୍ଡର ବିଜେଡି ସମର୍ଥିତ କାଉନସିଲର ମୋନାଲିସା ସାହୁଙ୍କ କାର୍ଯ୍ୟଶୈଳୀ ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣତଃ ପୌର ରାଜନୀତିରେ ହୋ-ହାଲ୍ଲା, ଫ୍ଲେକ୍ସ, ଫଟୋ ପଲିଟିକ୍ସ ଦେଖିବାକୁ ମିଳେ। କିନ୍ତୁ ମୋନାଲିସା ତା'ର ବ୍ୟତିକ୍ରମ। ବିଭିନ୍ନ ଜନହିତକର କାର୍ଯ୍ୟରେ ଜଡ଼ିତ ରହିବା ସହିତ ବିଭିନ୍ନ ସାମାଜିକ ସଂଗଠନ ସହ ସାମିଲ ରହିବା, ସେବା ମନବୃତ୍ତି, ବ୍ଲଡ କ୍ୟାମ୍ପ, ୱାର୍ଡର ଡ୍ରେନେଜ ସମସ୍ୟା, ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍ ଓ ସଫେଇ ପ୍ରସଙ୍ଗରେ ସେ ସିଧା ଫିଲ୍ଡରେ ଓହ୍ଲାଇ କାମ କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ତାଙ୍କ ନମ୍ର ବ୍ୟବହାର ଓ ଲୋକଙ୍କୁ ସହଜରେ ଉପଲବ୍ଧ ହେବା ହିଁ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଛି। ବିଜେଡି ଶିବିରରେ ମଧ୍ୟ ତାଙ୍କୁ ନେଇ ଆଶା ବଢ଼ୁଛି। "ଯୁବ, ଶିକ୍ଷିତ ଓ ସେବା ମନୋଭାବ ଥିବା ମୋନାଲିସାଙ୍କ ଭଳି ନେତୃତ୍ୱ ହିଁ ପୌରାଞ୍ଚଳରେ ଦଳକୁ ଆଗକୁ ନେବ ବୋଲି ରାଜନୈତିକ ମହଲରେ ସାଧାରଣରେ ଆଲୋଚନା ହେଉଛି।

# ରାଣୀଗଡ଼ ଘାଟି ରାସ୍ତାରେ ଭୂସ୍ଖଳନ, ବୋରିଗୁମ୍ମା-କୋରାପୁଟ ଯାତାୟାତ ବନ୍ଦ

### ଅବରୋଧ ହଟାଇବାକୁ ବିଧାୟକଙ୍କ ଦାବି



ବୋରିଗୁମ୍ମା,୨୮।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା - କୋରାପୁଟକୁ ସଂଯୋଗ କରୁଥିବା ଘାଟି ରାସ୍ତାରେ ଲଗାଣ ବର୍ଷାରେ ରାଣୀଗଡ଼ ଘାଟି ରାସ୍ତାରେ ପାହାଡ଼ ଧସି ରାସ୍ତା ଉପରେ ବଡ଼ ବଡ଼ ପଥର ଏବଂ ମାଟି ଖସିଆସି ପଡିବା ଯୋଗୁଁ ପ୍ରାୟ ଏହା ୬ ଦିନ ହେଲାଣି ବୋରିଗୁମ୍ମା - କୋରାପୁଟ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଛି | ପୂର୍ତ୍ତ ବିଭାଗର ଏହି ଘାଟିରାସ୍ତା ଉପରେ ପ୍ରାୟ ୧୦୦ମିଟର ରାସ୍ତା ଉପରେ ଏହି ମାଟି ଓ ପଥର ଜମା ହୋଇରହିଛି। ଏହି ରାସ୍ତା ବୋରିଗୁମ୍ମା, କୋଟପାଡ ବ୍ଲକ ସମେତ ନବରଙ୍ଗପୁର ଜିଲ୍ଲାର ରୋଗୀମାନଙ୍କୁ ଆମ୍ବୁଲାନ୍ସ ଯୋଗେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେବାରେ ସହାୟତା ହେଉଥିଲା। ଏହିପରି ବଡ ବଡ ମାଲାବାହୀ ଟ୍ରକ ଗୁଡିକ ଏହି ରାସ୍ତା ଦେଇ ଆନ୍ତଃ ରାଜ୍ୟ ଏବଂ ଜିଲ୍ଲାରେ ଯାତାୟାତରେ ସୁବିଧା ହେଉଥିଲା।

କିନ୍ତୁ ଏହି ରାସ୍ତା ଅବରୋଧ ପରେ ଜୟପୁର-କୋରାପୁଟ ଜାତୀୟ ରାଜପଥ ଘାଟି ବ୍ୟସ୍ତବହୁଳ ହେବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେବ । ତେଣୁ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉକ୍ତ ରାସ୍ତା ଅବରୋଧ ଘାଟି ଠାରେ ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହିତ ତୁରନ୍ତ ଏହି ରାସ୍ତାରୁ ପୂର୍ତ୍ତ ବିଭାଗ ପକ୍ଷରୁ ମାଟି ଓ ପଥର ହଟାଯିବା ସହିତ ରାସ୍ତା ନିର୍ମାଣ ଏବଂ ପାହଡ ପାର୍ଶ୍ୱରେ ବଡ ବଡ କଂକ୍ରିଟ ପାଚେରୀ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏଥିନେଇ ରାଜ୍ୟସରାକରଙ୍କୁ ଅବଗତ କରିବା ସହିତ ବିଧାନସଭାରେ ମଧ୍ୟ ପ୍ରଶ୍ନ ଉପସ୍ଥାପନ କରିବେ । ଏନେଇ ରାଜ୍ୟ ସରକାରଙ୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ କୌଣସି ଉପଯୁକ୍ତ ପଦକ୍ଷପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ବାହିନୀପତି ଦାବି କରିଛନ୍ତି ।

ପ୍ରକାଶ ଯେ, ଏହି ଘାଟି ରାସ୍ତାରୁ ପାହାଡରୁ ମାଟି ଓ ବଡ ବଡ ପଥର ଖସି ରାସ୍ତା ଅବରୋଧ ସହିତ ନିକଟସ୍ଥ ତେଲିଙ୍ଗିରି ଜଳଭଣ୍ଡାରରେ ଭିତରକୁ ମଧ୍ୟ ବହୁ ପରିମାଣର ମାଟି ଓ ପଥର ଖସିଛି। ଫଳରେ ଜଳଭଣ୍ଡାର ମଧ୍ୟ ପୋତିହେବାର ଆଶଙ୍କା ଦେଖାଦେଇଛି ବୋଲି ନେଇ ସ୍ଥାନୀୟ ବାସିନ୍ଦା ମାନେପ୍ରକାଶ କରିଛନ୍ତି।

### ୱାର୍ଡକୋ ପାଣି ପ୍ରକଳ୍ପରେ ଅବ୍ୟବସ୍ଥା
## ପୂଜା କନଷ୍ଟ୍ରକସନର ମନମୁଖୀ କାର୍ଯ୍ୟକୁ ନେଇ ବଢୁଛି ଅସନ୍ତୋଷ

ଯାଜପୁର ରୋଡ଼, ୨୮।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଅଂଚଳ ୱାର୍ଡକୋ ଅଧୀନରେ ଥିବା ପାନୀୟ ଜଳ ପ୍ରକଳ୍ପ କାମ ଏବେ ପ୍ରଶ୍ନଘେରରେ। ସ୍ଥାନୀୟ ଅଭିଯୋଗ ଅନୁସାରେ ପୂଜା କନଷ୍ଟ୍ରକସନ ନାମକ ଠିକା ସଂସ୍ଥା ଦ୍ୱାରା ଟାଙ୍କିରେ ଠିକ୍ ସମୟରେ ବ୍ଲିଚିଂ ପକାଯାଉନାହିଁ, ଫଳରେ ପାଣିର ଗୁଣବତ୍ତା ନେଇ ପ୍ରଶ୍ନ ଉଠୁଛି। ଏହି ସଂସ୍ଥା ଅଧୀନରେ କାମ କରୁଥିବା କିଛି କର୍ମଚାରୀ ମଦ୍ୟପାନ କରି କାମ କରୁଥିବା ନେଇ ଆଲୋଚନା ହେଉଛି। ଯାହା କାମର ମାନ ଉପରେ ପ୍ରଭାବ ପକାଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପ୍ ରହିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢାଇଛି। ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଖରିଡ଼ା ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି




ହିଞ୍ଜିଳିକାଟୁ, ୨୮।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ଖରିଡ଼ା ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି | ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୂରଜ ନାୟକ ବେହେରା ,ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀ,ଏବିଡିଓ ଅରୁଣ କୁମାର ପ୍ରଧାନ ସରପଞ୍ଚ ମଂଚାସୀନ ଥିଲେ | ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା । ଶିବିରରେ ମୋଟ ୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

ଏହି ଜନଶୁଣାଣୀ ଶିବିରରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆବେଦନକାରୀଙ୍କ ଅଭିଯୋଗର ଶୁଣାଣି କରିବା ସହ ଆବଶ୍ୟକ ପରାମର୍ଶ ଓ ସହାୟତା ପ୍ରଦାନ କରିଥିଲେ ।

### ଛନଛାଡ଼ରେ ବିଜେପିର ନୂଆଖାଇ ଭେଟଘାଟ
## ସିଦ୍ଧାନ୍ତ ମହାପାତ୍ରଙ୍କ 'ପୁଚୁକି ଗାଲି ଫେସନବାଲି' ଗୀତରେ ଝୁମିଲେ ଦର୍ଶକ



ସଇଁତଲା, ୨୮।୯ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ। ଭାଇଚାରା, ସାମାଜିକ ସମ୍ପର୍କ ଓ ଏକତାର ବାର୍ତ୍ତା ବହନ କରୁଥିବା ଏହି ପର୍ବ ଅବସରରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକର ଛନଛାଡ଼ ଗ୍ରାମରେ ବିଜେପି ପକ୍ଷରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ନେତା, କର୍ମୀ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଉତ୍ସବମୁଖର ହୋଇଉଠିଥିଲା।

ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭେଟଘାଟ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦିଗପହଣ୍ଡି ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆଙ୍କରାଜ୍ୟ ବିଜେପି ଉପସଭାପତି ଶିବାଜୀ ମହାନ୍ତିଙ୍କ ସମେତ ଦଳର ଅନ୍ୟ ନେତା ଓ ପଦାଧିକାରୀମାନେ ଯୋଗଦେଇଥିଲେ। ଏହାସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ନୂଆଖାଇ ଭେଟଘାଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସମ୍ବଲପୁରୀ ସଙ୍ଗୀତଶିଳ୍ପୀ ଉମାକାନ୍ତ ବାରିକଙ୍କ ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରଞ୍ଜନର ପ୍ରମୁଖ ଆକର୍ଷଣ ପାଲଟିଥିଲା। ସ୍ଥାନୀୟ ଓ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଧାରାକୁ ନେଇ ପରିବେଷିତ ବିଭିନ୍ନ ସଙ୍ଗୀତରେ ଉପସ୍ଥିତ ଦର୍ଶକ ଉତ୍ସାହିତ ହୋଇଥିଲେ। ତେବେ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲେ ଦିଗପହଣ୍ଡି ବିଧାୟକ ତଥା ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର। ସେ ମଞ୍ଚରେ ଗୀତ ପରିବେଷଣ କରିଥିଲେ। ବିଶେଷକରି 'ଶୁନାପଞ୍ଜୁରୀ' ଚଳଚ୍ଚିତ୍ରର ଲୋକପ୍ରିୟ 'ପୁଚୁକି ଗଲି ଫେସନବାଲି' ଗୀତ ଗାଇବା ସମୟରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଥିଲା। ଗୀତର ତାଳେ ତାଳେ ଦର୍ଶକ ଝୁମିବା ସହ ଉପସ୍ଥିତ ପରିବେଶ ଉତ୍ସବମୁଖର ହୋଇଉଠିଥିଲା।

# ସମ୍ ହସ୍ପିଟାଲରେ ନୂତନ ହୃଦ୍ ଚିକିତ୍ସା ଟିଏଭିଆର୍ ପଦ୍ଧତିରେ ୭୧ ବର୍ଷୀୟା ମହିଳାଙ୍କୁ ମିଳିଲା ନୂଆ ଜୀବନ





ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ତୀବ୍ର ହୃଦ୍‌ଯନ୍ତ୍ର ବିଫଳତାରେ ପୀଡ଼ିତା ଜଣେ ୭୧ ବର୍ଷୀୟା ମହିଳାଙ୍କ ଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ହୃଦ୍‌ରୋଗ ବିଶେଷଜ୍ଞ ଓ ହୃଦ୍‌ଶଲ୍ୟ ଚିକିତ୍ସକଙ୍କୁ ନେଇ ଗଠିତ ଏକ ଏକ ବହୁବିଭାଗୀୟ ଟିମ୍ ସଫଳତାର ସହ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଣ୍ଟ (ଟିଏଭିଆର) ପଦ୍ଧତିରେ ସଫଳ ଚିକିତ୍ସା କରିଛନ୍ତି। ଏହି ଅତ୍ୟାଧୁନିକ ଓ ସର୍ବନିମ୍ନ ଆକ୍ରମଣାତ୍ମକ ଚିକିତ୍ସା ପଦ୍ଧତି ଓପନ୍ ହାର୍ଟ ସର୍ଜରୀ କରିବା ସମ୍ଭବ ନଥିବା ରୋଗୀଙ୍କ ପାଇଁ ଏକ ବିକଳ୍ପ ଭାବେ ସହାୟକ ହୋଇପାରେ।

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମିଳା ମହାରଣାଙ୍କୁ ତିନି ସପ୍ତାହ ପୂର୍ବେ ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଠାରେ ଅତ୍ୟନ୍ତ ଗୁରୁତର ଏଓର୍ଟିକ୍ ଷ୍ଟେନୋସିସ୍ ବା ହୃଦୟର ମୁଖ୍ୟ ଭାଲ୍ଭ ସଙ୍କୁଚିତ ହୋଇଯାଇଥିଲା ବୋଲି ଜଣାପଡ଼ିଥିଲା। ଫଳରେ ତାଙ୍କର ହୃଦୟ ମାତ୍ର ପ୍ରାୟ ୨୦ରୁ ୩୦ ପ୍ରତିଶତ କ୍ଷମତାରେ କାର୍ଯ୍ୟ କରୁଥିଲା ଏବଂ ରକ୍ତଚାପ ମଧ୍ୟ ଅତ୍ୟନ୍ତ କମ୍ ରହିଥିଲା ବୋଲି ହସ୍ପିଟାଲ୍‌ର ହୃଦ୍‌ରୋଗ ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରେଶ କୁମାର ବେହେରା ସୋମବାର କହିଛନ୍ତି।

ରୋଗୀଙ୍କ ଗୁରୁତର ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ପରିବାରବର୍ଗଙ୍କ ସହ ଆଲୋଚନା ପରେ ପାରମ୍ପରିକ ଓପନ୍ ହାର୍ଟ ସର୍ଜରୀ ପରିବର୍ତ୍ତେ ପର୍କ୍ୟୁଟାନିଅସ୍ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଣ୍ଟ କରିବାକୁ ନିଷ୍ପତି ନିଆଯାଇଥିଲା ଡାକ୍ତର ବେହେରା ବିଶ୍ୱ ହୃଦ୍ ଦିବସ ପାଳନର ପୂର୍ବଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ ବିଶ୍ୱ ହୃଦ ଦିବସ ପାଳିତ ହୁଏ।

ଚିକିତ୍ସା ପରେ ରୋଗୀ ଦୁଇରୁ ତିନି ଦିନ ମଧ୍ୟରେ ଚଲାବୁଲା କରିପାରିଥିଲେ ଏବଂ ପରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସଚାର୍ଜ କରାଯାଇଥିଲା। ଏହି ପଦ୍ଧତି ପାଇଁ ସୂକ୍ଷ୍ମ ଯୋଜନା ସହ ପ୍ରି-ଅପରେଟିଭ ସିଟି ସ୍କାନ୍ ଆବଶ୍ୟକ ହୋଇଥାଏ। ପାରଂପରିକ ଓପନ୍ ହାର୍ଟ ସର୍ଜରୀ ତୁଳନାରେ ଏହା କମ୍ ବିପଦସଙ୍କୁଳ ଏବଂ ରୋଗୀଙ୍କ ଶୀଘ୍ର ସୁସ୍ଥତାରେ ସହାୟକ ହୋଇପାରେ ଡାକ୍ତର ନାୟକ କହିଥିଲେ।

ବୟସ୍କ ରୋଗ. ଏକାଧିକ ଅନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତି ଏବଂ ପନ୍ ହାର୍ଟ ସର୍ଜରୀ ଏଡ଼ାଇବାକୁ ଚାହୁଁଥିବା ରୋଗୀଙ୍କ ପାଇଁ ଟିଏଭିଆର ଏକ ଉପଯୋଗୀ ଚିକିତ୍ସା ପଦ୍ଧତି ହୋଇପାରେ ବୋଲି ପ୍ରଫେସର (ଡାକ୍ତର) ବେହେରା କହିଥିଲେ। ଏହି ପ୍ରକ୍ରିୟା ସଫଳତାର ସହ କରିବା ପାଇଁ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଉଚ୍ଚ ପ୍ରଶିକ୍ଷିତ, ଅଭିଜ୍ଞ ଏବଂ ବିଶେଷଜ୍ଞ ଟିମ୍ ରହିଛି ବୋଲି ସେ କହିଥିଲେ।

ବିଧାନସଭାରେ ଭାରତୀୟ ଷ୍ଟାମ୍ପ ସଂଶୋଧନ ବିଲ୍ ୨୦୨୬

# ଆପାର୍ଟମେଣ୍ଟ ପଞ୍ଜୀକରଣ ହେଲା ଆହୁରି ସରଳ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ରାଜ୍ୟରେ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର କ୍ରୟ-ବିକ୍ରୟ ଓ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁଗମ ଓ ଲୋକାଭିମୁଖୀ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏହାର ଫଳସ୍ୱରୂପ ବିଧାନସଭାରେ 'ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍, ୨୦୨୬' ଉପସ୍ଥାପିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ଗୃହରେ ଆଗତ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରୁ ଅନାବଶ୍ୟକ ଆର୍ଥିକ ବୋଝ ହ୍ରାସ ପାଇବା ସହ ସାଧାରଣ କ୍ଷେତ୍ର ହସ୍ତାନ୍ତର ପ୍ରକ୍ରିୟା ପୂର୍ବାପେକ୍ଷା ସହଜ ହୋଇଯିବ। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୨୩ ଅନୁଯାୟୀ, ପ୍ରମୋଟରମାନେ ବ୍ୟକ୍ତିଗତ ଫ୍ଲାଟ୍ ହସ୍ତାନ୍ତର କରିବା ପୂର୍ବରୁ ପ୍ରକଳ୍ପର ଜମି, ପାର୍କିଂ, ସିଡ଼ି, ଲିଫ୍ଟ ଓ ସାଧାରଣ ବ୍ୟବହାର୍ଯ୍ୟ ସ୍ଥାନଗୁଡ଼ିକୁ 'ଆସୋସିଏସନ ଅଫ୍ ଆଲଟିଜ୍' ନାମରେ ପଞ୍ଜୀକୃତ ଦଲିଲ୍ ମାଧ୍ୟମରେ ହସ୍ତାନ୍ତର କରିବା ବାଧ୍ୟତାମୂଳକ।

ପୂର୍ବରୁ ଏହି ପ୍ରକ୍ରିୟାରେ ଅଧିକ ଷ୍ଟାମ୍ପ ଡ୍ୟୁଟି ଲାଗୁଥିବାରୁ କ୍ରେତାଙ୍କ ଉପରେ ଅଧିକ ଅର୍ଥର ବୋଝ ପଡ଼ୁଥିଲା। ଏହାକୁ ଦୃଷ୍ଟିରେ ରଖି ନୂତନ ସଂଶୋଧନରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ପାଇଁ ମାତ୍ର ୫୦ ହଜାର ଟଙ୍କା ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଫେସ୍ ୨୦ ହଜାର ଟଙ୍କାରେ ସୀମିତ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ଆପାର୍ଟମେଣ୍ଟର ମୂଲ୍ୟ ଆଧାରରେ ୩ ପ୍ରତିଶତ, ୪ ପ୍ରତିଶତ ଓ ୫ ପ୍ରତିଶତ ଭଳି ଭିନ୍ନ ଭିନ୍ନ ସ୍ଲାବରେ ଷ୍ଟାମ୍ପ ଡ୍ୟୁଟି ଆଦାୟ କରାଯାଉଥିଲା। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୩%, ୫ରୁ ୧୫ ଲକ୍ଷ ଟଙ୍କା ଯାଏଁ ୪% ଓ ୧୫ ଲକ୍ଷରୁ ଅଧିକ ମୂଲ୍ୟ ଟଙ୍କା ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ରହିଥିଲା। ଏହି ଜଟିଳ ସ୍ଲାବ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ସମସ୍ତ ଆପାର୍ଟମେଣ୍ଟ ୟୁନିଟ୍ ହସ୍ତାନ୍ତର ପାଇଁ ୫% ଏକକ ହାର ଧାର୍ଯ୍ୟ କରାଯାଇଛି। ବ୍ୟକ୍ତିଗତ ଫ୍ଲାଟ୍ ପଞ୍ଜୀକରଣ ସମୟରେ କମନ୍ ଏରିଆର ଆନୁପାତିକ ଅଂଶକୁ ମିଶାଇ ଏହି ୫% ଷ୍ଟାମ୍ପ ଡ୍ୟୁଟି ଗଣନା କରାଯିବ। ଆର୍ଥିକ ଭାବେ ଦୁର୍ବଳ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସୁଲଭ ଆବାସ ଯୋଜନା ଅଧୀନରେ ଘର କିଣୁଥିବା ହିତାଧିକାରୀଙ୍କୁ ସରକାର ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଏହି ବର୍ଗର ଲୋକଙ୍କ ପାଇଁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଫିରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଇଛି। ଯାହାଦ୍ୱାରା ନିମ୍ନ ଆୟବର୍ଗର ଲୋକମାନେ ସହଜରେ ନିଜସ୍ୱ ଘରର ସ୍ୱପ୍ନ ପୂରଣ କରିପାରିବେ। ଏହି ସଂଶୋଧନ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଏହି ବିଲ୍ ପାରିତ ହେବା ଦ୍ୱାରା ଆପାର୍ଟମେଣ୍ଟ କ୍ରେତାମାନଙ୍କ ସ୍ୱାର୍ଥ ସୁରକ୍ଷିତ ହେବା ସହ ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସରଳ ଓ ସୁଗମ ହେବା ସହ ଅନାବଶ୍ୟକ ଆର୍ଥିକ ଭାର କମିବ।


କମିବ ଆର୍ଥିକ ଭାର

## ୩୦ ଗେଟ୍ ଖୋଲିଲା ହୀରାକୁଦ



ସମ୍ବଲପୁର,୨୮।୯ (ସଂଚାର ବ୍ୟୁରୋ) : ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହଠାତ୍ ୬ ଲକ୍ଷ ଘନଫୁଟ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିବା ପରେ ସୋମବାର ପୁଣି ୨ଟି ସ୍ଲୁଇସ୍ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ବାମ ପାର୍ଶ୍ୱର ୨୦ ଓ ଦକ୍ଷିଣ ପାର୍ଶ୍ୱର ୧୦ ମିଶି ଚଳିତ ଋତୁର ସର୍ବାଧିକ ୩୦ ସ୍ଲୁଇସ୍ ଗେଟ୍ ଖୋଲାଯାଇ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ଆଦୌ ବର୍ଷା ରେକର୍ଡ ହୋଇ ନ ଥିବାବେଳେ ଜଳମୁଣ୍ଡରେ ୦.୨୭ ମିମି ବର୍ଷା ରେକର୍ଡ ହୋଇଛି। ମାତ୍ର ପୂର୍ବରୁ ଛତିଶଗଡ଼ ରାଜ୍ୟରେ ହୋଇଥିବା ବର୍ଷା ଯୋଗୁ ବିଭିନ୍ନ ଜଳଭଣ୍ଡାରରେ ଗଚ୍ଛିତ ମାତ୍ରାଧିକ ଜଳକୁ ନିଷ୍କାସନ କରାଯାଉଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଏକକାଳୀନ ପ୍ରତି ସେକେଣ୍ଡରେ ଜଳ ପ୍ରବେଶ ପରିମାଣ ୬ ଲକ୍ଷ ଟପିଥିଲା। ମାତ୍ର ଏହା ସନ୍ଧ୍ୟା ସୁଦ୍ଧା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ହୀରାକୁଦ ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ସେକେଣ୍ଡ ପ୍ରତି ୬ ଲକ୍ଷ ୩୦ ହଜାର ୬୦୫ ଘନଫୁଟ୍‌ରେ ପହଞ୍ଚିଥିଲା। ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୨୧ ଫୁଟ୍ ଟପିଥିଲା। ତେବେ ହୀରାକୁଦ ବନ୍ଧ ନିୟନ୍ତ୍ରଣ କକ୍ଷ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୋମବାର ସନ୍ଧ୍ୟା ୬ ଟା ୩୦ରେ ପ୍ରାପ୍ତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ୬୨୧.୬୯ ଫୁଟ୍‌ରେ ପହଞ୍ଚିଛି।

## ନୂଆପଡ଼ାରେ ପୁଣି ବାଘ ଆତଙ୍କ



ନୂଆପଡ଼ା,୨୮।୯ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲାରେ କିଛି ଦିନର ବ୍ୟବଧାନ ପରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ରବିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଜଣେ ଯୁବକ କାର୍ ଯୋଗେ ସାରାବଙ୍ଗ ଗାଁରୁ ପତୋରା ଅଭିମୁଖେ ଯାଉଥିବାବେଳେ ଖୁଡମନ ଭେରା ଗାଁ ନିକଟରେ ଏକ କଲରାପତରିଆ ବାଘ ରାସ୍ତା ପାର ହେଉଥିବା ଦେଖିଥିଲେ। ଯୁବକ ଜଣକ ଗାଡ଼ି ଅଟକାଇ ମୋବାଇଲ୍ ଫୋନ୍‌ରେ ବାଘର ଭିଡିଓ ଉତ୍ତୋଳନ କରିବା ସହ ଘଟଣା ସମ୍ପର୍କରେ ନୂଆପଡ଼ା ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ଅନୁଧ୍ୟାନ କରିବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ସଚେତନ କରୁଛନ୍ତି। ଖୁଡମନ ଭେରା ଗାଁ ଅଞ୍ଚଳରେ ବାଘ ବୁଲୁଥିବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ମୁତୟନ ରହିବା ସହ ଜଙ୍ଗଲ ଓ ପାହାଡ଼ ତଳି ଗାଁଗୁଡ଼ିକୁ ଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି।

## ବାଣୀବିହାର ଓଭରବ୍ରିଜ୍‌ରେ ବିରାଟ ଅଜଗର

● ଉଦ୍ଧାର କଲେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ବାଣୀବିହାର ଓଭରବ୍ରିଜ୍ ଉପରେ ଦେଖିବାକୁ ମିଳିଛି ଏକ ବିରାଟ ଅଜଗର ସାପ। ହଠାତ୍ ରାସ୍ତା ଉପରେ ସାପକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି।



ଚୋରାଚାଲାଣ ବେଳେ କୌଣସି ଗାଡ଼ିରୁ ଏହା ଖସିପଡ଼ିଥିବାର ସନ୍ଦେହ କରାଯାଉଛି। ରସୁଲଗଡ଼ରୁ ବାଣୀବିହାର ଓଭରବ୍ରିଜ୍ ରାସ୍ତାରେ ଅଜଗରଟି ଯାଉଥିବା ଦେଖି ସ୍ଥାନୀୟ ଲୋକେ ସ୍ନେକ୍ ହେଲ୍ପଲାଇନକୁ ସୂଚନା ଦେଇଥିଲେ। ଖବର ପାଇ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ଆଶିଷ ବେହେରା ଘଟଣାସ୍ଥଳରେ ପହଞ୍ଚି ଅଜଗରଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସହରର ବ୍ୟସ୍ତବହୁଳ ଓଭରବ୍ରିଜ୍ ଉପରେ ଅଜଗର ମିଳିବା ପରେ ବଡ଼ ପ୍ରଶ୍ନ ଉଠିଛି ଯେ ସାପଟି କିପରି ସେଠାକୁ ଆସିଲା ? ନା ଏହା ଚୋରାଚାଲାଣ ବେଳେ କୌଣସି ଗାଡ଼ିରୁ ଖସିପଡ଼ିଥିଲା ? ଏହାକୁ ନେଇ ଚର୍ଚ୍ଚା ବଢ଼ିଛି।

## ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ ଓ ପ୍ରେମ ନିବେଦନ ଅଭିଯୋଗରେ ଶିକ୍ଷକ ଅଟକ



କଣ୍ଟାବାଞ୍ଜି,୨୮।୯(ସଂଚାର ବ୍ୟୁରୋ): ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ ଓ ପ୍ରେମ ନିବେଦନ ଅଭିଯୋଗରେ ଜଣେ ଶିକ୍ଷକ ଅଟକ ରହିଛନ୍ତି। ବଲାଙ୍ଗୀର ସିନ୍ଧେକେଲା ଥାନା ଅନ୍ତର୍ଗତ ଲିମପଡ଼ା ହାଇସ୍କୁଲରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଘଟଣା। ଅଭିଯୋଗ ଅନୁସାରେ, ହାଇସ୍କୁଲର ଜଣେ ଶିକ୍ଷକ ଜନୈକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ସହ ତାଙ୍କୁ ଅଶ୍ଳୀଳ ମେସେଜ୍ ପଠାଇଥିଲେ। ଏନେଇ ଛାତ୍ରୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ ଶିକ୍ଷକଙ୍କୁ ଅଟକ ରଖିଛି। ମେସେଜ୍ ଓ ଅନ୍ୟାନ୍ୟ ତଥ୍ୟର ଯାଞ୍ଚ ଚାଲିଥିବା ବେଳେ ତଦନ୍ତ ସରିବା ପରେ ଘଟଣାର ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ପୁଲିସ୍ କହିଛି। ତେବେ ସ୍କୁଲ ଭଳି ଏକ ପବିତ୍ର ସ୍ଥାନରେ ଗୁରୁଙ୍କୁ ଭଗବାନଙ୍କ ସ୍ଥାନରେ ରଖାଯାଇଥିଲେ ହେଁ ଏହି ପ୍ରସଙ୍ଗରେ ଗୁରୁ-ଶିଷ୍ୟା ପରମ୍ପରା କଳଙ୍କିତ ହୋଇଛି।

## ଜଗତସିଂହପୁରରୁ ଉଦ୍ଧାର ହେଲେ ଭୁବନେଶ୍ୱରରୁ ନିଖୋଜ ୩ ନାବାଳକ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରରୁ ନିଖୋଜ ହୋଇଥିବା ୩ ଜଣ ନାବାଳକ ଆଜି ଜଗତସିଂହପୁରରୁ ଉଦ୍ଧାର ହୋଇଛନ୍ତି। ସମସ୍ତଙ୍କୁ ଜଗତସିଂହପୁରରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ସେଠାକାର ପୁଲିସ୍। ଟ୍ୟୁସନ ଯିବାକୁ କହି ଏହି ନାବାଳକମାନେ ଘରୁ ବାହାରିଯିବା ପରେ ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ସେମାନଙ୍କୁ ଶେଷରେ ଠାବ କରାଯାଇପାରିଛି। ଜଗତସିଂହପୁରରେ ଜଣେ ସମ୍ପର୍କୀୟଙ୍କ ଘରୁ ଉକ୍ତ ୩ ଜଣଯାକ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସିସିଟିଭି ଫୁଟେଜ୍ ଓ ପୁଲିସର ତଦନ୍ତରୁ ସେମାନଙ୍କ ସମ୍ପର୍କରେ ସୁରାକ ମିଳିଥିଲା। ଚନ୍ଦ୍ରଶେଖରପୁର ଥାନାଞ୍ଚଳର ସୀତାନାଥ ଓ ଆଦର୍ଶ ବସ୍ତିର ଏହି ୩ ନାବାଳକ ଟ୍ୟୁସନ ଯିବା ପାଇଁ ଘରୁ ବାହାରିଥିଲେ। ହେଲେ ଟ୍ୟୁସନ ପରେ ସେମାନେ ଘରକୁ ଫେରି ନ ଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ନବମ ଶ୍ରେଣୀର ଛାତ୍ର ଥିବା ବେଳେ ଅନ୍ୟ ଜଣେ ସପ୍ତମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି। ରାସ୍ତାରେ ଲାଗିଥିବା ଏକାଧିକ ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରିବା ପରେ ଉକ୍ତ ୩ ନାବାଳକ ଜଗତସିଂହପୁର ଅଭିମୁଖେ ଯାଇଥିବା ନେଇ ପୁଲିସ୍ ସୁରାକ ପାଇଥିଲା। ଏହାପରେ କମିଶନରେଟ୍ ପୁଲିସର ଏକ ଟିମ୍ ଜଗତସିଂହପୁର ଯାଇ ସେଠାରେ ଖୋଜାଖୋଜି କରିଥିଲା। ଶେଷରେ ଜଣେ ସମ୍ପର୍କୀୟଙ୍କ ଘରେ ତିନି ନାବାଳକଙ୍କୁ ଠାବ କରାଯାଇଥିଲା। ତେବେ କେଉଁ କାରଣ ପାଇଁ ତିନି ଛାତ୍ର ଜଗତସିଂହପୁର ଚାଲିଯାଇଥିଲେ, ସେନେଇ କିଛି ଜଣାପଡ଼ିନାହିଁ। ସେମାନଙ୍କ ସହ କଥା ହୋଇ ଏହା ଜାଣିବା ସକାଶେ ପୁଲିସ୍ ଉଦ୍ୟମ କରୁଛି।

## 'କେତେ ଆଗେଇଛି ଓଡ଼ିଶା' ଆଲୋଚନାଚକ୍ର




ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ): ଓଡ଼ିଶା କିଛି ଆଗେଇଛି, ଅନେକ ବାଟ ଯିବାକୁ ଅଛି। କିଛି ହୋଇନି ବୋଲି ନୁହେଁ, ହେଲେ ଯେତିକି ଅଗ୍ରଗତି ହୋଇଛି ତାହା ସନ୍ତୋଷଜନକ ନୁହେଁ। ୨୦୩୬ରେ ଆମେ ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରୁଥିବାବେଳେ ସବୁସ୍ତରରେ ଓଡ଼ିଶାକୁ ଆଗକୁ ନେବା ପାଇଁ ଉଦ୍ୟମ କରିବା ଦରକାର। ନିଜ କଥା ଛାଡ଼ି, ରାଜ୍ୟର ବିକାଶ ପାଇଁ ଆମେ ମାନସିକସ୍ତରରେ ପ୍ରସ୍ତୁତ ହେଲେ ହିଁ ଓଡ଼ିଶା ଆହୁରି ଆଗେଇପାରିବ। ବିକାଶକୁ ନେଇ ତୁଚ୍ଛା ରାଜନୀତି ନକରି ରାଜନେତା, ସାଧାରଣ ଜନତା, ବୁଦ୍ଧିଜୀବୀ ଏକାଠି ଓଡ଼ିଶା କଥା ଚିନ୍ତା କରିବା ଦରକାର। ସାପ୍ତାହିକୀ ଖବରକାଗଜ 'ଗର୍ବିତ ଓଡ଼ିଆ' ପକ୍ଷରୁ ଆୟୋଜିତ 'କେତେ ଆଗେଇଛି ଓଡ଼ିଶା' ଆଲୋଚନା ଚକ୍ରରେ ଅତିଥିମାନେ ଏହା କହିଛନ୍ତି।

ସମ୍ପାଦକ ବଳରାମ ରଣସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଧାୟକ ସର୍ବଶ୍ରୀ ଅରୁଣ ସାହୁ, ଅରବିନ୍ଦ ମହାପାତ୍ର, ତାରା ପ୍ରସାଦ ବାହିନୀପତି, ଟଙ୍କଧର ତ୍ରିପାଠୀ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସ, ବରିଷ୍ଠ ସାମ୍ବାଦିକ ଭବାନୀ ପ୍ରସାଦ ଦାସ, ଇଣ୍ଡିଆନ୍ ମିଡ଼ିଆ କଂଗ୍ରେସର ଓଡ଼ିଶା ରାଜ୍ୟ ଶାଖା ସଭାପତି ରାମଚଣ୍ଡୀ ପ୍ରସାଦ ରଣସିଂହ, କ୍ରାନ୍ତିସେନାର ଆବାହକ ପାର୍ଥସାରଥି ମୁଦୁଲି, ବରିଷ୍ଠ ସାମ୍ବାଦିକ ରଜନୀ ସାମନ୍ତରାୟ, ରମେଶ ମହାନ୍ତି, ରଙ୍ଗାଚରଣ ପ୍ରଧାନ, ପ୍ରତିଷ୍ଠିତ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନାରେ ସାମିଲ୍ ହୋଇଥିଲେ।

ସେହିପରି ସମ୍ବାଦର ବରିଷ୍ଠ ସହ ସମ୍ପାଦକ ପ୍ରଦ୍ୟୁମ୍ନ ରାଉତ, ସକାଳର ସହ ସମ୍ପାଦକ ହେମନ୍ତ କୁମାର ମଲ୍ଲିକ, ପ୍ରମେୟର ବରିଷ୍ଠ ସହ ସମ୍ପାଦକ ସନ୍ତୋଷ ସାହୁ, ପ୍ରଗତିବାଦୀ ଇଂରାଜୀ ୱେବପୋର୍ଟାଲର ବରିଷ୍ଠ ସହ ସମ୍ପାଦକ ଯଯାତି କେଶରୀ ରାଉତ, ଲୋକନକଲି କଥା ଅସଲି ଟିମ୍‌ର ଲୋକପ୍ରିୟ କଳାକାର ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର ପ୍ରଧାନ, ବରିଷ୍ଠ ସାମ୍ବାଦିକ ସ୍ମୃତିରଞ୍ଜନ ବେହେରା, କନକର ପ୍ରୋଗ୍ରାମ ପ୍ରଡ୍ୟୁସର ଅମୀୟ ରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଇଣ୍ଡିଆନ୍ ମିଡ଼ିଆ କଂଗ୍ରେସ ଓ ଗର୍ବିତ ଓଡ଼ିଆର ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ ଓ ସହଯୋଗୀ

ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ): ୩୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସହକାରୀ ଯନ୍ତ୍ରୀ ଓ ସହଯୋଗୀ ଧରାପଡ଼ିଛନ୍ତି। ବକେୟା ବିଲ୍ ପାସ୍ କରିବା ଓ ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ କରିବା ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶ। ତାଙ୍କ ସହ ଜଣେ ବ୍ୟକ୍ତିଗତ ସହଯୋଗୀ ସୋମନାଥ ସେଠୀଙ୍କୁ ମଧ୍ୟ ଓଡ଼ିଶା ଭିଜିଲାନ୍ସ ଧରିଛି।


● ୩୫ ହଜାର ଲାଞ୍ଚ ନେଇ ଧରାପଡ଼ିଲେ

ଭିଜିଲାନ୍ସର ସୂଚନାନୁସାରେ, ବଡ଼ଚଣା ବ୍ଲକ ଅଞ୍ଚଳରେ ଏକ ସ୍କୁଲର ନିର୍ମାଣ କାମ ସମ୍ପୂର୍ଣ୍ଣ କରିଥିବା ଜଣେ ଠିକା କାର୍ଯ୍ୟ ନିର୍ବାହକ ତାଙ୍କ ବକେୟା ବିଲ୍ ଓ ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ ପାଇଁ ଆବେଦନ କରିଥିଲେ। ଏହି ଟଙ୍କା ଛାଡ଼ କରିବା ପାଇଁ ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ହଇରାଣ ହେବା ପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ସୋମବାର ଅଭିଯୋଗକାରୀଙ୍କଠାରୁ ୩୫ ହଜାର ଟଙ୍କା ନେଉଥିବା ବେଳେ ବନ୍ଦିତା ଦାଶ ଓ ସୋମନାଥ ସେଠୀଙ୍କୁ ଭିଜିଲାନ୍ସ ଧରିଥିବା ସୂଚନା ଦେଇଛି। ସେମାନଙ୍କଠାରୁ ସମ୍ପୂର୍ଣ୍ଣ ୩୫ ହଜାର ଟଙ୍କା ଜବତ କରାଯାଇଛି। ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଦିଗକୁ ନେଇ ବନ୍ଦିତା ଦାଶଙ୍କ ସହ ସମ୍ପୃକ୍ତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଓ ଯାଞ୍ଚ ଚାଲିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୩୮/୨୬ରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁସାରେ ମାମଲା ରୁଜୁ ହୋଇଛି। ଉଭୟଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

## ନାବାଳକଙ୍କୁ ଥାନାରେ ନିସ୍ତୁକ ମାଡ଼

### ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ରାସ୍ତାରୋକ

କେନ୍ଦ୍ରାପଡ଼ା,୨୮।୯(ସଂଚାର ବ୍ୟୁରୋ): ଚୋରି ଅଭିଯୋଗକୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ସହରର କଜଳା ବସ୍ତିରେ ରବିବାର ଉତ୍ତେଜନା ଦେଖାଦେଇଛି। ସଦର ଥାନା ପୁଲିସ ଜଣେ ନାବାଳକଙ୍କୁ ଥାନାରେ ନିସ୍ତୁକ ମାଡ଼ ମାରିଥିବା ଓ ଅନ୍ୟ ଜଣେ ନାବାଳକଙ୍କ ସମେତ ମୋଟ ୫ ଜଣଙ୍କୁ ଅଟକ ରଖିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବସ୍ତିବାସିନ୍ଦାମାନେ ଟାୟାର ଜାଳି ରାସ୍ତାରୋକ କରିବା ସହ ପୁଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଚୋରି ଘଟଣାରେ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତତା ପ୍ରମାଣିତ ହୋଇ ନ ଥିବା ବେଳେ ପୁଲିସ



କେତେକ ଯୁବକଙ୍କୁ ଉଠାଇ ନେଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ମାଡ଼ ମାରାଯାଇ ଗୁରୁତର ଆହତ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କେତେକଙ୍କୁ ଥାନାରେ ଅଟକ ରଖାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବସ୍ତିବାସିନ୍ଦାମାନେ କହିଛନ୍ତି ଯେ କୌଣସି ବ୍ୟକ୍ତି ଅପରାଧରେ ସମ୍ପୃକ୍ତ ଥିଲେ ତାଙ୍କୁ ଆଇନ ଅନୁଯାୟୀ ଗିରଫ କରାଯାଇ ଅଦାଲତରେ ହାଜର କରାଯିବା ଉଚିତ। ଅଭିଯୁକ୍ତଙ୍କ ଦୋଷ ନିର୍ଣ୍ଣୟ ଓ ଦଣ୍ଡ ପ୍ରଦାନ କରିବା ଅଦାଲତର କାର୍ଯ୍ୟ, ଥାନାର ନୁହେଁ। ପୁଲିସ ଯଦି ନିଜେ ଦଣ୍ଡ ପ୍ରଦାନ କରେ, ତେବେ ତାହା ଆଇନ ଓ ସମ୍ବିଧାନର ମୂଳ ଆଦର୍ଶ ବିରୋଧୀ ବୋଲି ସେମାନେ ମତ ଦେଇଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରେ ସେ ନାବାଳକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବାନୁଯାୟୀ, କଜଳା ବସ୍ତି ଅଞ୍ଚଳରେ ଦୀର୍ଘଦିନ ଧରି ଚୋରି ଘଟଣା ବୃଦ୍ଧି ପାଉଥିବାରୁ ପୁଲିସ ପକ୍ଷରୁ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି। ଏକ ଚୋରି ଚକ୍ରର ମୁଖ୍ୟ ସଦସ୍ୟଙ୍କୁ ଧରିବା ଉଦ୍ଦେଶ୍ୟରେ କେତେକ ସନ୍ଦିଗ୍ଧଙ୍କୁ ଥାନାକୁ ଅଣାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଚୋରି ଘଟଣା ବୃଦ୍ଧିକୁ ଦୃଷ୍ଟିରେ ରଖି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଶ୍ରୀମତୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୁଲିସ ପକ୍ଷରୁ କୌଣସି ବେଆଇନ କିମ୍ବା ଆଇନ ଉଲ୍ଲଙ୍ଘନକାରୀ କାର୍ଯ୍ୟ କରାଯାଇନାହିଁ। ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜାରି ରହିଥିବା ବେଳେ ପୁଲିସ ଓ ବସ୍ତିବାସିନ୍ଦାଙ୍କ ବୟାନରେ ସ୍ପଷ୍ଟ ପାର୍ଥକ୍ୟ ଦେଖାଦେଇଛି। ଘଟଣାର ପ୍ରକୃତ ସତ୍ୟାସତ୍ୟ ନେଇ ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି।

## ଚାନ୍ଦା ଆଦାୟ ମାମଲାରେ ୨ ଗିରଫ



ବାଲିଆପାଳ,୨୮।୯(ସଂଚାର ବ୍ୟୁରୋ): ଚାନ୍ଦା ଆଦାୟ ମାମଲାରେ ୨ ଜଣ ଗିରଫ ହେବା ସହ କୋର୍ଟ ଚାଲାଣ ହୋଇଛନ୍ତି। ଜଳେଶ୍ୱର ଥାନା ପକ୍ଷରୁ ଚାନ୍ଦା ଆଦାୟ ଅଭିଯୋଗରେ ଏପରି ପଦକ୍ଷେପ ନିଆଯାଇଛି। ଏନେଇ ଜଳେଶ୍ୱର ଥାନାରେ ୫୭୫/୨୦୨୬ରେ ବିଏନ୍‌ଏସ୍ ଧାରା ୩୦୮(୨)/୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଅନ୍ତର୍ଗତ ଗୋବରଘାଟା ଗ୍ରାମର ଶରତ କୁମାର ସୋରେନଙ୍କ ପୁଅ ବାବୁ ଓରଫ ବିଜୟ କୁମାର ସୋରେନ (୨୮) ଓ ପଶ୍ଚିମ ମେଦିନୀପୁର ଜିଲ୍ଲା ଦାନ୍ତୁନ ଥାନା ଅନ୍ତର୍ଗତ ମାଲପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ଘୋଷଙ୍କ ପୁଅ ଦେବୁ ଘୋଷ (୩୫)। ପୁଲିସ ମାମଲାର ତଦନ୍ତ ସମୟରେ ଏକ ମାରୁନ୍ ରଙ୍ଗର ହୋଣ୍ଡା ସାଇନ୍ ମୋଟର ସାଇକେଲ, ଯାହାର ନମ୍ବର ଡବ୍ଲ୍ୟୁବି-୩୫-ଏଫ୍-୨୫୨୦ ଜବତ କରିଛି। ଏଥିସହ ନଗଦ ୧,୨୦୦ ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଛି। ଜବତ ମୋବାଇଲ ମଧ୍ୟରେ ଗୋଟିଏ ଧଳା/ଆକାଶୀ ରଙ୍ଗର ଓପୋ ଏ୩ ଓ ଅନ୍ୟଟି ନୀଳ ରଙ୍ଗର ନଥିଙ୍ଗ୍ ଫୋନ୍ ରହିଛି। ଏହି ମାମଲାରେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲା ଦାନ୍ତୁନ ଥାନା ଅନ୍ତର୍ଗତ ଧୁମସାହି ଗ୍ରାମର ମୁସା ନାମକ ଅନ୍ୟ ଜଣେ ଅଭିଯୁକ୍ତ ଏଯାବତ୍ ଫେରାର ରହିଛି। ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ ଲଗାତାର ଦୁଇ ଦିନରେ ଚାନ୍ଦା ଆଦାୟ ସମ୍ପର୍କିତ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ଏହି ଦୁଇଟି ମାମଲାରେ ମୋଟ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଏଡିଓ ସୁଧୀର ମୃତ୍ୟୁ ମାମଲା

## ପୁରୁଷ ବନ୍ଧୁ ସହ ମିଶି ମାରିଥିଲା ପତ୍ନୀ



ଅନୁଗୋଳ,୨୮।୯(ସଂଚାର ବ୍ୟୁରୋ): ପରକୀୟା ପ୍ରୀତିର କରୁଣ ପରିଣତି। ପୁରୁଷ ବନ୍ଧୁ ସହ ମିଶି ସ୍ୱାମୀକୁ ଅତି ନିର୍ମମ ଭାବେ ହତ୍ୟା କରିଛି ସ୍ତ୍ରୀ। ବିବାହକୁ ୧୨ ବର୍ଷ ହୋଇଥିବା ବେଳେ ଘରେ ଦୁଇ ଦୁଇଟା ଛୁଆ। କିନ୍ତୁ ଏହାସତ୍ତ୍ୱେ ବି ପୁରୁଷ ବନ୍ଧୁର ପ୍ରେମ ଏମିତି ବାୟା କଲା ଯେ ନିଜ ସ୍ୱାମୀକୁ ମାରିବା ସକାଶେ ପଛଘୁଞ୍ଚା ଦେଲାନାହିଁ ସ୍ତ୍ରୀ। ଠେଙ୍ଗାରେ ପିଟି ହତ୍ୟା କରିବା ପରେ ଏଡିଓ ସୁଧୀରଙ୍କୁ ଛାତରୁ ତଳକୁ ଫିଙ୍ଗି ଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ ସ୍ତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ। ତାଳଚେର ପଞ୍ଚାୟତ ସମିତିର ଏଡିଓ ସୁଧୀର ବାରିକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାହୁଲ୍ ଜୈନ୍ ଏହି ସୂଚନା ଦେଇଛନ୍ତି। ପୁଲିସ ମୃତକଙ୍କ ପତ୍ନୀ ପୂଜା ଓରଫ ସୁସ୍ମିତା ବାରିକ ଓ ତାଙ୍କ ପୁରୁଷ ବନ୍ଧୁ ଜିପୁନ ଓରଫ ସିଦ୍ଧାନ୍ତ ମାଝୀଙ୍କୁ ଗିରଫ କରିଛି।

ପୁଲିସ ସୂଚନାନୁସାରେ, ଗତ ୨୪ ତାରିଖରେ ଡେରାସ୍ଥିତ ଏକ ଭଡ଼ା ଘର ତଳୁ ସନ୍ଦେହଜନକ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତଦେହ ମିଳିଥିଲା। ପ୍ରାଥମିକ ଭାବେ ଛାତରୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିଲା। ତେବେ ତଦନ୍ତ ସମୟରେ ଘରେ ଲାଗିଥିବା ସିସିଟିଭିର ତାର କଟାଯାଇଥିବା ଜଣାପଡ଼ିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସର ଧାରଣା ଜନ୍ମିଥିଲା। ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, ସୁସ୍ମିତା ଓ ସିଦ୍ଧାନ୍ତଙ୍କ ମଧ୍ୟରେ ସମ୍ପର୍କ ଥିବା ଓ ସୁରେନ୍ଦ୍ର ଏହି ସମ୍ପର୍କରେ ବାଧକ ହୋଇଥିବାରୁ ତାଙ୍କୁ ହତ୍ୟା କରିବା ସକାଶେ ଯୋଜନା ହୋଇଥିବା ଅଭିଯୋଗ ହୋଇଛି। ତଦନ୍ତରୁ ମିଳିଥିବା ତଥ୍ୟ ଆଧାରରେ ଏହା ପୂର୍ବ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ କହିଛି।

ଏସପି ଶ୍ରୀ ଜୈନ୍ ଘଟଣା ସମ୍ପର୍କରେ କହିଛନ୍ତି ଯେ ପ୍ରଥମେ ଘରର ସିସିଟିଭିକୁ ତାର କାଟି ଅଚଳ କରି ଦିଆଯାଇଥିଲା। ପୂର୍ବରୁ ସିଦ୍ଧାନ୍ତ ଘର ଭିତରେ ଲୁଚି ରହିଥିଲେ। ବିଳମ୍ବିତ ରାତିରେ ସୁସ୍ମିତା ସ୍ୱାମୀ ସୁରେନ୍ଦ୍ରଙ୍କୁ ବାହାନା କରି ଛାତ ଉପରକୁ ନେଇଥିଲା। ପରେ ସେଠାରେ ସେ ତାଙ୍କୁ ବାଉଁଶ ବାଡ଼ିରେ ପିଟି ପିଟି ରକ୍ତାକ୍ତ କରିବା ସହ ତଳକୁ ଫିଙ୍ଗିଦେଇଥିଲା। ଏକ ହତ୍ୟାକାଣ୍ଡକୁ ଦୁର୍ଘଟଣା କିମ୍ବା ଆତ୍ମହତ୍ୟାର ରୂପ ଦେବା ସକାଶେ ଉଦ୍ୟମ ହୋଇଥିବା ପୁଲିସ କହିଛି। ତଦନ୍ତ ସମୟରେ ସିଦ୍ଧାନ୍ତଙ୍କ ନିକଟରୁ ଏକ ବାଉଁଶ ବାଡ଼ି, ସିସିଟିଭି ତାର କାଟିବା ପାଇଁ ବ୍ୟବହୃତ ଛୁରି, ଲୁହା ରଡ୍, ପୋଷାକ, ମୋବାଇଲ ଫୋନ ଓ ଏକ ମୋଟର ସାଇକେଲ ଜବତ ହୋଇଛି। ସେହିପରି ସୁସ୍ମିତାଙ୍କ ନିକଟରୁ ପୋଷାକ ଓ ଡିଜିଟାଲ ଫରେନସିକ୍ ପରୀକ୍ଷା ପାଇଁ

ସୁନାମି ପ୍ରସ୍ତୁତିରେ ଓଡ଼ିଶାର ଐତିହାସିକ ସଫଳତା

# ୧୦୦ ଉପକୂଳବର୍ତ୍ତୀ ଗ୍ରାମ 'ସୁନାମି ରେଡି'

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ସମୁଦାୟ-ଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରି ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୟୁନେସ୍କୋ-ଆଇଓସି 'ସୁନାମି ରେଡି ରିକଗ୍ନିସନ୍ ପ୍ରୋଗ୍ରାମ୍' ଅଧୀନରେ ରାଜ୍ୟର ୧୦୦ଟି ଉପକୂଳବର୍ତ୍ତୀ ଗ୍ରାମକୁ ସୁନାମି ରେଡି ଭାବେ ଘୋଷଣା କରାଯାଇଛି।



୨୦୨୪ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସମସ୍ତ ସୁନାମି ପ୍ରବଣ ଉପକୂଳବର୍ତ୍ତୀ ଗ୍ରାମକୁ 'ସୁନାମି ରେଡି' କରିବା ନେଇ ଭିଜନ ରଖିଥିଲେ। ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ଏହି ଦିଗରେ ଓଏସ୍‌ଡିଏମ୍‌ଏ ପକ୍ଷରୁ ୟୁନେସ୍କୋ-ଆଇଓସି 'ସୁନାମି ରେଡି ରିକଗ୍ନିସନ୍ ପ୍ରୋଗ୍ରାମ୍'କୁ ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଲାଗୁ କରାଯାଇଛି। ୨୦୨୬ରେ ଆଉ ୭୫ଟି ଗ୍ରାମକୁ ସୁନାମି ରେଡି ଭାବେ ସ୍ୱୀକୃତି ମିଳିବା ସହ ଏହି ସଂଖ୍ୟା ୧୦୦ରେ ପହଞ୍ଚିଛି। ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାର ୩୮୧ଟି ସୁନାମି ପ୍ରବଣ ଉପକୂଳବର୍ତ୍ତୀ ଗ୍ରାମ ଓ ଜନବସତିକୁ ପର୍ଯ୍ୟାୟକ୍ରମେ ସୁନାମି ପ୍ରସ୍ତୁତ କରିବାର ବୃହତ୍ ଲକ୍ଷ୍ୟ ଦିଗରେ ଏହା ଏକ ଉଲ୍ଲେଖନୀୟ ଅଗ୍ରଗତି। ଏହି ସଫଳତା ବୈଜ୍ଞାନିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରତି ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୨୬ ଓ ୨୭ ସେପ୍ଟେମ୍ବରରେ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକର କ୍ଷେତ୍ର ଯାଞ୍ଚ ପରେ ଜାତୀୟ ସୁନାମି ରେଡି ବୋର୍ଡର ସଦସ୍ୟମାନେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରି ନିଜର କ୍ଷେତ୍ର ଅବଲୋକନ ଓ ନିଷ୍କର୍ଷ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ବୋର୍ଡର ପ୍ରୟାସ ଓ ଉପକୂଳବର୍ତ୍ତୀ ସମୁଦାୟର ପ୍ରସ୍ତୁତିକୁ ପ୍ରଶଂସା କରିବା ସହ ନିଜର ମୂଲ୍ୟବାନ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ତାଙ୍କର ପ୍ରେରଣାଦାୟୀ ମତାମତ ଓ ପ୍ରଶଂସା ସୁନାମି ବିପର୍ଯ୍ୟୟ ପ୍ରତି ଓଡ଼ିଶାର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଦିଗରେ ବୋର୍ଡ ସଦସ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା। ଏହି ଆଲୋଚନା କ୍ଷେତ୍ରସ୍ତରୀୟ ଅଭିଜ୍ଞତା ବିନିମୟ ସହ ରାଜ୍ୟର ସମଗ୍ର ଉପକୂଳକୁ ସୁନାମି ପ୍ରସ୍ତୁତ କରିବା ଲକ୍ଷ୍ୟ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

ଭୁବନେଶ୍ୱରର କନଭେନସନ୍ ସେଣ୍ଟରରେ ଆଜି ଜାତୀୟ ସୁନାମି ରେଡି ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଏନ୍‌କଏସ୍‌ର ନିର୍ଦ୍ଦେଶକ ଡ. ବାଲକୃଷ୍ଣନ ନାୟାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ବୋର୍ଡ ପକ୍ଷରୁ କରାଯାଇଥିବା କ୍ଷେତ୍ର ଯାଞ୍ଚର ସମୀକ୍ଷା କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

### ସେୟାର ବଜାରରେ ହାହାକାର

# ଦିନକରେ ବୁଡ଼ିଗଲା ନିବେଶକଙ୍କ ୯ ଲକ୍ଷ କୋଟି

ନୂଆଦିଲ୍ଲୀ,୨୮।୯ଃ ଭାରତୀୟ ସେୟାର ବଜାରରେ ବଡ଼ଧରଣର ବିପର୍ଯ୍ୟୟ। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଅର୍ଥାତ ସୋମବାର ବଜାର ଖୋଲୁଖୋଲୁ ନିବେଶକଙ୍କୁ ଲାଗିଛି ବଡ଼ ଝଟକା। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଯୁଦ୍ଧ ପରିସ୍ଥିତି ଏବଂ ବିଶ୍ୱ ବଜାରରୁ ମିଳିଥିବା ଖରାପ ସଂକେତ ଯୋଗୁ ଘରୋଇ ସେୟାର ବଜାର ଧରାଶାୟୀ ହୋଇଛି। ସୋମବାର କାରବାର ଶେଷ ସୁଦ୍ଧା, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ (BSE Sensex) ୧,୧୨୪ ପଏଣ୍ଟ (୧.୫୨%) ହ୍ରାସ ପାଇ ୭୨,୭୭୨ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍ଟି-୫୦ (Nifty50) ୩୬୦ ପଏଣ୍ଟ (୧.୫୬%) କ୍ରାସ୍ ହୋଇ ୨୨,୬୮୦.୨୫ ପଏଣ୍ଟକୁ ଖସି ଆସିଛି। ବଜାରର ଏହି ବଡ଼ ପତନ ଯୋଗୁ ମାତ୍ର କେଇଟା ଘଣ୍ଟା ମଧ୍ୟରେ ନିବେଶକମାନଙ୍କର ପ୍ରାୟ ୮.୯୨ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ସୋମବାର ମାର୍କେଟ କ୍ରାସ୍ ଯୋଗୁ ସେନସେକ୍ସର ସମସ୍ତ ୩୦ଟି ପ୍ରମୁଖ ସେୟାର ଲାଲ୍ ସଙ୍କେତରେ ବନ୍ଦ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଜାଜ୍ ଫାଇନାନ୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଏଚଡିଏଫସି ବ୍ୟାଙ୍କର ସେୟାର ସବୁଠୁ ଅଧିକ ହ୍ରାସ ପାଇଛି। କେବଳ ବଡ଼ କମ୍ପାନୀ ନୁହେଁ, ବରଂ ମିଡ୍କ୍ୟାପ୍ ଏବଂ ସ୍ମଲ୍କ୍ୟାପ୍




ସେୟାରଗୁଡ଼ିକ ମଧ୍ୟ ୧%ରୁ ଅଧିକ ହ୍ରାସ ହୋଇଛି।

ସୂଚନାଥାଉକି, ମଧ୍ୟପ୍ରାଚ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସାତ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପଟେ ଇରାନ ରାଷ୍ଟ୍ରପତି ମଧ୍ୟ ଆମେରିକା ଓ ଇସ୍ରାଏଲ୍ ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ଭୂ-ରାଜନୈତିକ ସଙ୍କଟ ବିଶ୍ୱ ବଜାରକୁ ଆନ୍ଦୋଳିତ କରିଛି। ସେପଟେ ଯୁଦ୍ଧ ଆଶଙ୍କା ଭିତରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୨% ବୃଦ୍ଧି ଘଟିଛି। ବ୍ୟାରେଲ ମୂଲ୍ୟ ଏବେ ୧୦୭ ଡଲାର ପାଖାପାଖି ପହଞ୍ଚିଯାଇଛି। ଯାହାକି ଭାରତ ଭଳି ଆମଦାନୀକାରୀ ଦେଶ ପାଇଁ ଏକ ବଡ଼ ଚିନ୍ତାର ବିଷୟ। ତୃତୀୟରେ ଆମେରିକାରେ ୧୦ ବର୍ଷିଆ ଟ୍ରେଜେରୀ ବଣ୍ଡ୍ ୟିଲ୍ଡ ବୃଦ୍ଧି ପାଇ ୫.୨% ଅତିକ୍ରମ କରିଛି, ଯାହାକି ୨୦୦୪ ମସିହା ପରଠାରୁ ସର୍ବୋଚ୍ଚ ସ୍ତର। ବଣ୍ଡ୍ ମାର୍କେଟରେ ଅଧିକ ରିଟର୍ଣ୍ଣ ମିଳୁଥିବାରୁ ନିବେଶକମାନେ ସେୟାର ବଜାର ଭଳି ବିପଦପୂର୍ଣ୍ଣଆସେଟରୁପଇସାକାଢ଼ିବଣ୍ଡ୍ରେନିବେଶକରୁଛନ୍ତି।

ସେହିଭଳି ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ପ୍ରାୟ ୧୪ ପଇସା ଦୁର୍ବଳ ହୋଇ ୯୫.୮୯ର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବା ଫଳରେ ବିଦେଶୀ ନିବେଶକମାନେ ଭାରତୀୟ ବଜାର ପ୍ରତି ଆସ୍ଥା ହରାଉଛନ୍ତି। ପଞ୍ଚମରେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତୀୟ ବଜାରରୁ ନିଜର ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। କେବଳ ଚଳିତ ମାସରେ ହିଁ ସେମାନେ ପ୍ରାୟ ୨୫,୬୮୨ କୋଟି ଟଙ୍କାର ସେୟାର ବିକ୍ରି କରିସାରିଲେଣି। ଯାହା ବଜାରକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି।

# ୟୁପିଆଇ ଚାର୍ଜ ଉପରେ ରୋକ୍ ଲଗାଇବାକୁ ମନାକଲେ ଅଦାଲତ

ନୂଆଦିଲ୍ଲୀ,୨୮।୯ଃ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରୁଥିବା ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ବଡ଼ ଖବର। ୟୁପିଆଇ (UPI) କାରବାର ଉପରେ ଚାର୍ଜ ଲଗାଇବାକୁ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ବର୍ତ୍ତମାନ ସୁପ୍ରିମକୋର୍ଟ କୌଣସି ପ୍ରକାର ରୋକ୍ ଲଗାଇବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। ଫଳରେ ଆସନ୍ତା ୧୫ ଅକ୍ଟୋବରରୁ ୨୦୦୦ ଟଙ୍କାରୁ ଅଧିକ ଟଙ୍କାର ମର୍ଚ୍ଚାଣ୍ଟ (ବ୍ୟବସାୟୀ) ପେମେଣ୍ଟ ଉପରେ ୦.୪% ଚାର୍ଜ ଲାଗୁ ହେବ। ତେବେ ଏହି ନୂଆ ନିୟମ ଲାଗୁ କରିବା ପଛର ମୁଖ୍ୟ ଆଧାର କ'ଣ ? ସେନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଆଡଭୋକେଟ୍ ଅଞ୍ଜନ ଦତ୍ତଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଞ୍ଜନ ଦତ୍ତ ପ୍ରଶ୍ନ ଉଠାଇଥିଲେ ଯେ, ସରକାର ଜନସାଧାରଣଙ୍କ ସହ କୌଣସି ଆଲୋଚନା ନକରି କେଉଁ ଆଧାରରେ ୨,୦୦୦ ଟଙ୍କାର ସୀମା ସ୍ଥିର କଲେ ? ଏହାସହ UPI ଏବଂ ରୂପେ (RuPay) କାର୍ଡ ପାଇଁ ଅଲଗା ନିୟମ କାହିଁକି ରହିଛି ? ସେନେଇ ମଧ୍ୟ ସେ ଆପତ୍ତି ଜଣାଇଥିଲେ। ଏହି ନିୟମକୁ ରଦ୍ଦ କରିବାକୁ ଆବେଦନ କରାଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଏଏସଜି ଏନ. ଭେଙ୍କଟରମଣ ସ୍ପଷ୍ଟ କରିଛନ୍ତି ଯେ, ସାଧାରଣ ଜନତାଙ୍କ ପରସ୍ପର ମଧ୍ୟରେ ହେଉଥିବା ଟ୍ରାଞ୍ଜାକସନ ଉପରେ କୌଣସି ଚାର୍ଜ ଲାଗିବ ନାହିଁ। ଏପରିକି ଦେଶର ପ୍ରାୟ ୯୬% ଛୋଟ ବ୍ୟବସାୟୀଙ୍କ ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।

### ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି




# ଗୋଟେ ରିଚାର୍ଜରେ ଚାଲିବ ସମ୍ପୂର୍ଣ୍ଣ ପରିବାରର ସିମ୍

ନୂଆଦିଲ୍ଲୀ,୨୮।୯ଃ ଭାରତର ସର୍ବବୃହତ ଟେଲିକମ୍ ଅପରେଟର 'ରିଲାଏନ୍ସ ଜିଓ' ନିଜ ଗ୍ରାହକଙ୍କ ପାଇଁ କଲିଂ, ଡାଟା ଏବଂ ଅନ୍ୟାନ୍ୟ ସୁବିଧା ସହିତ ବିଭିନ୍ନ ପ୍ରକାରର ପ୍ଲାନ ପ୍ରଦାନ କରିଥାଏ। କମ୍ପାନି ସମଗ୍ର ପରିବାର ପାଇଁ ଏକ ସ୍ୱତନ୍ତ୍ର ଏବଂ ସୁଲଭ ମୂଲ୍ୟର ପ୍ଲାନ ମଧ୍ୟ ଉପଲବ୍ଧ କରାଉଛି। ୪୪୯ ଟଙ୍କା ମୂଲ୍ୟର ଏହି ପୋଷ୍ଟପେଡ୍ ପ୍ଲାନଟି ଅନେକ ଆକର୍ଷଣୀୟ ସୁବିଧା ପ୍ରଦାନ କରିବ। ଜିଓର ଏହି ସୁଲଭ ମୂଲ୍ୟର ପାରିବାରିକ ପୋଷ୍ଟପେଡ୍ ପ୍ଲାନ ମାଧ୍ୟମରେ ଗ୍ରାହକମାନେ ଅନେକ ସୁବିଧା ପାଇପାରିବେ। ଏଥିରେ ଯେକୌଣସି ନେଟୱାର୍କକୁ ଅନଲିମିଟେଡ୍ ଭଏସ୍ କଲିଂର ସୁବିଧା ରହିଛି। ମୁଖ୍ୟ ବ୍ୟବହାରକାରୀ (ପ୍ରାଇମେରୀ ୟୁଜର୍) ପ୍ରତି ମାସରେ ୭୫ ଜିବି ହାଇ-ସ୍ପିଡ୍ ଡାଟା ପାଇବେ। ତେବେ ଏହି ସୀମା ଶେଷ ହେବା ପରେ କମ୍ପାନି ପ୍ରତି ଜିବି ପିଛା ୧୦ ଟଙ୍କା ଚାର୍ଜ କରିଥାଏ। ଗ୍ରାହକମାନେ ନିଜ ଆକାଉଣ୍ଟରେ ଅତିରିକ୍ତ ଭାବରେ ତିନୋଟି ସିମ୍ କାର୍ଡ/ ଫେମିଲି ସଦସ୍ୟଙ୍କୁ ଯୋଡ଼ିପାରିବେ। ପ୍ରତ୍ୟେକ ଅତିରିକ୍ତ ସିମ୍ କାର୍ଡ ପାଇଁ ମାସିକ ୧୫୦ ଟଙ୍କା ଶୁଳ୍କ ଲାଗିଥାଏ। ଏହି ଆଡ-ଅନ ଫେମିଲି ମେମ୍ବର୍ସଙ୍କୁ ପ୍ରତି ମାସରେ ୫ ଜିବି ଅତିରିକ୍ତ ଡାଟା ଏବଂ ସମ୍ପୂର୍ଣ୍ଣ ଅନଲିମିଟେଡ୍ ଭଏସ୍ କଲିଂ ସୁବିଧା ମିଳିଥାଏ। ମୁଖ୍ୟ ବ୍ୟବହାରକାରୀ ଏବଂ ଅତିରିକ୍ତ ସିମ୍ ବ୍ୟବହାରକାରୀ ଉଭୟଙ୍କୁ ପ୍ରତିଦିନ ୧୦୦ଟି ମାଗଣା ନାସନାଲ ଏସଏମଏସ ସୁବିଧା ମିଳିବ। ଏହି ପ୍ଲାନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ ଅନ୍ତର୍ଭୁକ୍ତ ପ୍ରିମିୟମ୍ ଡିଜିଟାଲ୍ ଏବଂ ଏଆଇ ସବସ୍କ୍ରିପସନ୍, ଯାହା ଏହାକୁ ଅନ୍ୟ କମ୍ପାନିଗୁଡ଼ିକର ପ୍ଲାନ ଠାରୁ ଭିନ୍ନ କରିଥାଏ। ଜିଓ ନିଜ ଗ୍ରାହକଙ୍କୁ ଗୁଗୁଲର ସବୁଠାରୁ ପ୍ରିମିୟମ୍ ଏବଂ ଉନ୍ନତ ଏଆଇ ସବସ୍କ୍ରିପସନ୍— 'ଗୁଗୁଲ୍ ଏଆଇ ପ୍ରୋ' ପୂରା ୧୮ ମାସ (ଦେଢ଼ ବର୍ଷ) ପାଇଁ ପ୍ରଦାନ କରୁଛି। ସେହିପରି ମୁଖ୍ୟ ବ୍ୟବହାରକାରୀ ଏବଂ ଏହି ପ୍ଲାନ ସହିତ ଜଡିତ ପରିବାରର ଅନ୍ୟ ସଦସ୍ୟମାନେ ୫ଜି ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି, ତେବେ ସେମାନେ ଜିଓ ତରଫରୁ ଅସୀମିତ ୫ଜି ଇଣ୍ଟରନେଟ୍ ସୁବିଧା ପାଇପାରିବେ। ଯେଉଁଥିରେ କୌଣସି ଦୈନିକ ଡାଟା ସୀମା ରହିବ ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ମାଗଣା ହେବ।




# ଅକ୍ଟୋବର ପହିଲାରୁ ବଦଳୁଛି ଫିକ୍ସଡ୍ ଡିପୋଜିଟ୍ ନିୟମ

ନୂଆଦିଲ୍ଲୀ,୨୮।୯ଃ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ ବା ଏଫଡି (FD) କରୁଥିବା ଗ୍ରାହକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର। ୨୦୨୬ ଆସନ୍ତା ଅକ୍ଟୋବର ୧ରୁ ବଲ୍କ ଡିପୋଜିଟ୍ (Bulk Deposits) ବା ବଡ଼ ପରିମାଣର ଜମା ରାଶି ଉପରେ ସୁଧ ହାର ସମ୍ପର୍କିତ ନିୟମରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)। ବ୍ୟାଙ୍କଗୁଡ଼ିକ ଯେପରି ଗ୍ରାହକଙ୍କୁ ସ୍ପଷ୍ଟ ଏବଂ ସ୍ୱଚ୍ଛ ତଥ୍ୟ ପ୍ରଦାନ କରିବେ, ସେଥିପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଉଛି।

ରିଜର୍ଭ ବ୍ୟାଙ୍କର ଏହି ସଂଶୋଧିତ ନିୟମ ସମସ୍ତ କମର୍ସିଆଲ୍ ବ୍ୟାଙ୍କ, ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (RRBs), ପେମେଣ୍ଟ ବ୍ୟାଙ୍କ ଏବଂ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ପାଇଁ ବାଧ୍ୟତାମୂଳକ ହେବ। ନୂଆ ନିୟମ ଅନୁଯାୟୀ, ଆସନ୍ତା ଅକ୍ଟୋବର ୧ରୁ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟେକ କାର୍ଯ୍ୟଦିବସରେ (Working Day) ସକାଳ ୧୦ଟା ସୁଦ୍ଧା ସେମାନଙ୍କର ଅଫିସିଆଲ୍ ୱେବସାଇଟରେ ବଲ୍କ ଡିପୋଜିଟ୍ ଉପରେ ମିଳୁଥିବା ସୁଧ ହାର ସର୍ବସାଧାରଣରେ ପ୍ରକାଶ କରିବାକୁ ପଡ଼ିବ। ୱେବସାଇଟ୍ ଅପଡେଟ୍ କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ସର୍ବାଧିକ ୧୦ ମିନିଟର ଗ୍ରେସ୍ ପିରିୟଡ୍ ମିଳିବ। ଅର୍ଥାତ୍ ସକାଳ ୧୦ଃ ୧୦ ସୁଦ୍ଧା ତଥ୍ୟ ଅପଡେଟ୍ ହେବା ଜରୁରୀ।

ୱେବସାଇଟରେ ଉଲ୍ଲେଖ ଥିବା ସୁଧ ହାର ଆଧାରରେ ହିଁ ବ୍ୟାଙ୍କ ଗ୍ରାହକଙ୍କୁ ସୁଧ ପ୍ରଦାନ କରିବେ। ସାଧାରଣତଃ କମର୍ସିଆଲ୍ ବ୍ୟାଙ୍କଗୁଡ଼ିକରେ ୩ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ଟଙ୍କାର ସିଙ୍ଗଲ୍ ଟର୍ମ ଡିପୋଜିଟକୁ 'ବଲ୍କ ଡିପୋଜିଟ୍' କୁହାଯାଏ। ତେବେ ଅନ୍ୟ ଶ୍ରେଣୀର ବ୍ୟାଙ୍କ ପାଇଁ ଏହି ସୀମା ଭିନ୍ନ ହୋଇପାରେ। ଏହି ସଂଶୋଧନରେ ଆଉ ଏକ ବଡ଼ ନିୟମ ଅଣାଯାଇଛି। ଯାହା ଅନୁଯାୟୀ କୌଣସି ବ୍ୟାଙ୍କ ଏକାଭଳି ବଲ୍କ ଡିପୋଜିଟ୍ ଉପରେ କେବଳ ଭିନ୍ନ ଭିନ୍ନ ବ୍ରାଞ୍ଚ ଆଧାରରେ ଅଲଗା ସୁଧ ହାର ଅଫର୍ କରିପାରିବେ ନାହିଁ। ଗୋଟିଏ ଦିନରେ ସମାନ ପରିମାଣର ଜମା ଉପରେ ସବୁ ବ୍ରାଞ୍ଚରେ ଏକାଭଳି ସୁଧ ମିଳିବ।

ତେବେ ବ୍ୟାଙ୍କ ଚାହିଁଲେ ଗ୍ରାହକଙ୍କ ଜମା ରାଶିର 'ଲିକ୍ୱିଡିଟି କଭରେଜ୍ ରେସିଓ' (LCR) ଆଧାରରେ ସୁଧ ହାର ବଦଳାଇପାରିବେ। ଏଲସିଆର୍ (LCR) ଫ୍ରେମୱାର୍କ ଅଧୀନରେ ଥିବା ରନ୍- ଅଫ୍ ରେଟକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସୁଧ ହାରରେ ପରିବର୍ତ୍ତନ କରିବାକୁ ସ୍ୱାଧୀନତା ପାଇବେ। ଏହି ନିୟମ ଘରୋଇ ଜମା ସହ ଅଣ- ବାସିନ୍ଦା (Non-Resident) ମୁଦ୍ରା ଡିପୋଜିଟ୍ ଉପରେ ମଧ୍ୟ ଲାଗୁ ହେବ। ଯଦି ଆପଣ ଜଣେ ସାଧାରଣ ମଧ୍ୟବିତ୍ତ କିମ୍ବା ଖୁଚୁରା (Retail FD) ନିବେଶକ, ତେବେ ଆପଣଙ୍କୁ ବ୍ୟସ୍ତ ହେବାର ଆଦୌ ଆବଶ୍ୟକତା ନାହିଁ। ଏହି ନୂଆ ନିୟମ ଦ୍ୱାରା ଆପଣଙ୍କର ପୂର୍ବରୁ ଚାଲୁ ରହିଥିବା ଏଫଡି (FD) ସୁଧ ହାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହା କେବଳ କୋଟି କୋଟି ଟଙ୍କାର ବଡ଼ ଅଙ୍କର ଜମା ରାଶି ବା ବଲ୍କ ଡିପୋଜିଟ୍ କ୍ଷେତ୍ରରେ ଲାଗୁ ହେବ। ଏହି ନୂତନ ପଦକ୍ଷେପ ଫଳରେ ବଡ଼ ନିବେଶକମାନେ ଏଫଡି ବୁକ୍ କରିବା ପୂର୍ବରୁ ବିଭିନ୍ନ ବ୍ୟାଙ୍କର ସୁଧ ହାରକୁ ସହଜରେ ତୁଳନା କରି ସଠିକ୍ ନିଷ୍ପତ୍ତି ନେଇପାରିବେ।




# ବଢ଼ିଲା ଅଶୋଧିତ ତେଲ ଦର, ୯୦୦ରୁ ଅଧିକ ପଏଣ୍ଟ ଖସିଲା ସେନସେକ୍ସ

ନୂଆଦିଲ୍ଲୀ, ୨୮।୯ଃଅଶୋଧିତ ତେଲ ଦର ୧୦୬ ଡଲାର ଟପିଲା। ୯୦୦ରୁ ଅଧିକ ପଏଣ୍ଟ ଖସିଲା ସେନସେକ୍ସ। ପଶ୍ଚିମ ଏସିଆରୁ ତେଲ ଯୋଗାଣ ବାଧା ଦୀର୍ଘସ୍ଥାୟୀ ହୋଇପାରେ ବୋଲି ବଜାରରେ ଆଶଙ୍କା ସୃଷ୍ଟି ହୋଇଛି। ସପ୍ତାହର ପ୍ରଥମ କାରବାର ଦିନରେ ଭାରତୀୟ ସେୟାର ବଜାରକୁ ବଡ଼ ଝଟକା ଲାଗିଛି। ସୋମବାର ସକାଳୁ ବଜାରରେ ପ୍ରବଳ ବିକ୍ରି ଚାପ ଦେଖାଦେବାରୁ ସେନସେକ୍ସ ୯୦୦ରୁ ଅଧିକ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୨୨,୯୦୦ ତଳକୁ ଖସିଛି। ଅନ୍ୟପଟେ ବ୍ରେଣ୍ଟ ଅଶୋଧିତ ତେଲ ଦର ପୁଣି ବ୍ୟାରେଲ ପିଛା ୧୦୬ ଡଲାର ଟପିବା ବଜାରର ଚିନ୍ତା ବଢ଼ାଇଛି। ସକାଳ କାରବାରରେ ସେନସେକ୍ସ ପ୍ରାୟ ୯୩୪ ପଏଣ୍ଟ ବା ୧.୨ ପ୍ରତିଶତ ଖସି ୭୨,୯୬୦ ପଏଣ୍ଟ ନିକଟକୁ ଆସିଥିଲା। ସେହିପରି ନିଫ୍ଟି ପ୍ରାୟ ୨୮୪ ପଏଣ୍ଟ ହ୍ରାସ ପାଇ ୨୨,୮୫୬ ପଏଣ୍ଟ ନିକଟରେ ପହଞ୍ଚିଥିଲା। କାରବାର ଆରମ୍ଭରେ ସେନସେକ୍ସର ସମସ୍ତ ୩୦ଟି ସେୟାର ଲାଲ୍ ଚିହ୍ନରେ ରହିଥିଲା। ବିଶେଷକରି ବ୍ୟାଙ୍କିଙ୍ଗ ଓ ଆର୍ଥିକ କ୍ଷେତ୍ରର ସେୟାର ଉପରେ ଅଧିକ ଚାପ ପଡ଼ିଛି। ବଜାଜ ଫାଇନାନ୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, **HDFC** ବ୍ୟାଙ୍କ ଓ ବଜାଜ ଫିନସର୍ଭ ସହ **HUL**, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, **L&T** ଏବଂ **BEL** ସେୟାରରେ ହ୍ରାସ ଦେଖାଯାଇଛି। ମିଡ୍ କ୍ୟାପ୍ ଓ ସ୍ମଲ୍ କ୍ୟାପ୍ ସୂଚକାଙ୍କ ମଧ୍ୟ ପ୍ରାୟ ୧ ପ୍ରତିଶତ ତଳକୁ ଖସିଛି। ପ୍ରାରମ୍ଭିକ ଆକଳନ ଅନୁସାରେ ନିବେଶକଙ୍କ ସମ୍ପତ୍ତି ପ୍ରାୟ ୫ରୁ ୬ ଲକ୍ଷ କୋଟି ଟଙ୍କା କମିଛି। ଭାରତୀୟ ବଜାର ପାଇଁ ସବୁଠାରୁ ବଡ଼ ଚିନ୍ତା ଏବେ ଅଶୋଧିତ ତେଲ। ବ୍ରେଣ୍ଟ କ୍ରୁଡ୍ ପ୍ରାୟ ୨ ପ୍ରତିଶତରୁ ଅଧିକ ବଢ଼ି ବ୍ୟାରେଲ ପିଛା ୧୦୬.୫ ଡଲାର ଉପରକୁ ଯାଇଛି। ଇରାନର ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିବା ପରେ ହର୍ମୁଜ୍ ପ୍ରଣାଳୀକୁ ନେଇ ଅନିଶ୍ଚିତତା ପୁଣି ବଢ଼ିଛି। ଏହା ଫଳରେ ପଶ୍ଚିମ ଏସିଆରୁ ତେଲ ଯୋଗାଣ ବାଧା ଦୀର୍ଘସ୍ଥାୟୀ ହୋଇପାରେ ବୋଲି ବଜାରରେ ଆଶଙ୍କା ସୃଷ୍ଟି ହୋଇଛି। ଭାରତ ନିଜ ଆବଶ୍ୟକତାର ଅଧିକାଂଶ ଅଶୋଧିତ ତେଲ ବିଦେଶରୁ ଆମଦାନୀ କରେ। ତେଣୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିଲେ ଦେଶର ଆମଦାନୀ ଖର୍ଚ୍ଚ ବଢ଼ିବା ସହ ମୁଦ୍ରାସ୍ଫୀତି, ଟଙ୍କାର ବିନିମୟ ମୂଲ୍ୟ ଓ କମ୍ପାନୀଗୁଡ଼ିକର ଖର୍ଚ୍ଚ ଉପରେ ଚାପ ପଡ଼ିପାରେ। ଏହାସହ ଆମେରିକାର ୧୦ ବର୍ଷିଆ ବଣ୍ଡ୍ ୟିଲ୍ଡ ପ୍ରାୟ ୫.୨ ପ୍ରତିଶତ ରହିବା ଏବଂ ବିଦେଶୀ ନିବେଶକଙ୍କ ବିକ୍ରି ମଧ୍ୟ ଭାରତୀୟ ବଜାର ଉପରେ ଚାପ ବଢ଼ାଇଛି। ସେପ୍ଟେମ୍ବରରେ ବିଦେଶୀ ନିବେଶକ ପୁଣି ନେଟ୍ ବିକ୍ରେତା ହୋଇଛନ୍ତି। ଗତ ସପ୍ତାହରେ ସେନସେକ୍ସ ଓ ନିଫ୍ଟି କ୍ରମାଗତ ସପ୍ତମ ସପ୍ତାହ ପାଇଁ ହ୍ରାସ ସହ ବନ୍ଦ ହୋଇଥିଲା। ୨୦୨୦ କୋଭିଡ୍ ସମୟ ପରେ ଏହା ଦୀର୍ଘତମ ସାପ୍ତାହିକ ହ୍ରାସର ଧାରା। ଗତ ସାତ ସପ୍ତାହରେ ପ୍ରମୁଖ ସୂଚକାଙ୍କ ପ୍ରାୟ ୬ ପ୍ରତିଶତ ହ୍ରାସ ପାଇଛି।



# ମହଙ୍ଗା ହୋଇପାରେ ମହିନ୍ଦ୍ରା ଏସୟୁଭି

ନୂଆଦିଲ୍ଲୀ,୨୮।୯ଃପାର୍ବଣ ଋତୁ ପୂର୍ବରୁ ଗାଡ଼ି କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପାଇଁ ଏକ ବଡ଼ ଖବର ଆସିଛି। ପ୍ରସିଦ୍ଧ ଅଟୋମୋବାଇଲ୍ କମ୍ପାନୀ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ନିଜ ଏସୟୁଭି ଗାଡ଼ିଗୁଡ଼ିକର ଦାମ୍ ବୃଦ୍ଧି କରିବାକୁ ବିଚାର କରୁଛି। କ୍ରମାଗତ ଭାବେ କଞ୍ଚାମାଲର ଦାମ୍ ବୃଦ୍ଧି ପାଉଥିବାରୁ କମ୍ପାନୀ ଏହି ନିଷ୍ପତ୍ତି ନେବାକୁ ଯାଉଛି। ମହିନ୍ଦ୍ରା ଅଟୋମୋଟିଭ୍ର ସିଇଓଙ୍କ ସୂଚନା ଅନୁଯାୟୀ, କମ୍ପାନୀ ବର୍ତ୍ତମାନ ବଜାରରେ ବୃଦ୍ଧି ପାଉଥିବା କଞ୍ଚାମାଲର ମୂଲ୍ୟ ଉପରେ କ୍ରମାଗତ ନଜର ରଖିଛି। ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ଆଗାମୀ କିଛି ସପ୍ତାହ ମଧ୍ୟରେ ଗାଡ଼ିର ମୂଲ୍ୟ ବୃଦ୍ଧି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଉଲ୍ଲେଖ ଥାଉ କି, ଚଳିତ ବର୍ଷ (୨୦୨୬) ମହିନ୍ଦ୍ରା ପୂର୍ବରୁ ତିନି ଥର ଜାନୁଆରୀ, ଏପ୍ରିଲ୍ ଏବଂ ଜୁଲାଇ ମାସରେ ଗାଡ଼ିର ଦାମ୍ ବଢ଼ାଇସାରିଛି। ଜୁଲାଇ ୧୦ରୁ ପ୍ରଭାବୀ ହୋଇଥିବା ମୂଲ୍ୟ ବୃଦ୍ଧିରେ ଏସୟୁଭିଗୁଡ଼ିକର ଦାମ୍ ହାରାହାରି ୨.୭ ପ୍ରତିଶତ ଏବଂ କମର୍ସିଆଲ ଗାଡ଼ିର ଦାମ୍ ୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଯଦି ଆଗାମୀ ସପ୍ତାହରେ ନୂଆ ଦାମ୍ ଲାଗୁ ହୁଏ, ତେବେ ଏହା ଚଳିତ ବର୍ଷର ଚତୁର୍ଥ ମୂଲ୍ୟ ବୃଦ୍ଧି ହେବ। ଯଦି କମ୍ପାନୀ ମୂଲ୍ୟ ବୃଦ୍ଧି କରେ, ତେବେ ମହିନ୍ଦ୍ରାର ଲୋକପ୍ରିୟ ଏସୟୁଭି ମଡେଲ୍ଗୁଡ଼ିକ ଯେପରିକି ଥର୍ (**Thar**) ଏବଂ ଥର୍ ରକ୍ସ (**Thar ROXX**), ସ୍କୋର୍ପିଓ-ଏନ୍ ଏବଂ ସ୍କୋର୍ପିଓ କ୍ଲାସିକ୍ (**Scorpio Classic**), ବୋଲେରୋ ଆଦି ଗାଡ଼ିଗୁଡ଼ିକର ଦାମ୍ ବଢ଼ିବାର ସମ୍ଭାବନା ରହିଛି। ପାର୍ବଣ ଋତୁ ଅଟୋମୋବାଇଲ୍ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ କମ୍ପାନୀ ଆଶା ପ୍ରକାଶ କରିଛି ଯେ ଏହି ମୂଲ୍ୟ ବୃଦ୍ଧି ଦ୍ୱାରା ଗ୍ରାହକଙ୍କ ଚାହିଦା କିମ୍ବା ବୁକିଂ ଉପରେ କୌଣସି ବିଶେଷ ପ୍ରଭାବ ପଡ଼ିବ ନାହିଁ। ଜିଏସଟି (**GST**) ହ୍ରାସ ପରଠାରୁ ଗାଡ଼ିଗୁଡ଼ିକର ମୂଲ୍ୟ ପୂର୍ବ ଅପେକ୍ଷା କମ୍ ରହିଛି ଏବଂ ନୂଆ ମଡେଲ୍ଗୁଡ଼ିକର ଆଗମନ ହେତୁ ଚଳିତ ପାର୍ବଣ ଋତୁରେ ଭଲ ବିକ୍ରି ହେବ ବୋଲି କମ୍ପାନୀ ଆଶାବାଦୀ ଅଛି।



## କଳମପୁରରେ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ



କଳମପୁର,୨୮।୯ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଦେଶର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ପାଳନ କରାଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲାର କଳମପୁର ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କଳମପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଓ ତିନୋଟି ସେକ୍ଟରରେ ପର୍ଯ୍ୟାୟକ୍ରମେ ଏହା ପାଳନ କରାଯାଉଥିବା ସୂଚନା ମିଳିଛି।

କଳମପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶିବାଣୀ ଦେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସେକ୍ଟରସ୍ତରରେ ଆୟୋଜନ କରାଯାଇଛି। ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନେଉଥିବା ଶିଶୁ, ସେମାନଙ୍କ ଅଭିଭାବକ ଏବଂ ତୃଣମୂଳସ୍ତରରେ ଶିଶୁ ଓ ମହିଳାଙ୍କ ସହ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଏହି ଉତ୍ସବ ସହିତ ଯୋଡ଼ାଯାଇଥିବା ଜଣାପଡ଼ିଛି।

'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମରେ ବିଶେଷ ଭାବେ ପିତାମାନଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କ ଶିକ୍ଷା, ପୋଷଣ ଓ ସାମଗ୍ରିକ ବିକାଶ ସହିତ ଅଭିଭାବକମାନଙ୍କ ସମ୍ପୃକ୍ତି ବଢ଼ାଇବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

ଏହି ଉତ୍ସବ ସେପ୍ଟେମ୍ବର ୨୯ ତାରିଖରେ ଶେଷ ହେବ। ଏହି ଅବସରରେ ଅଙ୍ଗନବାଡି କର୍ମୀ, ହେଲ୍ପର ଓ ଆଶା କର୍ମୀଙ୍କୁ ସମ୍ମାନିତ କରାଯିବାର ବ୍ୟବସ୍ଥା ରହିଛି। ଶିଶୁ, ମହିଳା ଓ ପରିବାର ସ୍ତରରେ ବିଭିନ୍ନ ସରକାରୀ ସେବା ଓ ସଚେତନତା କାର୍ଯ୍ୟକ୍ରମ ପହଞ୍ଚାଇବାରେ ଏହି କର୍ମୀମାନେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବାରୁ ଉତ୍ସବ ଅବସରରେ ସେମାନଙ୍କ ଅବଦାନକୁ ସ୍ୱୀକାର କରାଯାଉଛି।

## ମାଲକାନଗିରି ଜିଲ୍ଲାସ୍ତରୀୟ 'ଆଙ୍ଗନ କା ଉତ୍ସବ'



ମାଲକାନଗିରି,୨୮।୯ (ସଂଚାର ବ୍ୟୁରୋ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଞ୍ଚାଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ତତ୍ତ୍ୱାବଧାନରେ ସମଗ୍ର ଜିଲ୍ଲାର ୧,୩୨୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଆଙ୍ଗନ କା ଉତ୍ସବ ଏବଂ ମୋ ଅଙ୍ଗନବାଡ଼ି ମୋ ଦାୟିତ୍ୱ କାର୍ଯ୍ୟକ୍ରମ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ପ୍ରତ୍ୟେକ କେନ୍ଦ୍ରରେ ଅଙ୍ଗନବାଡ଼ି ପରିଚାଳନା କମିଟିର ସଦସ୍ୟ, ଅଭିଭାବକ, ସ୍ଥାନୀୟ ପ୍ରତିନିଧି ଏବଂ ଗ୍ରାମବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶିଶୁ ସୁରକ୍ଷା ଓ ସାମଗ୍ରିକ ବିକାଶର ସଂକଳ୍ପ ନେଇଥିଲେ।

ତ୍ରିଦିବସୀୟ ଏହି ଅଭିଯାନର ପ୍ରଥମ ଦିନରେ ପୋଷଣ ମାସ ଆଧାରରେ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ପାରମ୍ପରିକ ପୌଷ୍ଟିକ ଖାଦ୍ୟ ଏବଂ ପୋଷଣ ପିଠା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପରିବାରରେ ଶିଶୁ ପୋଷଣ ପ୍ରତି ପିତାମାନଙ୍କ ଦାୟିତ୍ୱ ଓ ସହଭାଗିତା ବୃଦ୍ଧି କରିବା ପାଇଁ ପିତାମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ରନ୍ଧନ ଓ ପୋଷଣ ପିଠା ପ୍ରସ୍ତୁତି ପ୍ରତିଯୋଗିତା ସ୍ଥାନୀୟ ୱାର୍ଡମେମ୍ବର ଓ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଶିଶୁମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ଖେଳ, କାହାଣୀ କହିବା ଏବଂ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଜେଜେମା, ଅଜା ଓ ଆଈମାନଙ୍କ ମଧ୍ୟରେ କାହାଣୀ ପ୍ରତିଯୋଗିତା କରାଯାଇଥିଲା ଏବଂ ନୋମାନମତି ଶିଶୁମାନଙ୍କୁ ସ୍ଥାନୀୟ ଫଳ ଓ ପୌଷ୍ଟିକ କୁକିଜ ବଣ୍ଟନ କରାଯାଇଥିଲା। ତୃତୀୟ ଦିବସରେ କିଶୋରୀ ବାଳିକା, ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାର ହିତାଧିକାରୀ, ଛୋଟ ଶିଶୁ ଏବଂ ସ୍କୁଲ ଶିଶୁଙ୍କୁ ଏକତ୍ରିତ କରି ସ୍ୱତନ୍ତ୍ର ସାମୂହିକ ଭୋଜିର ଆୟୋଜନ କରାଯିବା ସହ ଅଙ୍ଗନବାଡ଼ି ପରିଚାଳନା କମିଟି ପକ୍ଷରୁ ସେବା ନିଷ୍ଠା ପାଇଁ ଅଙ୍ଗନବାଡ଼ି କର୍ମୀ, ସହାୟିକା ଏବଂ ଆଶା କର୍ମୀଙ୍କୁ ଉତ୍ତରୀୟ ଓ ଫଳ ଝୁଡ଼ି ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ସହର ମଝିରେ ବ୍ରଏଲର କୁକୁଡ଼ା ଫାର୍ମ

### ଖୋଲାରେ ମାଛ, ମାଂସ ବିକ୍ରି
### ସରକାରୀ ନିୟମ ଉଲ୍ଲଙ୍ଘନ



ବୋରିଗୁମ୍ମା,୨୮।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଏନଏସି ଅନ୍ତର୍ଗତ ବୋରିଗୁମ୍ମା ମୁଖ୍ୟ ଛକ ନିକଟ ମଝିରେ ମୁଖ୍ୟ ରାସ୍ତା କଡ଼ରେ ବ୍ରଏଲର କୁକୁଡ଼ା ରଖି ସେଠାରେ କୁକୁଡ଼ା କାଟି ମାଂସ ଓ ମଟନ, ମାଛ ବିକ୍ରି କରାଯାଉଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ଜନଗହଳିପୂର୍ଣ୍ଣ ବଜାର ଓ ମୁଖ୍ୟ ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି କାର୍ଯ୍ୟକଳାପ ସରକାରୀ ଅନୁଯାୟୀ ଚାଲିଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁଯାୟୀ ବ୍ରଏଲର କୁକୁଡ଼ା ପାଳନ କିମ୍ବା ଫାର୍ମ ସ୍ଥାପନ ପାଇଁ ସ୍ଥାନ ଚୟନ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ଦୁର୍ଗନ୍ଧ ନିୟନ୍ତ୍ରଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି କୌଣସି ବିପଦ ସୃଷ୍ଟି ନ ହେବା ଭଳି ବିଷୟକୁ ଗୁରୁତ୍ୱ ଦିଆଯାଇଥାଏ।

ସେହିପରି ମାଛ ମାଂସ ବିକ୍ରି ପାଇଁ ସମ୍ପୃକ୍ତ ସ୍ଥାନୀୟ ସଂସ୍ଥାର ଟ୍ରେଡ୍ ଲାଇସେନ୍ସ, ସ୍ୱଚ୍ଛ ପରିବେଶ ଏବଂ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ନିୟମ ପାଳନ କରିବା ଆବଶ୍ୟକ। ଜନଗହଳିପୂର୍ଣ୍ଣ ବଜାର ମଝିରେ କୁକୁଡ଼ା ପାଳନ, ଖୋଲାରେ କୁକୁଡ଼ା, ଛେଳି, ମେଣ୍ଢା ବଧ ଓ ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ଦୁର୍ଗନ୍ଧ, ମାଛି ମଶାର ପ୍ରକୋପ ଏବଂ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଥାଏ। ଏହା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଚିନ୍ତାର ବିଷୟ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି।

ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ପ୍ରଶାସନ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟବସାୟୀ ସରକାରୀ ଗାଇଡଲାଇନ,ଟ୍ରେଡ୍ ଲାଇସେନ୍ସ ଓ ଖାଦ୍ୟ ସୁରକ୍ଷା ନିୟମ ପାଳନ କରୁଛନ୍ତି କି ନାହିଁ ଯାଞ୍ଚ କରନ୍ତୁ। ଯଦି କୌଣସି ଅନିୟମ ଥାଏ, ତେବେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

## ଅସହାୟ ସୁରୁ ଖଡ଼ିଆଙ୍କୁ ସହାୟତାର ହାତ ବଢ଼ାଇଲା ସାମାଜିକ ସଂଗଠନ 'ରାଇଜ୍'



ବାଙ୍ଗରପାଲି,୨୮।୯ (ସଂଚାର ବ୍ୟୁରୋ): ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ଜୀବନ ବିତାଉଥିବା ବରୋଇଗାଁର ଗ୍ରାମର ଅସହାୟ ସୁରୁ ଖଡ଼ିଆଙ୍କ ନିକଟରେ ଠିଆ ହୋଇଛି ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାଇଜ୍ । ସଂଗଠନ ପକ୍ଷରୁ ତାଙ୍କୁ ତୁରନ୍ତ ରାସନ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ପ୍ରତି ମାସରେ ସହାୟତା ଜାରି ରଖିବାକୁ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ପୂର୍ବେ ରାଇଜ୍ ସଂଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବରୋଇଗାଁର ଗ୍ରାମର ସୁରୁ ଖଡ଼ିଆଙ୍କ ଦୁର୍ଦ୍ଦଶା ଏବଂ ତାଙ୍କୁ କୌଣସି ସରକାରୀ ସୁବିଧା ମିଳୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ସଂଗଠନ କର୍ମକର୍ତ୍ତାମାନେ ତଥ୍ୟ ସଂଗ୍ରହ କରିଥିଲେ ଏବଂ ଉକ୍ତ ଅସହାୟ ବ୍ୟକ୍ତିଙ୍କୁ ପ୍ରତି ମାସରେ ନିୟମିତ ଖାଦ୍ୟ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଆଜି ସଂଗଠନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ତଥା ରାଇଜ୍ ସଂଗଠନର ମୁଖ୍ୟ ଉପଦେଷ୍ଟା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଖଡ଼ିଆଙ୍କୁ ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ରାଶି ହସ୍ତାନ୍ତର କରିଥିଲେ। ସମାଜର ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କ ସେବା କରିବା ହିଁ ପ୍ରକୃତ ସମାଜସେବା ବୋଲି ଶ୍ରୀମତୀ ଟେଟେ ମତବ୍ୟକ୍ତ କରିବା ସହ ରାଇଜ୍‌ର ଏଭଳି ମାନବୀୟ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ।

### କୁଶେଇ ନଦୀରେ ବାଲି ଉତ୍ତୋଳନ ନେଇ ତେଜିଲା ବିବାଦ
## ଗଛ ଉପାଡ଼ିବା ନେଇ ଥାନାରେ ଅଭିଯୋଗ



ଆନନ୍ଦପୁର,୨୮।୯ (ସଂଚାର ବ୍ୟୁରୋ): କୁଶେଇ ନଦୀରୁ ବାଲି ଉତ୍ତୋଳନକୁ ନେଇ ତେଜିଛି ବିବାଦ। ନଦୀକୂଳ ଓ ପରିବେଶ ସୁରକ୍ଷା ପାଇଁ ଗ୍ରାମବାସୀ ଲଗାଇଥିବା ଗଛଗୁଡ଼ିକୁ ରାତିଅଧିଆ ଉପାଡ଼ି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଭାଟିଶିରା ଗ୍ରାମର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଭାଟିଶିରା ଗ୍ରାମ ଦେଇ ବହିଯାଇଥିବା କୁଶେଇ ନଦୀରୁ ବାଲି ଉତ୍ତୋଳନ ଚାଲିଛି। ଏହା ଦ୍ୱାରା ନଦୀକୂଳର ପରିବେଶ ଉପରେ ପ୍ରଭାବ ପଡୁଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ସୁରକ୍ଷା ପାଇଁ ଲଗାଯାଇଥିବା ଗଛଗୁଡ଼ିକୁ ଉପାଡ଼ି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଗ୍ରାମବାସୀ ଏକଜୁଟ ହୋଇ ଘଷିପୁରା ଥାନାରେ ପହଞ୍ଚିବା ସହ ଲିଖିତ ଅଭିଯୋଗ ଦେଇଛନ୍ତି। ଗଛ ଉପାଡ଼ିବା ଏବଂ ବେଆଇନ ଭାବେ ବାଲି ଉତ୍ତୋଳନରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ତଦନ୍ତ କରି ଆଇନଗତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ଇଞ୍ଜିନ୍ ତ୍ରୁଟିରେ ସମୁଦ୍ରରେ ଅଟକିଲା ତେଲ ଟ୍ୟାଙ୍କର




ପାରାଦୀପ,୨୮।୯ (ସଂଚାର ବ୍ୟୁରୋ): ପ୍ରାୟ ୯ ହଜାର ମେଟ୍ରିକ୍ ଟନ୍ କ୍ରୁଡ୍ ପାମ୍ ଅଏଲ୍ ନେଇ ପାରାଦୀପ ବନ୍ଦର ଅଭିମୁଖେ ଆସୁଥିବା ତେଲ ଟ୍ୟାଙ୍କର ଏମଟି ସି ଗଲ ୯ ଇଞ୍ଜିନ୍‌ଜନିତ ସମସ୍ୟାରେ ପଡ଼ିଥିଲା। ଜାହାଜଟି ପାରାଦୀପଠାରୁ ପ୍ରାୟ ୪୦ ନଟିକାଲ୍ ମାଇଲ୍ ଦୂରରେ ଥିବାବେଳେ ଟଗ୍ ସହାୟତା ପାଇଁ ଜରୁରୀ ସୂଚନା ଦେଇଥିଲା।

ଏହି ସୂଚନା ପାରାଦୀପ ପୋର୍ଟ ଅଥରିଟିର ହାର୍ବର ମାଷ୍ଟର କ୍ୟାପ୍ଟେନ୍ ଇନ୍ଦ୍ରନୀଲ ମୁଖାର୍ଜୀଙ୍କ ନିକଟରେ ପହଞ୍ଚିବା ପରେ ତୁରନ୍ତ ଆବଶ୍ୟକ ସହାୟତା ପାଇଁ ପଦକ୍ଷେପ ନିଆଯାଇଥିଲା। ଡେପୁଟି କନଜରଭେଟରର କ୍ୟାପ୍ଟେନ୍ ଏ.ସି. ସାହୁଙ୍କ ସମନ୍ୱୟରେ ପାରାଦୀପ ପୋର୍ଟ ଅଥରିଟିର ହାର୍ବର ଟଗ୍ ଡଲପିନ ୨୫ ଘଟଣାସ୍ଥଳରେ ପହଞ୍ଚିଥିଲା। ଟଗ୍ ସହାୟତାରେ ଏମଟି ସିଗଲ କୁ ସୁରକ୍ଷିତ ଭାବେ ପାରାଦୀପ ବନ୍ଦର ଅଭିମୁଖେ ଅଣାଯାଇଥିଲା। ପରେ ଜାହାଜଟି ସର୍ବନିମ୍ନ ଇଞ୍ଜିନ୍ ସହାୟତାରେ ବନ୍ଦର ଭିତରକୁ ପ୍ରବେଶ କରିଥିଲା। ପାଇଲଟ୍ କ୍ୟାପ୍ଟେନ୍ ଏସ୍.ବି. ପଣିଗ୍ରାହୀଙ୍କ ସହାୟତା ଏବଂ କ୍ୟାପ୍ଟେନ୍ ଏ.ସି. ସାହୁଙ୍କ ସମନ୍ୱୟରେ ଜାହାଜଟିକୁ ଏନ କ୍ୟୁ ୨ବର୍ଥରେ ସୁରକ୍ଷିତ ଭାବେ ବର୍ଥିଂ କରାଯାଇଥିଲା।

ପାରାଦୀପ ପୋର୍ଟ ଅଥରିଟି ସହ ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀର ସମନ୍ୱିତ ପ୍ରୟାସ ଯୋଗୁଁ ଅସୁବିଧାରେ ପଡ଼ିଥିବା ସିପିଓ ଟ୍ୟାଙ୍କରଟିକୁ ସଫଳତାର ସହ ବନ୍ଦରରେ ସୁରକ୍ଷିତ ଭାବେ ପହଞ୍ଚାଯାଇଥିଲା।

# ଯୁବ ଯାଦବ ତରଫରୁ ନୂଆଁଖାଇ ଭେଟଘାଟ

କଳାହାଣ୍ଡି,୨୮।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ପକ୍ଷରୁ ନୂଆଁଖାଇ ଭେଟଘାଟ ଓ ସାଙ୍ଗଠନିକ ବୈଠକ ଉତ୍ସାହ, ଭାଇଚାରା ଓ ସାମାଜିକ ଏକତାର ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ଯାଦବ ସଭାପତି ପୀତବାସ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲିଟିରୁ ଯୁବ ଯାଦବ ପ୍ରତିନିଧିମାନେ ଯୋଗଦେଇଥିଲେ। ଉତ୍କଳ ଯାଦବ ମହିଳା ସେଲ୍‌ର ସଭାନେତ୍ରୀ ସଂଯୁକ୍ତା ବେହେରା ବିଶେଷ ଅତିଥି ଭାବେ ଯୋଗଦେଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଯାଦବ ସଭାପତି ନୃପରାଜ ଯାଦବ ମୁଖ୍ୟ ଅତିଥି ଭାବେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ତ୍ରିପୁରା ନାଏକ, ବରିଷ୍ଠ ଉପସଭାପତି ଅଲେଖ ଗୋପାଳ, କମଳ ବାଗ ଓ ଜଗଦୀଶ ଯାଦବ, ଜିଲ୍ଲା ଯୁଗ୍ମ ସମ୍ପାଦକ ପୂର୍ଣ୍ଣ ଗୌଡ଼, ଜିଲ୍ଲା କୋଷାଧ୍ୟକ୍ଷ ଈଶ୍ୱର ବଗର୍ତ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ରଶ୍ମିରେଖା ରାଉତ, ସମ୍ପାଦିକା ରେବତୀ ବିଶି, କର୍ମଚାରୀ ସେଲ୍ ସଭାପତି ମାଧବ ଲହଜଲ, ମୁଖ୍ୟ ପରାମର୍ଶଦାତା ନଳିନୀ ରଞ୍ଜନ ରାଉତ, ପୂର୍ବତନ ମହିଳା ସଭାନେତ୍ରୀ ତଥା ଆଇନଜୀବୀ ଇଲ୍ଲା ସେଲମା, ଜିଲ୍ଲା ଉପଦେଷ୍ଟା ଲିଙ୍ଗରାଜ ଗହୀର ଓ ପଙ୍କଜଗୌଡ଼,ପୂର୍ବତନ ଜିଲ୍ଲା ଯୁବ ଯାଦବ ସଭାପତି ଲକ୍ଷ୍ମୀ ବାଗ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସକାଳ ୧୧ଟା ସମୟରେ ପୂଜା-ଅର୍ଚ୍ଚନା କରାଯାଇଥିଲା। ପରେ ସମାଜର ବୟୋଜ୍ୟେଷ୍ଠମାନଙ୍କୁ ଚନ୍ଦନ, ଫୁଲ ଓ ଚାଉଳ ଦେଇ ପିତୃ-ପୂଜା କରାଯାଇଥିଲା। ଉପସ୍ଥିତ ଯାଦବ ଭାଇଭଉଣୀମାନେ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଭାଇଚାରା, ସ୍ନେହ ଓ ସାମାଜିକ ଏକତାର ବାର୍ତ୍ତା ବିନିମୟ କରିଥିଲେ।

ଏହି ଅବସରରେ ଯୁବ ଯାଦବ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର ଯୁବପିଢ଼ି ମଧ୍ୟରୁ ଶିକ୍ଷା, ଚାକିରି, ସେବା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପାରଦର୍ଶିତା ହାସଲ କରିଥିବା ଯୁବ ଯାଦବ ବନ୍ଧୁମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେମାନଙ୍କ ସଫଳତାକୁ ସ୍ୱୀକୃତି ଦେବା ସହ ଯୁବପିଢ଼ିଙ୍କୁ ଶିକ୍ଷା, ଚାକିରି, ସେବା ଓ ସମାଜସେବା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବା ଏହି ସମ୍ମାନର ଉଦ୍ଦେଶ୍ୟ ଥିଲା।

## 'ସ୍ୱଚ୍ଛ ଭାରତ' ଓ 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ

ଫୁଲବାଣୀ,୨୮।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମରବନ୍ଧ ପଞ୍ଚାୟତର ସାଉଳିପଡ଼ା ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ବିଏସଏଫ ପକ୍ଷରୁ 'ସ୍ୱଚ୍ଛ ଭାରତ' ଓ 'ଏକ ପେଡ୍ ମା କେ ନାମ' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଏସଏଫ ର କମାଣ୍ଡର ନିର୍ମଳ ଦାସ, ଜି କମ୍ପାନୀ ଦେବଜିତ୍ ଗଗେଇଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ମିଳିତ ଭାବରେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିସର ସଫେଇ କରିଥିଲେ। ପରିବେଶର ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।



'ଏକ ପେଡ୍ ମା କେ ନାମ' ଅଭିଯାନ ମାଧ୍ୟମରେ ପ୍ରକୃତି ଓ ମାତୃଭୂମି ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ଦିଆଯାଇଥିବା ବେଳେ 'ସ୍ୱଚ୍ଛ ଭାରତ' ଅଭିଯାନ ଜରିଆରେ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏଥିରେ ସାମିଲ ହୋଇ ପରିବେଶ ସୁରକ୍ଷା ଓ ବୃକ୍ଷର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ବିଏସଏଫ ପକ୍ଷରୁ ଆୟୋଜିତ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରାମ ବାସୀ ଉପସ୍ଥିତ ଥିଲେ ସୁଦାମ କହଁର ଅଞ୍ଚଳବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ସହ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛି।

## ୧ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ, ୬ ଗିରଫ



ଫୁଲବାଣୀ,୨୮।୯ (ସଂଚାର ବ୍ୟୁରୋ): ଅବକାରୀ ସୁପରିଟେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ଅବକାରୀ ମୋବାଇଲ ଟିମ ପୃଥକ ସ୍ଥାନରେ ଚଢ଼ାଉ କରିବା ସହ ୧ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଆମ୍ବୁଲାନ୍ସ ଗାଡି ସହ ତିନି ଗାଡି ଏବଂ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୬ ଜଣ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ଅନୁସାରେ ଅବକାରୀ ମୋବାଇଲ ଟିମ ଟିକାବାଲି ଥାନା ଅଧୀନ ଲାଇନ ପଡା ରାସ୍ତାରେ ଏକ ଆମ୍ବୁଲାନ୍ସକୁ ଅଟକାଇ ଥିଲେ। ଆମ୍ବୁଲାନ୍ସ ରେ ତନଖି ପରେ ଆମ୍ବୁଲାନ୍ସରୁ ଷାଠିଏ କେଜି ଗଞ୍ଜେଉ ଓ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଆମ୍ବୁଲାନ୍ସ ଗାଡି ଏବଂ ଗାଡିର ଡ୍ରାଇଭର ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା କୁଲି ଗାଁର ଦୁର୍ଗା ଶଙ୍କର ପାଣିଗ୍ରାହୀ (୨୬) ଏବଂ ଆମ୍ବୁଲାନ୍ସର ହେଲ୍ପର ସେହି ବାଲେଶ୍ୱର ଜିଲ୍ଲାର ସହଦେବ ଖୁଣ୍ଟା ଥାନା ଆଜିମା ବାଦ ଗାଁର ମହେଶ୍ୱର ନନ୍ଦୀ (୩୦) କୁ ଗିରଫ କରିଥିଲେ। ଗଞ୍ଜେଇ ଚାଲାଣ କରୁଥିବା ଆମ୍ବୁଲାନ୍ସକୁ ପାଇଲଟ ଦେଉଥିବା ଅନ୍ୟ ଏକ ଏକ୍ସ୍ୟୁଭି ଗାଡିକୁ ସେହି ଲାଇନପଡା ଗାଁରେ ଅଟକାଇ ୨୧ କେଜି ଗଞ୍ଜେଇ ଜବତ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ଖନ୍ତା ପଡା ଥାନା ମହମଦାବାଦ ଗାଁର ଡ୍ରାଇଭର ଯାଦୁନାଥ ସାହୁ (୪୨) ଏବଂ ସେହି ମହମଦାବାଦ ଗାଁ ର ବଳଭଦ୍ର ସାହୁ ( ୨୮ ) ବର୍ଷ କୁ ଗିରଫ କରିଥିଲେ ।

ସେହିଭଳି ଟିକାବାଲି ଥାନା ଶଙ୍କରାଖୋଲ ଠାରେ ଏକ ବୋଲେର ଡାଲା ଗାଡିକୁ ଅଟକାଇ ଗାଡ଼ିରୁ ୪୦କେଜି ଗଞ୍ଜେଇ ଜବତ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା କୁମୁଡିଆ ଥାନା ନୀଳଗିରି ଗାଁର ଦିବାକର ପାତ୍ର (୪୬) ଓ ସେହି ନୀଳ ଗିରି ଗାଁର ଭାସ୍କର ପାତ୍ର ( ୩୯ ) କୁ ଗିରଫ କରି ପୃଥକ ୨ ଟି ମାମଲା ରେ କୋର୍ଟ ଚାଲାଣ କରାଯାଇଥିବା ଡେପୁଟି ସୁପାରିଟେଣ୍ଟ ସତ୍ୟଜିତ ଖଟୁଆ ସୂଚନା ଦେଇଛନ୍ତି। ଅନ୍ୟ ପଟେ ଏହି ଚଢାଉ ରେ ମୋବାଇଲ ଟିମ ର ଅଧିକାରୀ ରଙ୍କନିଧି ମଲିକ, ଏସ ଆଇ ପ୍ରକାଶ ଚନ୍ଦ୍ର ମଲିକ, ଏମ ସଂଜୀବ କୁମାର, ମିନତୀ ଗାଉଁନ୍ତିଆ, ଜ୍ଞାନ ପ୍ରକାଶ ସାହୁ ସଦଳେ ବଳେ ସାମିଲ ଥିଲେ ।

## ବାଲିଶଙ୍କରା ପ୍ରଡ୍ୟୁସର କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ସାଧାରଣ ବୈଠକ



ସୁନ୍ଦରଗଡ଼,୨୮।୯ (ସଂଚାର ବ୍ୟୁରୋ): ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତିଲଡେଗା ଗ୍ରାମର ନୂତନ କଲ୍ୟାଣ ମଣ୍ଡପଠାରେ ପ୍ରାକୃତିକ ବାଲିଶଙ୍କରା ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ଷଷ୍ଠତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡର ସହାୟତା ଏବଂ ସେବକର ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସଂଗଠନର ଅଗ୍ରଗତି, କୃଷକଙ୍କ ପାଇଁ ବିଭିନ୍ନ ସେବା ଓ ଭବିଷ୍ୟତ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ସଂଗଠନର ନିର୍ଦ୍ଦେଶିକା ହରିପ୍ରିୟା ନାଏକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।

ନାବାର୍ଡ ସୁନ୍ଦରଗଡ଼ର ସହାୟକ ମହାପ୍ରବନ୍ଧକ ତାପସ କୁମାର ବେହେରା କୃଷକ ଉତ୍ପାଦକ ସଂଗଠନ ଯୋଜନା ଓ ନାବାର୍ଡର ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରିବା ସହ ସାମୂହିକ ପ୍ରୟାସ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଲାଭ ପାଉଥିବା କହିଥିଲେ। ଏହି ସଂଗଠନର ବାଣିଜ୍ୟ ୩ କୋଟି ଟଙ୍କାରୁ ଅଧିକ ହୋଇଥିବା ଏବଂ ୧୦୪୪ ଜଣ କୃଷକ ଏହାର ସଦସ୍ୟ ଥିବା ସେ ସୂଚନା ଦେଇଥିଲେ। ସେବକର ଆଇନ ଓ ହିସାବ ବିଶେଷଜ୍ଞ ଘଟେଶ୍ୱର ଛୁରା ୨୦୨୧ ମସିହାରେ ମାତ୍ର ୧୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ସଂଗଠନର ୨୦୨୬ ପର୍ଯ୍ୟନ୍ତ ବିକାଶ ଯାତ୍ରା ବିଷୟରେ ଆଲୋଚନା କରିଥିଲେ।

ତିଲଡେଗା ଗ୍ରାମପଞ୍ଚାୟତର ସରପଞ୍ଚ ତୁଲେଶ୍ୱରୀ ଭୋଇ ଅଧିକରୁ ଅଧିକ ଚାଷୀଙ୍କୁ ସଂଗଠନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ସଂଯୋଜକ ବିଶ୍ୱଜିତ ପାଣି ଦକ୍ଷତା ବିକାଶ ଓ ବଜାର ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇଥିବା ବେଳେ ସେବକର କୃଷି ବିପଣନ ବିଶେଷଜ୍ଞ ସୁମିତ କୁମାର ପଟେଲ ଜୈବିକ କୃଷି, ଉନ୍ନତ ବିହନ ଚୟନ ଓ ବୈଜ୍ଞାନିକ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

ବୈଠକରେ ଚାଷୀ ଓ ନିର୍ଦ୍ଦେଶକମଣ୍ଡଳୀ ମଧ୍ୟରେ ଖୋଲା ଆଲୋଚନା ହୋଇଥିଲା। ନିର୍ଦ୍ଦେଶକ ହରିହର ଦଣ୍ଡସେନା ତିଲଡେଗାର ଚାଷୀମାନଙ୍କ ପାଇଁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଓ ବିହନ ଉପଲବ୍ଧ ଥିବା ସୂଚନା ଦେଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ କୁମାର ସାହୁ ବିହନ, ସାର, କୁକୁଡ଼ା ଛୁଆ ଯୋଗାଣ ସହ ସରକାରୀ ବିଭାଗ ସହିତ ଚାଷୀଙ୍କ ସଂଯୋଗ ସ୍ଥାପନରେ ସଂଗଠନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି କହିଥିଲେ।

## ସ୍ୱାଭିମାନୀ ୮୪ ଘର ଅଘରିଆ ସମାଜର ୧୦ତମ ବୈଠକ



ସୁନ୍ଦରଗଡ଼,୨୮।୯ (ସଂଚାର ବ୍ୟୁରୋ): ସେପ୍ଟେମ୍ବର ୨୭ ତାରିଖ ରବିବାର ଅପରାହ୍ନ ୪ ଟା ସମୟରେ ଉଜ୍ଜଳପୁର କ୍ଲବ ଘର ଠାରେ ଶ୍ରୀମତୀ ଗେଲବତୀ ପଟେଲଙ୍କ ଅଧ୍ୟକ୍ଷତାରେ ସ୍ୱାଭିମାନୀ ୮୪ ଘର ଅଘରିଆ ସମାଜର ୧୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଗ୍ନି ନାଏକ ପୂର୍ବ ବୈଠକର ବିବରଣୀ ସହିତ ଆୟ ବ୍ୟୟର ସମୀକ୍ଷା ପଠନ କରିଥିବା ବେଳେ ଡ଼. ସୁରେନ୍ଦ୍ର କୁମାର ପଟେଲ ସଭାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଗୁଡ଼ି ସଭାପତି ସଂଗଠନର ଉନ୍ନତି ସକାଶେ ନିଜସ୍ୱ ମତ ରଖିଥିଲେ । ସଂଗଠନର ସମ୍ପାଦକ ଅସୀମ ପଟେଲଙ୍କ ସଂଗଠନର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରାଞ୍ଜଳ ଭାବରେ ଆଲୋକପାତ କରିବା ସହିତ ଗ୍ରାମ୍ୟ ଗୁଡ଼ି ଠାରୁ ଆରମ୍ଭ କରି ଗୁଡ଼ି କମିଟି, ମଣ୍ଡଳ କମିଟି ଓ ଆଞ୍ଚଳିକ କମିଟି କିପରି ଭାବରେ ସୁଦୃଢ଼ ହେବ ତା ଉପରେ ଗୁରୁତ୍ୱ ଦେଇଥିଲେ । ତାପରେ ସର୍ବ ସମ୍ମତି କ୍ରମେ କୋର କମିଟି ଏବଂ ଏକ ଉପ କମିଟି ଗଠନ କରାଗଲା । ଗମ୍ଭାରୀଡ଼ିହି ଗୁଡ଼ି ସଭାପତି ପ୍ରଦୀପ କୁମାର ପଟେଲ ବୈଠକ ଆୟୋଜନ କରିଥିବା ବେଳେ ପ୍ରାୟ ପ୍ରତ୍ୟେକ ଗୁଡିର କର୍ମକର୍ତ୍ତା ଯୋଗଦାନ କରିଥିଲେ । ବୈଠକରେ ଯୁଧିଷ୍ଠିର ଚୌଧୁରୀ, ଆଞ୍ଚଳିକ କମିଟି ସଭାପତି ଜୟ ମଙ୍ଗଳ ପଟେଲ, ଉପ ସଭାପତି ଶ୍ରୀମତୀ ଜାହ୍ନବୀ ପଟେଲ ସମେତ ସଂଗଠନର ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

### ମନରେଗାରୁ ମାଲାମାଲ
# ସରିବ ଗାଦି, ବଢ଼ିଲା ସମ୍ପତ୍ତି
### ଭିଜିଲାନ୍ସ ତଦନ୍ତ ଦାବିରେ କାକଟପୁର-ଅସ୍ତରଙ୍ଗ ଜନତା

କାକଟପୁର/ଅସ୍ତରଙ୍ଗ,୨୮।୯ (ସଂଚାର ବ୍ୟୁରୋ): ଗାଦି ଯିବାକୁ ବସିଲାଣି, ହେଲେ ସମ୍ପତ୍ତି ବଢ଼ି ବଢ଼ି ଚାଲିଛି। ସାଇକେଲରୁ ସିଧା ଦାମୀ ଚାରି ଚକିଆ , ଚାଳ ଘରୁ ମାର୍ବଲ ଚକାଚକ କୋଠା। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏବେ ଏହି ଚର୍ଚ୍ଚା। ୫ ବର୍ଷର ସରପଞ୍ଚ କାର୍ଯ୍ୟକାଳରେ କୋଟି କୋଟି ଟଙ୍କାର ସମ୍ପତ୍ତି କେମିତି ବଢ଼ିଲା ତାକୁ ନେଇ ଭୋଟରଙ୍କ ମନରେ ପ୍ରଶ୍ନ।

୨୦୨୨ ମସିହା ପଞ୍ଚାୟତ ନିର୍ବାଚନ ହୋଇଥିଲା। ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ କାର୍ଯ୍ୟକାଳ ଆଉ ୪ରୁ ୫ ମାସ ରହିଛି। ଆସନ୍ତା ୨୦୨୭ ପୁଣି ନିର୍ବାଚନ। ନୂଆ ବର୍ଷ ଆରମ୍ଭରୁ ବିଜ୍ଞପ୍ତି ପ୍ରକାଶ ପାଇବ, ଆଚରଣ ବିଧି ଲାଗୁ ହେବ। କିନ୍ତୁ ଯିବା ବେଳେ ହିସାବ କିଏ ଦେବ? ଏହାକୁ ନେଇ ପ୍ରତି ଗାଁରେ ଚର୍ଚ୍ଚା ଜୋର ଧରିଛି।

ଭୋଟର ପଚାରୁଛନ୍ତି, ୨୦୨୨ରେ ନିର୍ବାଚନ ବେଳେ ହାତ ଯୋଡି ସାଇକେଲରେ ଘର ଘର ବୁଲୁଥିବା ପ୍ରାର୍ଥୀ ଆଜି ପଲସର, ବୁଲେଟ୍, ଚାରି ଚକିଆ ଗାଡିରେ କେମିତି ବୁଲୁଛନ୍ତି? ସେତେବେଳେ ଚାଳ ଘର ଥିଲା, ଏବେ ମାର୍ବଲ ଲାଗିଥିବା ଦୁଇ ମହଲା କୋଠା, ଭୁବନେଶ୍ୱରରେ ଫ୍ଲାଟ, ଜାଗା କିଣା, ବ୍ୟାଙ୍କ ବାଲାନ୍ସ ବଢ଼ିଲା କେମିତି? ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଜିତିଥିବା ସରପଞ୍ଚ ଏବେ ୨ରୁ ୫ କୋଟିର ମାଲିକ ହେଲେ କେମିତି?

ଅଭିଯୋଗ ହେଉଛି, ଅଧିକାଂଶ ସରପଞ୍ଚ ନିଜ ନାଁରେ ନୁହେଁ, ସ୍ୱାମୀ, ପୁଅ, ଭାଇ ନାଁରେ ଠିକାଦାରୀ କରୁଛନ୍ତି। ସରପଞ୍ଚଙ୍କ ସ୍ୱାମୀ ଏବେ ପଞ୍ଚାୟତର ମୁଖ୍ୟ ଠିକାଦାର। ନିଜ ପଞ୍ଚାୟତର ୨ରୁ ୩ କୋଟି ଟଙ୍କାର କାମ ନିଜେ ହାତେଇଛନ୍ତି। ମନରେଗା ବିଲ ହଡପ, ଜବ କାର୍ଡରେ ଫର୍ଜି ମଷ୍ଟର ରୋଲ, ଆବାସ ଯୋଜନାରେ ପିସି, ରାସ୍ତା, ପୋଖରୀ, ସ୍କୁଲ ମରାମତିରେ ୨୦ ପ୍ରତିଶତ କମିଶନ। ଏହା ମୁଖ୍ୟ ରୋଜଗାର ପାଲଟିଛି।

ଆହୁରି ସାଙ୍ଘାତିକ କଥା, ସରକାର ସମସ୍ତ ସରପଞ୍ଚଙ୍କ ସମ୍ପତ୍ତି ତାଲିକା ପଞ୍ଚାୟତ ନୋଟିସ ବୋର୍ଡରେ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଗୋଟିଏ ବି ପଞ୍ଚାୟତରେ ତାଲିକା ଲାଗି ନାହିଁ। ୫ ବର୍ଷ ହେଲା କୁନ୍ତୁକୁନ୍ତୁ ହୋଇ ରହିଛନ୍ତି। କାହିଁକି ଭୟ? କଣ ଲୁଚାଉଛନ୍ତି?

ବୁଦ୍ଧିଜୀବୀ ମହଲରେ ଦାବି ଉଠିଛି, ମନରେଗାରୁ ମାଲାମାଲ ହୋଇଥିବା ସରପଞ୍ଚଙ୍କ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ ହେଉ। ସମ୍ପତ୍ତି ତାଲିକା ସାର୍ବଜନୀନ ହେଲେ ସତ ସାମ୍ନାକୁ ଆସିବ। ନହେଲେ ଆଗାମୀ ନିର୍ବାଚନରେ ପୁଣି ସେହି ମାଲାମାଲ ନେତା ଟଙ୍କା ବାଣ୍ଟି ଗାଦି ହାତେଇବେ ବୋଲି ଭୋଟର କହୁଛନ୍ତି।

## ସେବା ସେତୁ ଅଭିଯାନ ଓ ଯୁଗ୍ମ ଜନଶୁଣାଣି ଶିବିର



କାଲିମେଲା,୨୮।୯ (ସଂଚାର ବ୍ୟୁରୋ): କାଲିମେଲା ପଞ୍ଚାୟତ ସମିତି ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ସେବା ସେତୁ ଅଭିଯାନ ଶିବିର ଏବଂ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ସିଡିଓ-କମ୍-ଇଓ ଦାଶରଥି ସରାବ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, କାଲିମେଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସୋଡ଼ି, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଜନତାଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସିଧାସଳଖ ଶୁଣାଣି କରିବା ସହ ତାହାର ତୁରନ୍ତ ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଶିବିରରେ ମୋଟ ୧୦୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିବା ବେଳେ ୪୯ଟି ଗ୍ରାମୀଣ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା।

ଏହି ଅବସରରେ କାଲିମେଲା ତହସିଲ ଅନ୍ତର୍ଗତ ଟେକଗୁଡ଼ା, ପଦ୍ମପୁର, ରବଗୁଡ଼ା ଓ କୋଟମେଟଲା ଗ୍ରାମର ହିତାଧିକାରୀଙ୍କୁ ମୋଟ ୧୧୩ଟି ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ କରାଯାଇଛି।

# ବର୍ଷାଦିନେ ଦେଖାଦିଏ ଫଙ୍ଗାଲ ଇନଫେକ୍ସନ

ପାଣିପାଗର ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଥାଏ। ବର୍ଷା ହେବା ମାତ୍ରେ ଅସୁସ୍ଥ ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ। ଏହି ଋତୁରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏଥିସହ ସ୍କିନ୍ ଏବଂ ହାର୍ଟ ଉପରେ ମଧ୍ୟ ଅଧିକ ପ୍ରଭାବ ପଡ଼ିଥାଏ। ଆପଣମାନେ ଜାଣିରଖନ୍ତୁ ଯେ, ବର୍ଷା ଋତୁରେ ଫଙ୍ଗାଲ ଇନଫେକ୍ସନର ଆଶଙ୍କା ବଢ଼ିଯାଇଥାଏ। ଏହି ଋତୁରେ ବେଶୀ ଫଙ୍ଗାଲ ସଂକ୍ରମଣ ବୃଦ୍ଧି ପାଇଥାଏ। ଜୋତା, ମୋଜା କିମ୍ବା ପୋଷାକ ପ୍ରାୟତଃ ବର୍ଷାରେ ଓଦା ହୋଇଯାଏ, ଫଳରେ ସଂକ୍ରମଣ ବୃଦ୍ଧି ପାଏ। ଏହି ଆର୍ଦ୍ରତାରେ ସଂକ୍ରମଣ ଶୀଘ୍ର ବ୍ୟାପିଥାଏ। ଚର୍ମ, ନଖ ଏବଂ କେଶ ସଂକ୍ରମଣର କାରଣ ହୋଇପାରେ। ଏହା ବ୍ୟତୀତ, ଓଦାରେ ଚାଲିବା, ସଂକ୍ରମିତ ବ୍ୟକ୍ତିଙ୍କ ବାସନକୁସନ କିମ୍ବା ଗାଧୋଇବା ଜିନିଷ ବ୍ୟବହାର କରିବା ଦ୍ୱାରା ମଧ୍ୟ ଏହା ବ୍ୟାପିଥାଏ। ଏଥିସହ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ପାଇଁ ବୃଦ୍ଧ ଏବଂ ପିଲାମାନଙ୍କୁ ଶୀଘ୍ର ସଂକ୍ରମିତ ହୁଏ। ଯଦି ସମୟ ମଧ୍ୟରେ ଚିକିତ୍ସା ନ କରାଯାଏ, ତେବେ ସଂକ୍ରମଣ ଗୁରୁତର ହୋଇପାରେ। ଫଙ୍ଗାଲ ସଂକ୍ରମଣ ଚର୍ମ, ନଖ, କେଶ ଏବଂ କେତେକ ସମୟରେ ଶରୀରର ଅନ୍ୟାନ୍ୟ ଅଂଶକୁ ପ୍ରଭାବିତ କରିପାରେ। କୁଣ୍ଡାଇ ହେବା, ଲାଲ ପଡିଯିବା ଏବଂ ଚର୍ମରେ ଜଳାପୋଡ଼ା ହେବା ହେଉଛି ସବୁଠାରୁ ସାଧାରଣ ଲକ୍ଷଣ।ନଖରେ ସଂକ୍ରମଣ ହେବା ଦ୍ୱାରା ନଖ ଭାଙ୍ଗିବାର ସମସ୍ୟା ବଢାଇଦିଏ। ଯଦି ସଂକ୍ରମଣର ସମୟ ମଧ୍ୟରେ ଚିକିତ୍ସା ନ କରାଯାଏ, ତେବେ ଏହା ଶରୀରର ଅନ୍ୟ ଅଂଶକୁ ବ୍ୟାପିପାରେ। ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି କିମ୍ବା ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହି ସଂକ୍ରମଣ ଗମ୍ଭୀର ରୂପ ନେଇପାରେ। କେତେକ ସମୟରେ ଫଙ୍ଗସ୍ ରକ୍ତ ସଂକ୍ରମଣ କିମ୍ବା ଚର୍ମରେ ଗଭୀର ଫୋଟକା ସୃଷ୍ଟି କରିପାରେ। ତେଣୁ, ବର୍ଷା ଋତୁରେ ସତର୍କ ରହିବା ଏବଂ ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସର୍ବପ୍ରଥମେ, ଚର୍ମରେ କୁଣ୍ଡାଇ ଏବଂ ଜଳାପୋଡ଼ା ଅନୁଭବ ହୁଏ। ଏହା ପରେ, ଲାଲ ଫୋଟକା ଦେଖାଯାଇପାରେ। ପାଦରେ କବକ ସଂକ୍ରମଣ ପ୍ରାୟତଃ ପାଦ ମଧ୍ୟରେ ଧଳା ସ୍ତର କିମ୍ବା ଫାଟ ଦେଖାଏ। ଗୁରୁତର କ୍ଷେତ୍ରରେ, ଚର୍ମରେ ଗଭୀର ଫୋଟକା ସୃଷ୍ଟି ହୋଇପାରେ, ଯାହା ସଂକ୍ରମଣ ଏବଂ ଯନ୍ତ୍ରଣାକୁ ବୃଦ୍ଧି କରେ। ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ ଉପଯୁକ୍ତ ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ସଂକ୍ରମଣ ବ୍ୟାପିବାରୁ ରୋକାଯାଇପାରିବ। ବର୍ଷାରେ ଓଦା ଜୋତା, ମୋଜା ଏବଂ ପୋଷାକ ପରିବର୍ତ୍ତନ କରନ୍ତୁ ଏବଂ ଆପଣଙ୍କ ପାଦକୁ ଶୁଖାନ୍ତୁ। ଏଥିସହ ଅନ୍ୟମାନଙ୍କର ବାସନକୁସନ, ତଉଲିଆ କିମ୍ବା ଜୋତା ବ୍ୟବହାର କରନ୍ତୁ ନାହିଁ। ଶରୀରକୁ ସଫା ଏବଂ ଶୁଖିଲା ରଖନ୍ତୁ, ନିୟମିତ ସ୍ନାନ କରନ୍ତୁ। ଆପଣମାନେ ଜାଣିରଖନ୍ତୁ ଯେ, ପାଦ ଏବଂ ଚର୍ମର ଓଦା ଅଂଶରେ ଆଣ୍ଟିଫଙ୍ଗାଲ୍ ପାଉଡର କିମ୍ବା କ୍ରିମ୍ ବ୍ୟବହାର କରନ୍ତୁ। ଏଥିସହ ସଂକ୍ରମଣର ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ବର୍ଷାଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ।

ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି। ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ । ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

# ଲାଇଟ୍ ବନ୍ଦ କରି ଶୋଇଲେ ହୃଦୟକୁ ଲାଭ ମିଳେ

ଆମେ ସମସ୍ତେ ଜାଣିଛେ ସୁସ୍ଥ ଶରୀର ପାଇଁ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆମେ ଶୋଇଥାଉ, ଆମର ଶରୀର ଆରାମ କରିଥାଏ । ଶାରିରୀକ ଏବଂ ମାନସିକ ସୁସ୍ଥତା ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ସହ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ । ତେବେ ଆମେ କିପରି ଶୋଇବା, କିମ୍ବା କେଉଁ ପରିବେଶରେ ଶୋଇବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆପଣ କ'ଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ଅନ୍ଧାର, ଅଳ୍ପ ଆଲୋକ କିମ୍ବା ଅଧିକ ଲାଇଟ୍ରେ ଶୋଇବା ଆପଣଙ୍କ ହୃଦୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା ଏହି ରିପୋର୍ଟ ବିଷୟରେ ।

**ଡିମ୍ ଆଲୋକ:** ଗବେଷଣାରୁ ଜଣାପଡ଼ିଛି ଯେ, ଡିମ୍ ଆଲୋକ ସହିତ ଶୋଇବା ଦ୍ୱାରା ଶରୀରର ପ୍ରାକୃତିକ ସର୍କାଡିଆନ୍ ବାଧାପ୍ରାପ୍ତ ହୁଏ, ଯାହା ଜୈବିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରେ । ଶରୀର ଏହି ପ୍ରାକୃତିକ ଜୈବିକ ଚକ୍ରଗୁଡ଼ିକୁ ବ୍ୟବହାର କରି ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ପ୍ରଣାଳୀ ସମେତ ଏହାର ଅଙ୍ଗଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିଥାଏ । ରାତି ସମୟରେ ଡିମ୍ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନ ହୁଏ ।

**ସମ୍ପୂର୍ଣ୍ଣ ଅନ୍ଧାରର ଲାଭ:** ଆପଣଙ୍କ ଶୟନ କକ୍ଷରେ ଲାଇଟ୍ ଅଫ ନପଡିବା ଆପଣଙ୍କୁ ଅଧିକ ସମୟ ପାଇଁ ନିଦ୍ରା ବଜାୟ ରଖିବା ସହିତ ଶୀଘ୍ର ଶୋଇବାକୁ ସକ୍ଷମ କରିଥାଏ । ଉତ୍ତମ ନିଦ୍ରା ଗୁଣବତ୍ତା ଉନ୍ନତ ମନୋଭାବ, ଚାପ ହ୍ରାସ କରିଥାଏ, ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିଥାଏ ଏବଂ ଆପଣଙ୍କ ଭୋକ ଏବଂ ହରମୋନକୁ ନିୟନ୍ତ୍ରଣ କରିଥାଏ । ବ୍ଲାକଆଉଟ୍ ପରଦା, ଆଖି ମାସ୍କ ଏବଂ ଇଲେକ୍ଟ୍ରୋନିକ୍ ଆଲୋକ ଉତ୍ସ ଅପସାରଣର ମିଶ୍ରଣ ଏକ ଉପଯୁକ୍ତ ନିଦ୍ରା ପରିବେଶ ସୃଷ୍ଟି କରିଥାଏ । ଲାଇଟ୍ ଅଫ୍ କରି ଅନ୍ଧାରରେ ଶୋଇବା ଦ୍ୱାରା ହୃଦୟକୁ ଲାଭ ମିଳିଥାଏ । ଗବେଷଣାରୁ ଜଣାପଡିଛି କି, ଶୋଇବା ସମୟରେ ଯେକୌଣସି ଆଲୋକ ଉପସ୍ଥିତି ମସ୍ତିଷ୍କ ଚାପ ସୃଷ୍ଟି କରେ । ମସ୍ତିଷ୍କ ଚାପ ପ୍ରତିକ୍ରିୟା ଧମନୀ ପ୍ରବାହ ସୃଷ୍ଟି କରେ, ଯାହା ଦୀର୍ଘ ସମୟ ମଧ୍ୟରେ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରେ। ୧୦ ବର୍ଷର ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଶୋଇବା ସମୟରେ ଆଲୋକ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କର ହୃଦୟ ଉପରେ ପ୍ରଭାବ ପଡିବା ସମ୍ଭାବନା ଅଧିକ ଥାଏ । ହୃଦୟ ମସ୍ତିଷ୍କ ସହିତ ସିଧାସଳଖ ସମ୍ପର୍କ ବଜାୟ ରଖେ, ତେଣୁ ଧମନୀ କ୍ଷତି ବ୍ୟାପକ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ । ଅନ୍ଧାରରେ ଶରୀରରେ ମେଲାଟୋନିନ୍ ସୃଷ୍ଟି ହୁଏ, ଯାହା ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରେ।



# ସକାଳର ୧୦ଟି ଅଭ୍ୟାସ ଆପଣଙ୍କ ପିଲାଙ୍କୁ କରିବ ସ୍ମାର୍ଟ



ସକାଳ ହେଉଛି ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ବିଶେଷକରି ପିଲାମାନଙ୍କ ପାଇଁ। ଉଠିବା ପରେ ଆପଣଙ୍କ ପିଲା ଯାହା କରେ ତାହା ସାରା ଦିନ ସେମାନଙ୍କର ଚିନ୍ତାଧାରା, ଶିକ୍ଷଣ ଏବଂ ଆଚରଣକୁ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଏକ ସୁନ୍ଦର ସକାଳର ରୁଟିନ୍ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ, ଆତ୍ମବିଶ୍ୱାସକୁ ବୃଦ୍ଧି ଏବଂ ସୁସ୍ଥ ବିକାଶକୁ ପ୍ରୋତ୍ସାହିତ କରିପାରିବ। ଯଦି ସକାଳ ଶାନ୍ତ, ସଂଗଠିତ ଏବଂ ସୁସ୍ଥ ହୋଇଥାଏ, ତେବେ ପିଲାମାନେ ଆତ୍ମବିଶ୍ୱାସ ଏବଂ ତୀକ୍ଷ୍ଣତାରେ ପୂର୍ଣ୍ଣ ସେମାନଙ୍କର ଦିନକୁ ପ୍ରବେଶ କରନ୍ତି। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଅଭ୍ୟାସ କରିବାକୁ ଥିବା ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ବିଷୟରେ ଯାହା ପ୍ରମୁଖ ପରିବର୍ତ୍ତନ ଆଣିବ।

**ଶୀଘ୍ର ଉଠିବା:** ଜଲଦି ଉଠିବା ଦ୍ୱାରା ଆପଣଙ୍କ ପିଲାକୁ ଦିନଟି ଶାନ୍ତ ଭାବରେ ଆରମ୍ଭ କରିବା ପାଇଁ ସମୟ ମିଳିଥାଏ। ଏହା ଚାପ ହ୍ରାସ କରେ ଏବଂ ସେମାନଙ୍କୁ ଅଧିକ ସତର୍କ ଏବଂ ଶିଖିବା ପାଇଁ ପ୍ରସ୍ତୁତ ଅନୁଭବ କରାଏ।

**ଗୋଟିଏ ଗ୍ଲାସ ପାଣି ପିଅନ୍ତୁ:** ସକାଳେ ଉଠିବା ମାତ୍ରେ ପାଣି ପିଇବା ଦ୍ୱାରା ମନ ଜାଗ୍ରତ ହୁଏ। ଏକାଗ୍ରତା ଏବଂ ଶକ୍ତି ସ୍ତର ବୃଦ୍ଧି ପାଏ। ଯାହା ପିଲାମାନଙ୍କୁ ସତେଜ ଅନୁଭବ କରାଏ ।

**ହାଲୁକା ବ୍ୟାୟାମ କିମ୍ବା ଷ୍ଟ୍ରେଚିଂ କରନ୍ତୁ:** ହାଲୁକା ଷ୍ଟ୍ରେଚିଂ କିମ୍ବା ହାଲୁକା ଚାଲିବା ଦ୍ୱାରା ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଏ। ଏହା ମନୋଭାବ ଏବଂ ସତର୍କତା ମଧ୍ୟ ଉନ୍ନତ କରେ।

**ସୁସ୍ଥ ଜଳଖିଆ ଖାଆନ୍ତୁ:** ସୁସ୍ଥ ଜଳଖିଆ ମସ୍ତିଷ୍କକୁ ଶକ୍ତି ପ୍ରଦାନ କରେ। ଭଲ ଏକାଗ୍ରତା ପାଇଁ ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍, ଫାଇବର ଏବଂ ଫଳ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଉଠିବା ପରେ ସ୍କ୍ରିନ୍ରୁ ଦୂରେଇ ରୁହନ୍ତୁ:** ସକାଳେ ଅତ୍ୟଧିକ ସ୍କ୍ରିନ୍ ସମୟ ପିଲାମାନଙ୍କୁ କ୍ଳାନ୍ତ କରିପାରେ କିମ୍ବା ସେମାନଙ୍କୁ ବିଚଳିତ କରିପାରେ। ଏହା ବଦଳରେ, ଧ୍ୟାନ ଖେଳ, ଅଧ୍ୟୟନ କିମ୍ବା କଥାବାର୍ତ୍ତା କରି ସମୟ ବିତାନ୍ତୁ।

**ସକାରାତ୍ମକ ଚିନ୍ତାଧାରା ଅଭ୍ୟାସ କରନ୍ତୁ:** ସକାରାତ୍ମକ ମନୋଭାବ ସହିତ ଦିନଟି ଆରମ୍ଭ କରିବା ଦ୍ୱାରା ଆତ୍ମବିଶ୍ୱାସ ଏବଂ ସୁସ୍ଥ ଦୃଷ୍ଟିକୋଣ ବିକାଶ କରିବାରେ ସାହାଯ୍ୟ କରେ। ଆପଣ ଆପଣଙ୍କ ପିଲାକୁ ଏପରି ଏକ ଜିନିଷର ନାମ ଦେବାକୁ କହିପାରିବେ ଯାହା ପାଇଁ ସେ କୃତଜ୍ଞ।

**ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରନ୍ତୁ:** ଆପଣଙ୍କ ପିଲାକୁ ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରନ୍ତୁ, ଯେପରିକି ଘର କାର୍ଯ୍ୟ କରିବା କିମ୍ବା ଅନ୍ୟ କାହାକୁ ସାହାଯ୍ୟ କରିବା। ଏହା ଯୋଜନା ଏବଂ ଦାୟିତ୍ୱବୋଧକୁ ବିକଶିତ କରେ।

**ସଙ୍ଗୀତ କିମ୍ବା ପ୍ରକୃତିର ଶବ୍ଦ ଶୁଣନ୍ତୁ:** ଶାନ୍ତିଦାୟକ ସଙ୍ଗୀତ ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଏବଂ ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ସାରା ଦିନ ଏକ ଶାନ୍ତ ପରିବେଶ ମଧ୍ୟ ବଜାୟ ରଖେ।

**ପଢିବାକୁ ଉତ୍ସାହିତ କରନ୍ତୁ:** ସକାଳେ ଏକ ଛୋଟ କାହାଣୀ କିମ୍ବା ଏହାର କିଛି ପୃଷ୍ଠା ପଢିବା ଦ୍ୱାରା ଶବ୍ଦାବଳୀ ଏବଂ କଳ୍ପନାଶକ୍ତି ବୃଦ୍ଧି ପାଏ। ଏହା ପଢିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି କରେ।

**ଆଲିଙ୍ଗନ କରି ଉତ୍ସାହ ବଢାନ୍ତୁ:** ଆଲିଙ୍ଗନ କିମ୍ବା ଉତ୍ସାହଜନକ ଶବ୍ଦ ପିଲାର ଭାବପ୍ରବଣ ଶକ୍ତିକୁ ବୃଦ୍ଧି କରେ। ପିଲାମାନେ ପ୍ରେମ- ସ୍ନେହ ପାଇଲେ ଅଧିକ ସୁରକ୍ଷିତ ଏବଂ ଶିଖିବା ପାଇଁ ଭଲ ଭାବରେ ପ୍ରସ୍ତୁତ ଅନୁଭବ କରନ୍ତି।

# ପ୍ରଶାସନ ପକ୍ଷରୁ ୧୫୫୬ ସେଣ୍ଟରରେ ଆଙ୍ଗନ୍‌କା ଉତ୍ସବ



**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ)**: ରାଜ୍ୟ ସରକାର 'ଆଙ୍ଗନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଗତକାଲି ୨୭ ତାରିଖ ରୁ ୨୯ ସେପ୍ଟେମ୍ବର ଯାଏ ସୋନପୁର ବ୍ଲକ ର ୨୪୦ ଟି ଓ ସୁବର୍ଣ୍ଣପୁର ଜିଲ୍ଲା ର ୧୫୫୬ ଟି ଅଙ୍ଗନବାଡି ସେଣ୍ଟରରେ 'ଆଙ୍ଗନ' କା ଉତ୍ସବ ସେବା ସଂକଳ୍ପ ଅଭିଯାନ ପାଳନ ଆରମ୍ଭ କରାଯାଇଛି। ଗତକାଲି ଅଙ୍ଗନବାଡି ସେଣ୍ଟର ର ପ୍ରତ୍ୟେକ ପରିବାର ସଦସ୍ୟ ଙ୍କ ଦ୍ୱାରା 'ରେସିପି' ପ୍ରଦର୍ଶନ ପିଠା ପଣା ପ୍ରସ୍ତୁତି ଓ ବାପା ମାଆ ମାନଙ୍କ ପାଇଁ 'ରେସିପି' ପ୍ରତି ଯୋଗୀତା ଅନୁଷ୍ଠିତ ହୋଇଥିଲା। ଏ ଉତ୍ସବର ଦ୍ୱିତୀୟ ଦିବସ ରେ କୁନି କୁନି ଛୁଆ ଙ୍କ ଖେଳ ଚିତ୍ରାଙ୍କନ, ନାଚଗୀତ ଇତ୍ୟାଦି କାର୍ଯ୍ୟକ୍ରମ ସବୁ ଅଂଗନବାଡି ସେଣ୍ଟର ରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ପରିପେକ୍ଷୀରେ କମ୍ୟୁନିଟୀ ସେଣ୍ଟର ର ସଦସ୍ୟ, ସୁପର୍ ଭାଇଜର, ସି ଡି ପି ଓ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତ୍ୟେକ ଶିଶୁ ଙ୍କୁ ପ୍ୟାକେଜ ଲସି ଫଳ ଓ ମାଣ୍ଡିଆ କୁକିଜ ପ୍ରଦାନ କରା ଯାଇଥିଲା। ଅଜା ଆଈ ମାନେ ମୋଡେଲ ଶିକ୍ଷା ଉପରେ ବିଭିନ୍ନ ଗପ କହି ଶିଶୁ ଙ୍କୁ ଖୁସି କରାଇ ଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୋନପୁର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୨୯ ତାରିଖ ଯାଏ ବିଭିନ୍ନ କାର୍ଯ୍ୟ କ୍ରମ ଚାଲିବ ବୋଲି ପ୍ରକଳ୍ପ ଅଧିକାରୀ ସୂଚନା ଦେଇଛନ୍ତି। ସୋନପୁର ବ୍ଲକ ରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସାଗରିକା ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ରେ ଏବଂ ଜିଲ୍ଲାରେ ଡି ଏସ ଡ଼ବ୍ଲୁ ଓ ବୀଣାପାଣି ମିଶ୍ର ଙ୍କ ତତ୍ତ୍ୱାବଧାନରେ ର ଏହି ଉତ୍ସବ ର ସମସ୍ତ କାର୍ଯ୍ୟକ୍ରମ ପରି ଚାଳଣା କରା ଯାଉଥିବା ସୂଚନା ମିଳିଛି ।

# ବିପଦ ସଙ୍କୁଳ ଅବସ୍ଥାରେ ନାଖରା ପୋଲ



**ବୈଶିଙ୍ଗା,୨୮।୯ (ସଂଚାର ବ୍ୟୁରୋ)**: ବୈଶିଙ୍ଗା - ମାଣତ୍ରୀ ସହିତ ଠାକୁରମୁଣ୍ଡା ରୁ ବରହମପୁର (ରୁଷ୍ୱା) ପର୍ଯ୍ୟନ୍ତ ରାଜ୍ୟ ରାଜପଥ ର ମୂଖ୍ୟ ବାଧକ ସାଜିଛି ବୁଢ଼ାବଳଙ୍ଗ ନଦୀ ଉପରେ ନିର୍ମିତ ନାଖରା ସେତୁ। ଏହି ରାଜ୍ୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଞ୍ଚ ବର୍ଷ ଧରି ଚାଲୁ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ଛୋଟ ବଡ ପୋଲ ହେବା ସହିତ ଆବଶ୍ୟକ ସ୍ଥଳେ ରାସ୍ତାକୁ ଉଚ୍ଚା କରାଯାଇଛି। ମାତ୍ର ମୂଖ୍ୟ ପ୍ରତିବନ୍ଧକ ସାଜିଥିବା ନାଖରା ସେତୁ ଟି ପୂର୍ବଭଳି ନିଚ୍ଚା ରହିଛି। ଫଳରେ ବୁଢ଼ାବଳଙ୍ଗରେ ବନ୍ୟା ଆସିବା ମାତ୍ରେ ପୋଲ ଉପରେ ପାଣି ପ୍ରବାହିତ ହେବା ଯୋଗୁଁ ଯୋଗା ଯୋଗ ବିଚ୍ଛିନ୍ନ ହୋଇଯାଏ। ୧୯୮୫ ମସିହାରେ ତତ୍କାଳୀନ ମୂଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ସେତୁର ଶିଳାନ୍ୟାସ କରିବା ପରେ ନିର୍ମିତ ମଧ୍ୟ ହୋଇଥିଲା। ମାତ୍ର ସେତେ ବେଳେ ଦୂରଦୃଷ୍ଟି ଅଭାବରୁ ସେତୁର ସ୍ଥାୟିତ୍ୱ ଓ ପରବର୍ତ୍ତି ସମୟରେ ଏହାର ଉପାଦେୟତା ପ୍ରତି ଅବଲୋକନ କରାଯାଇନଥିଲା। ବାରମ୍ବାର ବନ୍ୟା ଆସିବା ଯୋଗୁଁ ସେତୁ ପ୍ରତି ବିପଦ ବଢ଼ି ଚାଲିବା ସହିତ ଉଭୟ ପାର୍ଶ୍ୱ ବାଡା ପ୍ରତି ମଧ୍ୟ ବିପଦ ଥିବାର ଅନୁଧ୍ୟାନରୁ ଜଣାପଡ଼ିଛି। ଏବର୍ଷର ଚତୁର୍ଥ ବନ୍ୟା ଆସିବା ଯୋଗୁଁ ଗୋଟିଏ ପାର୍ଶ୍ୱର ୫୦ ଫୁଟ ବାଡା ଭାଙ୍ଗି ଯିବା ସହିତ ଅନ୍ୟ ପାର୍ଶ୍ୱର ବାଡା ବାଙ୍କି ଯାଇଥିବାର ଲକ୍ଷ୍ୟ କରାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ସୁଦ୍ଧା ଅଣଦେଖା କରିବା ଅର୍ଥ ବିପଦକୁ ଡାକି ଆଣିବାର ସ୍ଥିତି ସୃଷ୍ଟି ହୋଇଛି।

# ବନ୍ୟଜନ୍ତୁ ସପ୍ତାହ ପାଳନ ପାଇଁ ବନ ଖଣ୍ଡ ବିଭାଗର ପ୍ରସ୍ତୁତି



**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ଠାରେ ବନ୍ୟଜନ୍ତୁ ସପ୍ତାହ ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ଏହି ଅବସରରେ ବନ୍ୟଜନ୍ତୁ ଙ୍କ ସୁରକ୍ଷା କୁ ନେଇ ସ୍କୁଲ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କୁଇଜ୍ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଙ୍କ ତତ୍ତ୍ୱବଧାନରେ ଏ ସି ଏଫ୍ ମନୋରଞ୍ଜନ ବାଗ, ଅଧ୍ୟାପକ ଉମାକାନ୍ତ ନାଗ, ପରିବେଶ ବିଦ୍ ଗୋବିନ୍ଦ ମହାରଣା ଅତିଥି ଭାବରେ ଯୋଗ ଦେଇଥିଲେ। ଏସ ଏମ୍ ଏସ ପ୍ରକାଶ ସାହୁ ସଭା ସଂଯୋଜନା କରିଥିଲେ। ସଭାରେ ବୁଦ୍ଧିଜୀବି, ସାମ୍ବାଦିକ, ସମସ୍ତ କର୍ମଚାରୀ ଗଜ ସାଥୀ, ସ୍କ୍ୱାର୍ଡ ଉପସ୍ଥିତ ଥିଲେ।

# କାଠ ସଂଗ୍ରହ ବେଳେ ମହୁମାଛି ଆକ୍ରମଣ: ୪ ଆହତ

**ତୁମୁଡ଼ିବନ୍ଧ,୨୮।୯ (ସଂଚାର ବ୍ୟୁରୋ)**: ଜାଳେଣି କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବାବେଳେ ମହୁମାଛି ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଡଙ୍ଗରପଦର ଗ୍ରାମ ନିକଟସ୍ଥ ଭୀମା ଡଙ୍ଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆଜି ସକାଳେ ଡଙ୍ଗରପଦର ଗ୍ରାମର କିଛି ଲୋକ ଘର ପାଇଁ ଜାଳେଣି କାଠ ସଂଗ୍ରହ କରିବା ଉଦ୍ଦେଶ୍ୟରେ ନିକଟସ୍ଥ ଭୀମା ଡଙ୍ଗରକୁ ଯାଇଥିଲେ। ସେମାନେ ଜଙ୍ଗଲରେ କାଠ ସଂଗ୍ରହ କରୁଥିବା ସମୟରେ ହଠାତ୍ ଏକ ମହୁମାଛି ଦଳ ସେମାନଙ୍କ ଉପରେ ଆକ୍ରମଣ କରିଥିଲା। ଏଥିରେ ୪ ଜଣ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ)**: ଚଳିତ ବର୍ଷ ୫୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ଦିନ ସିତଲାଇ କଲ୍ୟାଣ ମଣ୍ଡପ, ଘୋଡ଼ାଘାଟପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଆଲୋଚନା ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ସଭାପତି - ଆଶିଷ କୁମାର ନାୟକ, ସମ୍ପାଦକ - ପଦ୍ମଲୋଚନ ମହଲା, ଉପ ସଭାପତି - ଶିବଦତ୍ତ ପୂଜାହାରୀ କୋଷାଧ୍ୟକ୍ଷ - ଶଶିଭୂଷଣ ପାଣିଗ୍ରାହୀ ସଂସ୍କୃତି ସମ୍ପାଦକ - ଅଭିଷେକ ପଣ୍ଡା ଙ୍କୁ ଚୟନ କରାଯାଇଥିଲା ଉପଦେଷ୍ଟା କମିଟି ସଦସ୍ୟରେ ଶ୍ରୀବତ୍ସ ମଲ୍ଲିକ, ହିମାଂଶୁ ଶତପଥୀ, ଭିକାରୀ ଗୁରୁ, ଟୁନା ଦାସ, ପ୍ରଭାତ କିଶୋର ଦାନି, ଯଶୋବନ୍ତ ମହଲା, ସୋମନାଥ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ମୃତ୍ୟୁଞ୍ଜୟ ବକ୍ସି ଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ଧୁମଧାମ ରେ ପାଳନ କରିବା ପାଇଁ ସ୍ଥିର କରାଯାଇଥାଲା, ସମସ୍ତ ଙ୍କ ସହଯୋଗରେ ରାମ ମେହେର, ସତ୍ୟଜିତ୍ ସାହୁ, ତାପସ ରଞ୍ଜନ ମହାନ୍ତି, ଶ୍ରୀକାନ୍ତ ମହାନ୍ତି ଶେଷରେ ସମ୍ପାଦକ ପଦ୍ମଲୋଚନ ମହଲା ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

# ଗାଁକୁ ବିପଦ: ମୁଣ୍ଡ ଉପରେ ଝୁଲୁଛି ବିଜୁଳି ତାର



**ତିର୍ତ୍ତୋଲ,୨୮।୯ (ସଂଚାର ବ୍ୟୁରୋ)**: ଶକ୍ତି ବିଭାଗ ର ବେପରୁଆ ମନବୃତ୍ତି ପାଇଁ ପ୍ରତି ବର୍ଷ ସହ ସହ ସଂଖ୍ୟାରେ ସାଧାରଣ ଲୋକଙ୍କ ଜୀବନ ଯାଉଥିବା ବେଳେ ଆଉ କେତେ ଜୀବନ ଗଲେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିବ ତାହାକୁ ନେଇ ଏବେ ସାଧାରଣ ରେ ଚର୍ଚ୍ଚା ହେଉଛି। ସେହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଅଧୀନସ୍ଥ ସାଗବାରିଆ ଗ୍ରାମ ର ଆରମ୍ଭରେ ଦେଖିବାକୁ ମିଳିଛି ବିଦ୍ୟୁତ୍ ବିଭାଗର ଏଭଳି ମଚ୍ଛର ମନୋଭାବ। ଦୈନିକ ଏହି ଶାଗବାରିଆ ରାଜସ୍ୱ ଗ୍ରାମ କୁ ଶହ ଶହ ଲୋକ ଯାତାୟତ କରୁଥିବା ବେଳେ ବହୁ ସଂଖ୍ୟାରେ ସ୍କୁଲ ଛାତ୍ର, ଛାତ୍ରୀ ଏହି ବାଟଦେଇ ଯିବା ଆସିବା କରନ୍ତି। ମାତ୍ର ରାସ୍ତାରୁ ୭ଫୁଟ ଉଚ୍ଚତାରେ ଝୁଲୁଛି ବୁଦ୍ୟତ୍ ତାର କାଳ ଯମ ! କେତେବେଳେ ଯେ କାହା ଜୀବନ ନେବ ତାହା କହିବା ମୁସ୍କିଲ, ହୋଇପଡ଼ିଛି। ବହୁତ୍ ଦୂରତାରେ ଖୁଣ୍ଟ ଥିବାରୁ ଏହି ତାର ଅସମ୍ଭାଳ ହୋଇ ଦିନକୁ ଦିନ ତଳକୁ ତଳକୁ ଖସିବାରେ ଲାଗିଛି। ପ୍ରତିଦିନ ବିଦ୍ୟୁତ ବିଭାଗର କର୍ମଚାରୀ ସେହି ବାଟଦେଇ ଯିବା ଆସିବା କରୁଥିବା ବେଳେ ସବୁ ଦେଖି ଚୁପ୍ ବସିଛନ୍ତି ସିନା ଖୁଣ୍ଟ ପକାଇବାକୁ କାହାର ଆନ୍ତରିକତା ନାହିଁ। ଦେଖା ଯାଉ କେବେ କାହାର ଜୀବନ ଗଲାପରେ ବିଦ୍ୟତ୍ ବିଭାଗ ଅଧିକାରୀ ଙ୍କ ନିଦ ଭାଙ୍ଗିବ ନା ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି ଦେଖିବାକୁ ବାକି ରହିଲା।

# ଯୁଗ୍ମ ଅଭିଯୋଗ ଶୁଣାଣି: ୨୮ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୨୮ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଦରଖାସ୍ତ ଥିଲା।



ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ବିନିକା ତହସିଲଦାର ରସନା ଭୋଇ, ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ବାଗ, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଶକ୍ତିମୟୀ ଫାଉଣ୍ଡେସନର ଦଶମ ବାର୍ଷିକୋତ୍ସବ



**ଲାଞ୍ଜିଗଡ଼,୨୮।୯(ସଂଚାର ବ୍ୟୁରୋ)**: ଶକ୍ତିମୟୀ ଫାଉଣ୍ଡେସନ ର ଦଶମ ବାର୍ଷିକ ଉତ୍ସବ ଆଜି ଲାଞ୍ଜିଗଡ଼ ଠାରେ ସଭାନେତ୍ରୀ ଯଶୋଦା ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମସ୍ତ ଟ୍ରଷ୍ଟିଙ୍କ ଦ୍ୱାରା ଦଶଗୋଟି ପ୍ରଦୀପ ପ୍ରଜ୍ୱଳନ ସହିତ ପୂଜାପାଠ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ସମ୍ପାଦିକା ପ୍ରବୀଣା ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ।ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ଲାଞ୍ଜିଗଡ଼ ସହଯୋଗରେ ଶକ୍ତିମୟୀ ଫାଉଣ୍ଡେସନ ଲାଞ୍ଜିଗଡ଼ ବ୍ଲକ ଓ ମୁନିଗୁଡ଼ା ବ୍ଲକ ରେ ମହିଳା ସଶକ୍ତିକରଣ, ପେହେଲି ଉଡାନ ପ୍ରକଳ୍ପ ଜରିଆରେ କିଶୋରୀ ସ୍ୱାସ୍ଥ୍ୟ, ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସୋଲାର ଲାଇଟ୍ ବିତରଣ, ପ୍ରକଳ୍ପ ସହଯୋଗ, ପ୍ରକଳ୍ପ ମିଳାପ କାର୍ଯ୍ୟକ୍ରମ ସବୁ କରିଆସୁଛି। ଶକ୍ତିମୟୀ ଫାଉଣ୍ଡେସନ ର ଟ୍ରଷ୍ଟି ବାସନ୍ତୀ ସ୍ୱାଇଁ, ଭାଗ୍ୟଲତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ସାବିତ୍ରୀ ପାଳକିଆ, ପରାମର୍ଶଦାତା ତଥା ଟ୍ରଷ୍ଟି ଶ୍ରୀମୁଖ ଅଗସ୍ତି ଯୋଗ ଦେଇ ତାଙ୍କର ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରି ଶକ୍ତିମୟୀ ଫାଉଣ୍ଡେସନର ଆଗାମୀ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ସୋନୁ ପଧାନ ଓ ସୁଜନ ହରିଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ କୋଷାଧ୍ୟକ୍ଷ ଶୁଭଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମେରା ଯୁବ ଭାରତ ସଂଗଠନ ପକ୍ଷରୁ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୮।୯(ସଂଚାର ବ୍ୟୁରୋ)**: କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକର ଗୋପୀନାଥପୁରରେ ସେବା ପଖୱାଡା-୨୦୨୬ ଅବସରରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମାଇ ଭାରତ କଳାହାଣ୍ଡି ଓଡ଼ିଶା,ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସହଯୋଗରେ ଏବଂ ଭଗତ ସିଂହ କ୍ଲବ ଦ୍ୱାରା ଗୋପୀନାଥପୁରର ସହଭାଗିତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ଅଞ୍ଚଳର ପରିବେଶ ସୁରକ୍ଷା ଓ ପରିଚ୍ଛନ୍ନତା ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୃକ୍ଷରୋପଣ କରାଯିବା ସହ ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା। ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା,ସ୍ୱଚ୍ଛତା ଓ ସାମାଜିକ ଦାୟିତ୍ୱ ପ୍ରତି ଅଧିକ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ମାଇ ଭାରତ ଅଧୀନରେ ଲାଞ୍ଜିଗଡ଼ ବ୍ଲକର ଜାତୀୟ ଯୁବ ସ୍ୱେଚ୍ଛାସେବକ (ଏନ୍‌ଓ୍ୱାଇଭି) ଭାବେ କାର୍ଯ୍ୟରତ ଗୋବିନ୍ଦ ବାଗଙ୍କ ସକ୍ରିୟ ଭୂମିକା ରହିଥିଲା।ସେବା ପଖୱାଡା ଅବସରରେ ଆୟୋଜିତ ଏହି ବୃକ୍ଷରୋପଣ ଓ ସଫେଇ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷା ସହ ସ୍ୱଚ୍ଛ ଓ ସବୁଜ ସମାଜ ଗଠନ ପାଇଁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରାଯାଇଛି।

# ଓ୍ୟୁଜେ ନିର୍ବାଚନ, ପ୍ରଦୀପ୍ତ ସଭାପତି, ଅଭୟ ସମ୍ପାଦକ

**ବଲାଙ୍ଗୀର,୨୮।୯(ସଂଚାର ବ୍ୟୁରୋ)**: ବଲାଙ୍ଗୀର ଜିଲା ଓ୍ୟୁଜେ ସାମ୍ବାଦିକ ସଂଗଠନର ଆଜି ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଦ୍ୱିବାର୍ଷିକ ନିର୍ବାଚନ ସମ୍ପନ୍ନ ହୋଇଛି। ବୈଠକରେ ସର୍ବସମ୍ମତି କ୍ରମେ ପ୍ରଦୀପ୍ତ ମିଶ୍ର ସଭାପତି ଏବଂ ଅଭୟ ତ୍ରିପାଠୀ ସମ୍ପାଦକ ଭାବରେ ଆଗାମୀ ଦୁଇ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଓ୍ୟୁଜେ ସଦସ୍ୟ ଶ୍ରୀବତ୍ସ ବେହେରା ନିର୍ବାଚନ ଅଧିକାରୀ ଭାବରେ ନିର୍ବାଚନ ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ ରିତୁରାଜ ସିଂହ ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ସଭାରେ ଓ୍ୟୁଜେର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ କମ୍ବୁପାଣି ମିଶ୍ର ମୁଖ୍ୟଅତିଥି ତଥା ସଂଘର ରାଜ୍ୟ ଉପସଭାପତି ସନ୍ତୋଷ ସିଂଦେଓ, ବରିଷ୍ଠ ସଦସ୍ୟ ଦୀପକ ସମ୍ପାଦାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓ୍ୟୁଜେ ସର୍ବଦା ସାମ୍ବାଦିକଙ୍କ ସୁରକ୍ଷା, ସମ୍ମାନ, ପେନସନ ନେଇ ସଂଗ୍ରାମ କରିଆସିଛି ବୋଲି ମତବ୍ୟକ୍ତ କରିଥିଲେ।

# ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳନ

**ବୈଶିଙ୍ଗା,୨୮।୯ (ସଂଚାର ବ୍ୟୁରୋ)**: ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱରେ ବିଶ୍ୱ ଜଳାତଙ୍କ ଦିବସଟି ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ଼. ପାର୍ଥସାରଥୀ ସେନାପତି, ପ୍ରାଣୀ ଚିକିତ୍ସକ, ବୈଶିଙ୍ଗା ଯୋଗ ଦେଇ ଜଳାତଙ୍କ ରୋଗ ର କାରଣ, ଚିକିତ୍ସା ଓ ନିରାକରଣ ସମ୍ପର୍କ ରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ- ଶିକ୍ଷୟିତ୍ରୀ ଙ୍କ ବିଭିର୍ନ ପ୍ରଶ୍ନ ର ଉତ୍ତର ରଖିଥିଲେ। କୁକୁର, ବିରାଡ଼ି, ମାଙ୍କଡ଼, ଅନ୍ୟାନ୍ୟ ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଦ୍ୱାରା ଚଳିତ ବର୍ଷ ର ଥିମ ଈଏକତା ହିଁ ଶକ୍ତିଈ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ପ୍ରଧାନଶିକ୍ଷକ ମତ ପ୍ରକାଶ କରି ଥିଲେ। ପ୍ରାଣୀ ଚିକିତ୍ସାଳୟ ବୈଶିଙ୍ଗା



ର ଏଲ. ଆଇ. ମନୋରମା ପ୍ରଧାନ, କର୍ମଚାରୀ ହରେକୃଷ୍ଣ ଦାସ ଓ ଜ୍ୟୋତିପ୍ରକାଶ ଗିରି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର, ଜୟଶ୍ରୀ ପାଢ଼ୀ, ଜଗନ୍ନାଥ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ।

# ବେଆଇନ ଗଞ୍ଜେଇ, କଫସିରଫ ଓ ୩ କାର ଜବତ; ୫ ଗିରଫ

**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ)**: ନଶା ମୁକ୍ତ ଓଡିଶା ଅଭିଯାନ ଓ 'ଦମନ' ମିଶନରେ ସୁବର୍ଣ୍ଣପୁର ପୋଲିସକୁ ଗୋଟିଏ ପରେ ଗୋଟିଏ ସଫଳତା ମିଳୁଛି। ଗତକାଲି ଜିଲ୍ଲାର ୩ ଗୋଟି ପୃଥକ୍ ପୃଥକ୍ ସ୍ଥାନରେ ଚଢ଼ାଉ କରାଯିବା ସହ ସମୁଦାୟ ୧.୪୬ କ୍ୱିଣ୍ଟାଲ ଗଞ୍ଜେଇ, ୩୮୦ ବୋତଲ କଫ୍ ସିରପ୍, ୦୧ଟି ଏୟାର ପିସ୍ତଲ, ୦୩ଟି ଚାରିଚକିଆ ଯାନ, ୦୧ଟି ବାଇକ୍ ଏବଂ ନଗଦ ୧, ୩୯, ୦୦୦/- ଟଙ୍କା ଜବତ କରାଯାଇଛି ଏବଂ ଏହି ଘଟଣା ଗୁଡ଼ିକରେ ମୋଟ ୦୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଆଜି ଏକ



ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ନାରାୟଣ ନାୟକ। ସୂଚନା ରୁ ପ୍ରକାଶ ଯେ ସୋନପୁର ସଦର ଥାନା ଅଞ୍ଚଳରେ ବେଆଇନ କଫ ସିରଫ ଓ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ସୋନପୁର ପୋଲିସ ଜନମୁରା ଗାଁ ର ରାଜେଶ ମିଶ୍ର(୩୦) ଓ ଉତ୍ତର ପ୍ରଦେଶ ରାଜ୍ୟ ଚିତ୍ରକୋଟ ଜିଲ୍ଲା କର୍ବୀ ଥାନା ଅଞ୍ଚଳ ର କର୍ଣ୍ଣ ପ୍ରସାଦ(୨୧) ଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ବେଆଇନ କଫ ସିରଫ୍ ଓ ଗଞ୍ଜେଇ କାରବାରର ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ଏସପି ନାରାୟଣ ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋନପୁର ସଦର ଥାନା ଆଇଆଇସି ଯାଦବ ବାଗ ଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମରେ ବଛା ବଛା ଅଫିସର ଜନମୁରା ଗାଁ ର ରାଜେଶ ମିଶ୍ର ଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରୁ ପ୍ରାୟ ୪୧ କେଜି ଗଞ୍ଜେଇ ଓ ୩୮୦ ବୋତଲ କଫ ସିରପ୍, ୧ ଗୋଟି ଏୟାର ପିସ୍ତଲ ଓ ନଗଦ ୧ ଲକ୍ଷ ୧୯ ହଜାର ଟଙ୍କା ଜବତ ହୋଇଥିଲା। ପରେ ତୁରନ୍ତ ଏସପି ଶ୍ରୀ ନାୟକ, ଏଡିସିନାଲ ଏସପି କେ.କେ ହରିପ୍ରସାଦ, ଏସଡିପିଓ କଲ୍ୟାଣୀ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏବଂ ଓଡ଼ି-୦୮ଏମ୍-୪୪୭୬ ନମ୍ବର ବିଶିଷ୍ଟ ସ୍ୱିଫ୍ଟ ଡିଜାୟର କାର୍ ଓ ଓଡ଼ି-୩୧ସି-୯୬୮୪ ନମ୍ବର ବିଶିଷ୍ଟ ପଲସର ବାଇକ ମଧ୍ୟ ଜବତ କରାଯାଇଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ବଲାଙ୍ଗିର,୨୮।୯(ସଂଚାର ବ୍ୟୁରୋ)**: ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଆଗଲପୁର(ଡୁଡୁକା) ପଞ୍ଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଏଥିରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଆଜିର ଶିବିରରେ ମୋଟ ୪୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୩୫ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ଥିଲା। ତଦ୍‌ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅବଶିଷ୍ଟ ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା ଓ ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଲଦୀପ ମହାନ୍ତିଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଋଣ ଶୁଝି ନପାରିବାରୁ ଘର ସିଲ୍ କଲା ୟୁକୋ ବ୍ୟାଙ୍କ

# ସାର୍ଫେସି ଆଇନରେ ଏ୦.୧୦୦ ଡି ସମ୍ପତ୍ତି ଦଖଲ

**ବାଲିକୁଦା, ୨୮।୯ (ସଂଚାର ବ୍ୟୁରୋ)**: ସାର୍ଫେସି ଆଇନ ଅନୁଯାୟୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅଧୀନ କରମଙ୍ଗା ମୌଜାରେ ଥିବା ଏକ ଘରବାରି ସମ୍ପତ୍ତିକୁ ୟୁକୋ ବ୍ୟାଙ୍କ ପକ୍ଷରୁ ଦଖଲ କରାଯାଇଛି। ବ୍ୟାଙ୍କର ଅଧିକୃତ ଅଧିକାରୀ ସାର୍ଫେସି ଆଇନର



ଧାରା ୧୩(୪) ସହିତ ସମ୍ପର୍କିତ ନିୟମ ୮/୯ ଅନୁଯାୟୀ ଏହି ଦଖଲ ପ୍ରକ୍ରିୟା ସମ୍ପନ୍ନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କରମଙ୍ଗା ମୌଜାର ଶ୍ରୀ ନାରାୟଣ ମଲ୍ଲ ଓ ତାଙ୍କ ଭାଇ ସଞ୍ଜୟ ମଲ୍ଲ ଜଗତସିଂହପୁର ଜିଲ୍ଲାପାଳ କ୍ୟାମ୍ପସସ୍ଥିତ ୟୁକୋ ବ୍ୟାଙ୍କ ଶାଖାରୁ ହୋମ୍ ଲୋନ୍ ବାବଦରେ ୬ ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ଋଣ ଓ ସୁଧ ମିଶି ବକେୟା ରାଶି ୧୩ ଲକ୍ଷ ୪୬ ହଜାର ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ବକେୟା ଋଣ ପରିଶୋଧ ନହେବାରୁ ବ୍ୟାଙ୍କ ପକ୍ଷରୁ ଋଣଗ୍ରହୀତାଙ୍କୁ ବାରମ୍ବାର ନୋଟିସ୍ ଜାରି କରାଯାଇ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ ସଞ୍ଜୟ ମଲ୍ଲ ଗ୍ରହଣ କରିଥିବା ଜଣାପଡ଼ିଛି। ଆଜି ବାଲିକୁଦା ଥାନା ଅଧିକାରୀ, ମାଜିଷ୍ଟ୍ରେଟ୍, ଜିଲ୍ଲାପାଳ କ୍ୟାମ୍ପସସ୍ଥିତ ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ଓ ରିଜର୍ଭ ପୋଲିସଙ୍କ ଉପସ୍ଥିତିରେ ଦଖଲ ପ୍ରକ୍ରିୟା କରାଯାଇଥିଲା। ଖାତା ନମ୍ବର ୪୯୯/୦୮ ଓ ପ୍ଲଟ୍ ନମ୍ବର ୨୪/୧୩୯୦ରେ ଥିବା ଏ ୦.୧୦୦ ଡି ଘରବାରି ସମ୍ପତ୍ତିକୁ ବ୍ୟାଙ୍କ ପକ୍ଷରୁ ନିଜ ଅକ୍ତିଆରକୁ ନିଆଯାଇ ଘରକୁ ସିଲ୍ କରାଯାଇଛି। ବ୍ୟାଙ୍କର ଦଖଲ ଘୋଷଣା ଅନୁଯାୟୀ, ଉକ୍ତ ସମ୍ପତ୍ତିର ମାଲିକ ଭାବେ ଶ୍ରୀ ନାରାୟଣ ମଲ୍ଲଙ୍କ ନାମ ଉଲ୍ଲେଖ ରହିଛି। ଏଥିସହ ଉକ୍ତ ସମ୍ପତ୍ତିରେ କୌଣସି ବ୍ୟକ୍ତି ଅନଧିକୃତ ଭାବେ ପ୍ରବେଶ କିମ୍ବା ଦଖଲ କଲେ, ତାଙ୍କ ବିରୋଧରେ ଆଇନାନୁଯାୟୀ ମାମଲା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବିପଜ୍ଜନକ ଅବସ୍ଥାରେ ବୈଶିଙ୍ଗା -ରୁଷ୍ୱା ରାସ୍ତା



**ବୈଶିଙ୍ଗା,୨୮।୯ (ସଂଚାର ବ୍ୟୁରୋ)**: ବୈଶିଙ୍ଗା ଠାରୁ ରୁଷ୍ୱା ପର୍ଯ୍ୟନ୍ତ ୧୩ କିମି ରାସ୍ତାର ଉଭୟ ପାର୍ଶ୍ୱ ସମ୍ପ୍ରସାରିତ କରାଯିବା ପାଇଁ ଦୁଇ ମାସ ତଳେ ୨୩ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରୀ ମିଳିବା ପରେ ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ କରାଗଲା ସତ ମାତ୍ର ପୁରୁଣା ରାସ୍ତା ମରାମତି ନ କରିବା ଯୋଗୁଁ ଯାନବାହନ ଚଳାଚଳ ପାଇଁ ମରଣ ଯନ୍ତା ପାଲଟିଛି। ଚଳିତ ବର୍ଷ ପ୍ରାୟ ତିନି ମାସ ଧରି ଲଗାଣ ବର୍ଷା ଲାଗି ରହିବା ଯୋଗୁଁ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି। ଦୈନନ୍ଦିନ ବାଇକ ଦୁର୍ଘଟଣା ଟା ସାଧାରଣ କଥା ପାଲଟି ଯାଇଛି। ଏହା ବାଦ୍ ଏହି ରାସ୍ତାରେ ଚଳାଚଳ କରୁଥିବା ଟ୍ରକ୍, ବସ୍, କାର, ଅଟୋ ରିକ୍ସା ଆଦି ସମସ୍ତ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାର ଦେଖାଯାଉଛି। ରାସ୍ତା ମଝିରେ ବଡ ବଡ ଗର୍ତ୍ତ ହୋଇ ଯାଇଥିବାରୁ ଗାଡି ଗୁଡିକ ଭାଙ୍ଗି ଯାଉଛି। ଚଳିତ ବର୍ଷ ଲଗାଣ ବର୍ଷା ହେବା ଫଳରେ ଏହି ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବା ଯୋଗୁଁ ଦୁଇ ତିନୋଟି ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱ ଖାଇ ଯିବା ଯୋଗୁଁ ରାସ୍ତାଟି ଝୁଲି ରହିଛି। ବିଭାଗ ତରଫରୁ ଅସ୍ଥାୟୀ ମରାମତି କରାଯାଇଥିଲେ ମଧ୍ୟ କେତେ ଦିନ ଗାଡି ଚଳାଚଳ ହୋଇ ପାରିବ ତାହା ଚିନ୍ତାର ବିଷୟ ପାଉଟିଛି।

# ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ ଦାବି

**ବାଲିଆପାଳ, ୨୮।୯(ସଂଚାର ବ୍ୟୁରୋ)**: ୩୦ ଦିନ ଭିତରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଚାରି ଚାରି ଥର ବନ୍ୟା ଆସି ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାଷୀ ମାନେ ସମବାୟ ସମିତିରୁ କୃଷି ଋଣ କରି ଚାଷ କରିଥିଲେ। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଚାଷ ଜମିକୁ ଆଉ ଦା ଯିବା ସମ୍ଭବ ନୁହେଁ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ତେବେ ଚଳିତ ବର୍ଷ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପଞ୍ଚାୟତ ମଧ୍ୟରୁ ଅସ୍ତି ପଞ୍ଚାୟତ ଅନ୍ୟତମ ଅଟେ।ଏଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାପାଳ ସେବା ସମବାୟ ସମିତିର ସଭାପତି ତଥା ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ ସଦସ୍ୟ ସମାଜସେବୀ ଦୟାନିଧି ମହାପାତ୍ର ଅସ୍ତି ପଞ୍ଚାୟତର ସମସ୍ତ ଚାଷୀ ଯେଉଁମାନେ ବଡ଼ାପାଳ ସେବା ସମବାୟ ସମିତିରୁ କୃଷି ଋଣ କରି ଧାନ ଚାଷ କରିଥିଲେ ସେମାନଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ କରିବାକୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଏଠାରେ ସୂଚନା ଥାଉକି ବଡ଼ାପାଳ ସେବା ସମବାୟ ସମିତିରୁ ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୧ ହଜାର ୮୨ ଜଣ ଚାଷୀ ୪ କୋଟି ୨୫ ଲକ୍ଷ ୫୨ ହଜାର ୯ ଶହ ଟଙ୍କା କୃଷି ଋଣ ଆଣି ଖରିଫ ଧାନ ଚାଷ କରିଛନ୍ତି। ମାତ୍ର ଲଗାତାର ବନ୍ୟା ଫଳରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ଲୁହ ଗଡ଼ାଉଛି। ଏହି ଭଳି ଏକ ଦୁର୍ଦ୍ଦିନ ସମୟରେ ଚାଷୀଙ୍କ ସ୍ୱର ପାଲଟିଛନ୍ତି ବିଜେପି ନେତା ତଥା ସମବାୟ ସମିତି ସଭାପତି ଦୟାନିଧି ମହାପାତ୍ର। ତାଙ୍କର ଏଭଳି ଉଦ୍ୟମକୁ ବୁଦ୍ଧିଜୀବିମାନେ ପ୍ରଶଂସା କରିଛନ୍ତି।

# ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା

**ଦିଗପହଣ୍ଡି,୨୮।୯(ସଂଚାର ବ୍ୟୁରୋ)**: ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ସୋମବାର ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଟିଏଲସି ସମ୍ପାଦକ ତଥା କୋର୍ଟ କର୍ମଚାରୀ ପ୍ରଦୀପ କୁମାର ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଦିଗପହଣ୍ଡିସ୍ଥିତ ସିଭିଲ ଜଜ (ସିନିୟର ଡିଭିଜନ) କୋର୍ଟର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ଯୋଗଦେଇ ବିଭିନ୍ନ ଆଇନ ଓ ମାଗଣା ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ।ସେ ଯୌତୁକ ନିର୍ଯାତନା ନିରୋଧ ଆଇନ, ଶିଶୁଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଆଇନ (ପୋକ୍ସୋ), ଯୌନ ଉତ୍ପୀଡ଼ନର ଶିକାର ମହିଳା ଓ ଅନ୍ୟାନ୍ୟ ଅପରାଧରେ ପୀଡ଼ିତଙ୍କ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ପକ୍ଷରୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ସ୍କିମ-୨୦୧୮ ସମ୍ପର୍କରେ ଆଲୋଚନା କରିଥିଲେ।